ବର୍ଷ-୨୫, ସଂଖ୍ୟା-୨୦୮
ଭୁବନେଶ୍ୱର
୦୪, ଅଗଷ୍ଟ, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 208
Bhubaneswar
04, August, 2025 Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଘରୋଇ ସହାୟିକାଙ୍କ ପାଇଁ ଚିନ୍ତାରେ ଅଙ୍କିତା



# କେନ୍ଦୁଝର ଜିଲ୍ଲାର ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର /କେନ୍ଦୁଝର,୩।୮(ମହାଭାରତ): ମୁଖ୍ୟମନ୍ତ୍ରୀମୋହନ ଚରଣ ମାଝୀ ଆଜି କେନ୍ଦୁଝର ଜିଲ୍ଲା ଗସ୍ତ କରି ଦରବାର ହଲଠାରେ ଜିଲ୍ଲାର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ବୈଠକରେ ମୁଖ୍ୟମନ୍ତ୍ରୀ, ଜଙ୍ଗଲ ସୁରକ୍ଷା, ପର୍ଯ୍ୟଟନ, ଗ୍ରାମ୍ୟ ଉନ୍ନୟନ, ସଡ଼କ, ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ମହିଳା ସଶକ୍ତିକରଣ, କୃଷି ସମେତ ଶିଳ୍ପ ସମ୍ବନ୍ଧରେ ବିଶଦ ଭାବେ ଜିଲ୍ଲାପାଳ ଓ ଅଧିକାରୀଙ୍କ ସହ

## ଆମ୍ବୁଲାନ୍ସ, ନଡ଼ିଆ ସଂଗ୍ରହ ବାହନ, ଏକଲ ରଥ ଓ ଜନ ପ୍ରତୀକ୍ଷାଳୟ ଉଦ୍‌ଘାଟିତ

ଆଲୋଚନା କରିଥିଲେ। କେନ୍ଦୁଝର ଜିଲ୍ଲାରେ ଏହି ସବୁ କାର୍ଯ୍ୟର ଉପଯୁକ୍ତ କାର୍ଯ୍ୟାନ୍ୱୟନ ଯୋଗୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ। ପ୍ରକଳ୍ପ ଗୁଡ଼ିକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜିର ବୈଠକରେ ବିଭିନ୍ନ ସ୍ଥାନକୁ ଯୋଗାଯୋଗ ତଥା ଗମନାଗମନ ଉପରେ ଗୁରୁତ୍ୱ ଦେଇ ସମ୍ପୃକ୍ତ ପ୍ରକଳ୍ପଗୁଡ଼ିକର ପୁଙ୍ଖାନୁପୁଙ୍ଖ ସମୀକ୍ଷା। କରିଥିଲେ। ରାଇସୁଆଁ ଏୟାର୍ ଷ୍ଟ୍ରିପ୍, କେଉଁଝର ବାଇପାସ୍, ଆଇକନିକ୍ ବ୍ରିଜ୍, ରେଲୱେ ଷ୍ଟେସନ୍ ରାସ୍ତା, ନୁଦୁରପଡ଼ାରୁ କାଳିଆହତା ରାସ୍ତା, ପିଠାଗୋଳା ରାସ୍ତା (ହରିଚନ୍ଦନପୁରରୁ ତେଲକୋଇ), ଶୁଆକଟି ଦୁଗୁନା ବ୍ରିଜ୍ ବୈତରଣୀ ନଦୀ ଉପରେ, ମାଇନିଙ୍ଗ କରିଡ଼ର ଓ ଅନ୍ୟ ମୁଖ୍ୟ ରାସ୍ତା କାମର ସମୀକ୍ଷା। କରି ଅଗ୍ରଗତି ଉପରେ ସନ୍ତୋଷ ପ୍ରକାଶ କରିଥିଲେ। ଏହାସହିତ ମନୋହରପୁରରୁ ପିଠାଗୋଳା ରାସ୍ତା, ଘଟଗାଁ-ହରିଚନ୍ଦନପୁର-ଦୈତାରି ରାସ୍ତା। ଡେଙ୍କିକୋଟରୁ ବାରହାଟିପୁରା ରାସ୍ତା, ଘଟଗାଁରୁ ଗୁଣ୍ଡିଚାଘାଗି ରାସ୍ତାର ଉନ୍ନତିକରଣ ପ୍ରକଳ୍ପଗୁଡ଼ିକର ସମୀକ୍ଷା। କରିବା ସହ ରାମଚନ୍ଦ୍ରପୁରରୁ ଦେଓଗାଁ ବ୍ରିଜ ଶୀଘ୍ର ଶେଷ କରିବା ନୂଆ ରାସ୍ତା ଓ ବ୍ରିଜ୍ ଗୁଡ଼ିକର ନୂତନ ପ୍ରସ୍ତାବ ମଧ୍ୟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ବିଭାଗର କାର୍ଯ୍ୟ ସମ୍ବନ୍ଧରେ ଜିଲ୍ଲାପାଳ ଓ ସମ୍ପୃକ୍ତ ଅଧିକାରୀଙ୍କଠାରୁ ତଥ୍ୟ ନେବା ସହିତ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ପ୍ରଶ୍ନ କରିଥିଲେ ଏବଂ ଯେଉଁ କାର୍ଯ୍ୟ ଗୁଡ଼ିକ ମନ୍ଥର ଗତିରେ କାର୍ଯ୍ୟକାରୀ ହେଉଛି ତାହାର କାରଣ ବୁଝି ଏଥିପାଇଁ ଯାଥୋଚିତ ପଦକ୍ଷେପ ନେବାପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।ସର୍କିଟ ହାଉସ ଆନେକ୍ସ ବିଲଡିଂ କାମ ତ୍ୱରାନ୍ୱିତ କରିବା, ଡିପିଆର ପ୍ରସ୍ତୁତି, ଭୂମି ଅଧିଗ୍ରହଣକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବନ ବିଭାଗର ସମସ୍ତ ସମସ୍ୟା ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଟେଣ୍ଡର କାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରିତ ସମୟାନୁସାରେ କାର୍ଯ୍ୟକାରୀ କରିବା ଓ ସମସ୍ତ କାର୍ଯ୍ୟର ଗୁଣବତ୍ତା ବଜାୟ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ।



ସମୀକ୍ଷାରୁ ଜଣା ଯାଇଛି ଯେ, କେଉଁଝର ଜିଲ୍ଲା ପ୍ରଶାସନ ରାସ୍ତା ସଂଯୋଗୀକରଣ, ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଗ୍ରାମୀଣ ବିକାଶକୁ ବୃଦ୍ଧି କରିବା ପାଇଁ ଅନେକ ମହତ୍ୱାକାଂକ୍ଷୀ ଭିତ୍ତିଭୂମି ଏବଂ କଲ୍ୟାଣକାରୀ ପ୍ରକଳ୍ପ ହାତକୁ ନେଇଛି। ସେଗୁଡ଼ିକ ମଧ୍ୟରେ ରାଇସୁଆଁ ଏୟାରଷ୍ଟ୍ରିପର ଉନ୍ନତି, କେନ୍ଦୁଝର ବାଇପାସ୍ ରାସ୍ତା ନିର୍ମାଣ ବିଭିନ୍ନ ରାସ୍ତା ଏବଂ ସେତୁ ପ୍ରକଳ୍ପ ମଧ୍ୟ ଅନ୍ତର୍ଭୁକ୍ତ। ବଡ଼ବିଲ୍ ବାଇପାସ୍ ପ୍ରକଳ୍ପ ଏବଂ ଏନଏଚ-୪୯ ସମ୍ପ୍ରସାରଣ ଦ୍ୱାରା ଆଂଚଳିକ ସଂଯୋଗୀକରଣକୁ ବୃଦ୍ଧି କରିବା କାମର ତଥ୍ୟ ନେଇଥିଲେ। ସ୍ୱାସ୍ଥ୍ୟସେବା ଓ ଶିକ୍ଷା ସେବାକୁ ଆହୁରି ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ସୁଭଦ୍ରା ଯୋଜନାରେ ଓ ଲକ୍ଷପତି ଦିଦି ଯୋଜନାରେ କେନ୍ଦୁଝର ଜିଲ୍ଲା ଓଡ଼ିଶାରେ ବିଶେଷ ଅଗ୍ରଗତି କରୁଥିବାରୁ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ସାଧୁବାଦ ଦେଇଛନ୍ତି। ଜିଲ୍ଲାରେ ଆଇନ ଶୃଙ୍ଖଳା ଓ ଅନ୍ୟାନ୍ୟ ଚ୍ୟାଲେଞ୍ଜଗୁଡ଼ିକ ସମ୍ପର୍କରେ ତଥ୍ୟ ଗ୍ରହଣ କରି ଏଥି ନିମନ୍ତେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆଗାମୀ ଦିନରେ କେନ୍ଦୁଝର ଜିଲ୍ଲାକୁ ଏକ ଆଦର୍ଶ ଜିଲ୍ଲା ଭାବେ ଗଢ଼ିତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ଶିଳ୍ପ ସ୍ଥାପନ, ପର୍ଯ୍ୟଟନ ବିକାଶ ଓ ନବୀକରଣୀୟ ଶକ୍ତି ଉପରେ ଧ୍ୟାନ ଦେଇ ଏ ସମ୍ପର୍କରେ ଏକ ବିସ୍ତୃତ ଯୋଜନା ଆଗାମୀ ପ୍ରସ୍ତୁତ କରିବା, ଯେଉଁ ସ୍ଥାନରେ ପାନୀୟଜଳର ଅସୁବିଧା ହେଉଛି ସେଠାରେ ଅଧିକାରୀ ମାନେ ଯଥାଶୀଘ୍ର ପଦକ୍ଷେପ ନେବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପ୍ରସ୍ତାବିତ ବଡ଼ବିଲରୁ ଚମ୍ପୁଆଖୋଲ ରାସ୍ତାର ସମ୍ପ୍ରସାରଣର ବିସ୍ତୃତ ରିପୋର୍ଟ ପ୍ରସ୍ତୁତି କାର୍ଯ୍ୟକୁ ଶୀଘ୍ର ଶେଷ କରିବା, ରିମୁଳି ରୁ ପାଣିକୋଇଲି ରାସ୍ତା, ରୀମୁଳିରୁ ରାଜାମୁଣ୍ଡା ରାସ୍ତା ଏବଂ ଜାତୀୟ ରାଜପଥ ପ୍ରାଧିକରଣ ଅନ୍ତର୍ଗତ ଅନ୍ୟାନ୍ୟ ରାସ୍ତାର ମରାମତି ଅବା ଅନ୍ୟାନ୍ୟ ଅସୁବିଧା ଗୁଡ଼ିକୁ ଶୀଘ୍ର ସମାଧାନ କରାଯାଇ ରିପୋର୍ଟ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଷ୍ଟିଲ ପ୍ଲାଣ୍ଟ ନିର୍ମାଣ, ମା' ତାରିଣୀ ପୀଠର ଉନ୍ନତିକରଣ, ବଡ଼ବିଲ ବାଇପାସ୍, କାଶିପୁର ଓ ପାୱାର ହାଉସ୍ ପୋଖରୀ କାର୍ଯ୍ୟ ବାବଦରେ ଆଲୋଚନା କରିଥିଲେ। ସେହିପରି ଜଙ୍ଗଲ ଜମି ହସ୍ତାନ୍ତର କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆହୁରି ମଧ୍ୟ ଶ୍ରୀ ମାଝୀ ସ୍ୱାସ୍ଥ୍ୟ ଓ କ୍ରୀଡ଼ା ଭିତ୍ତିଭୂମିର ଉନ୍ନତିକରଣ ନିମନ୍ତେ କମ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ଆନ୍ଧ୍ର ପଥର ଖଣିରେ ବ୍ଲାଷ୍ଟିଂବେଳେ ଅଘଟଣ

# ୬ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ଭୁବନେଶ୍ୱର,୩।୮(ମହାଭାରତ): ଆନ୍ଧ୍ରପ୍ରଦେଶର ବାପଟଲା ଜିଲ୍ଲା ବଲ୍ଲୀକୁରବା ଗାଁରେ ଏକ ଗ୍ରାନାଇଟ ପଥର ଖଣିରେ ବ୍ଲାଷ୍ଟିଂ ବେଳେ ବଡ଼ ଅଘଟଣ ଘଟିଛି। ପଥର ତଳେ ଚାପି ହୋଇ ୬ ଜଣ ଓଡ଼ିଆ ଶ୍ରମିକ ପ୍ରାଣ ହରାଇଛନ୍ତି। ମୃତ ୬ ଜଣଙ୍କ ମଧ୍ୟରୁ ୪ ଜଣ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଅଞ୍ଚଳର ହୋଇଥିବା ବେଳେ ଆଉ ୨ ଜଣ ଗଜପତି ଜିଲ୍ଲା ମୋହନା ଅଞ୍ଚଳର। ମୋହନା ଅଞ୍ଚଳର ଯେଉଁ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି ସେମାନେ ହେଉଛନ୍ତି ଢେପାଗୁଡ଼ା ପଞ୍ଚାୟତ ଅଲରା ଗାଁର ଭାସ୍କର ବିଷୋୟୀ ଓ ଟୁକୁନା ଦଳାଇ। ଗଞ୍ଜାମ ଜିଲ୍ଲାର ଦଣ୍ଡ ବଡ଼ତ୍ୟା (ପିତା- ଅଭିମନ୍ୟୁ ବଡ଼ତ୍ୟା), ବନମାଳ ଚେହ୍ରା (ପିତା- ଭଗବାନ ଚେହ୍ରା), ଭାସ୍କର ବିଶୋଇ (ପିତା- ମାଗତା ବିଶୋଇ), ସନ୍ତୋଷ ଗୌଡ଼ (ପିତା- ପୂଜ୍ୟ ଗୌଡ଼)ଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ନେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ସେମାନଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏହି ଘଟଣାରେ ପ୍ରତି ମୃତକଙ୍କ ପରିବାରର ନିକଟତମ



ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ସମସ୍ତେ ପରିବାର ପ୍ରତିପୋଷଣ ପାଇଁ ସେଠାକୁ ଯାଇ କାମକରୁଥିବା ବେଳେ ଆଜି ସେମାନଙ୍କ ମୃତ୍ୟୁ ଖବର ପାଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

ସୂଚନା ଅନୁସାରେ ଆନ୍ଧ୍ର ପ୍ରଦେଶ ବାପଟାଲା ଜିଲ୍ଲା ବାଲିକୁରୁମା ପଥର କୁଆରୀରେ ଆଜି ଶ୍ରମିକମାନେ କାମ କରୁଥିଲେ। ଏମାନଙ୍କ ମଧ୍ୟରୁ ୧୮ ଜଣ ଓଡ଼ିଆ। ଶ୍ରମିକ ଥିଲେ କାମ ଚାଲିଥିଲା ବେଳେ ବିସ୍ଫୋରଣ ଘଟିଥିଲା। ଏଥିରେ ୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୧୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତ୍ୟୁ ସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ଆନ୍ଧ୍ରପ୍ରଦେଶ ପୁଲିସ କହିବା ଅନୁସାରେ ବାପଟାଲା ଜିଲ୍ଲା ବାଲିକୁରୁଭା ନିକଟ ସତ୍ୟକ୍ରିଷ୍ଣା ଗ୍ରାନାଇଟ କୁଆଁରିରେ ଆଜି ଶ୍ରମିକମାନେ କାମ କରୁଥିଲେ। ଏହି ସମୟରେ ଅସମୟରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ପରେ ଘଟଣାସ୍ଥଳରୁ ୪ ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଥିଲା। ପଥରଖଣି ତଳେ ଚାପି ହୋଇଥିବା ଶ୍ରମିକମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ୨ ଜଣଙ୍କର ମୃତ୍ୟୁ ଘଟିଥିଲା।

# ଏମ୍‌ଭିଆଇଙ୍କ ୪୪ ପ୍ଲଟ୍



ଭୁବନେଶ୍ୱର,୩।୮(ମାଭାରତଜ): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଆଉ ଜଣେ ସରକାରୀ ବାବୁ। ଭିଜିଲାନ୍ସ ଜାଲରେ ପଡ଼ିଥିବା ବୌଦ୍ଧରେ ଏମ୍‌ଭିଆଇ ବା ମୋଟର ଭେଇକଲ ଇନ୍‌ସପେକ୍ଟର ଗୋଲାପ ଚନ୍ଦ୍ର ହାଁସଦାଙ୍କ ୪୪ଟି ପ୍ଲଟ୍ ଠାବ କରାଯାଇଛି। ଆୟ ବର୍ହିଭୂତ ସଂପତ୍ତି ଠୁଳ ଅଭିଯୋଗରେ ଆଜି ତାଙ୍କର ୬ଟି ଠିକଣାରେ ଚଢ଼ାଉ କରାଯାଇଥିବା ବେଳେ ବିପୁଳ ସଂପତ୍ତି ଠାବ କରିଛି ଭିଜିଲାନ୍ସ।ଏମ୍‌ଭିଆଇ ଗୋଲାପ ଚନ୍ଦ୍ର ହାଁସଦାଙ୍କର ୪୪ଟି ପ୍ଲଟ୍ ରହିଛି। ସେଥିରୁ ୪୩ଟି ବାରିପଦା ଓ ଏହା ଆଖପାଖ ଅଞ୍ଚଳରେ ରହିଛି। ଅନ୍ୟଟି ବାଲେଶ୍ୱର ସହର ବାହାରେ ରହିଛି। ଏହି ସବୁ ପ୍ଲଟ୍‌ଗୁଡ଼ିକର ସେଲ୍ ଡିଡ୍ ୧ କୋଟି ୪୯ ଲକ୍ଷ ଟଙ୍କାରୁ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।ରେଜିଷ୍ଟ୍ରେସନ ବେଳେ ପ୍ଲଟ୍‌ଗୁଡ଼ିକର ମୂଲ୍ୟ କମ୍ ଦର୍ଶାଯାଇଥିବା ସନ୍ଦେହ କରୁଛି ଭିଜିଲାନ୍ସ।ଏହି ସନ୍ଦର୍ଭରେ ଭିଜିଲାନ୍ସ ପକ୍ଷରୁ ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ କରାଯାଇଛି। ବାରିପଦାରେ ତାଙ୍କର ଗୋଟିଏ ଦୁଇ ମହଲା କୋଠା ଅଛି। ପ୍ରାୟ ୩୩୦୦ ବର୍ଗଫୁଟ୍ ଅଞ୍ଚଳରେ ଏହା ନିର୍ମିତ ହୋଇଛି।ସମସ୍ତ ପ୍ଲଟ୍ ଓ ଘରର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଟିମ୍ ପକ୍ଷରୁ ମାପଚୁପ ଜାରି ରହିଛି।ଏମ୍‌ଭିଆଇ ଶ୍ରୀ ହାଁସଦାଙ୍କ ଘରୁ ନଗଦ ୨ ଲକ୍ଷ ୩୮ ହଜାର ୭୨୫ ଟଙ୍କା ଜବତ କରାଯାଇଛି। ବ୍ୟାଙ୍କ, ପୋଷ୍ଟ ଅଫିସ ସହିତ ବୀମା ବାବଦକୁ ସେ ୧ କୋଟି ୩୪ ଲକ୍ଷ ୯ ହଜାର ୧୯୩ ଟଙ୍କା ଜମା ରଖିଛନ୍ତି।

ତାଙ୍କ ଘରୁ ୧ କେଜି ସୁନାଗହଣା ଓ ୨.୧୨୬ କେଜି ରୁପା ଗହଣା ଜବତ କରାଯାଇଛି ୧ କେଜି ସୁନା ମଧ୍ୟରେ ୨ଟି ସୁନା ବିସ୍କୁଟ ରହିଛି। ସେଗୁଡ଼ିକ ୫୦ ଗ୍ରାମ ଲେଖାଏଁ। ତାଙ୍କର ଗୋଟିଏ ୪ ଚକିଆ। ଗାଡ଼ି ଓ ୩ଟି ଦୁଇ ଚକିଆ। ଯାନ ଅଛି। ଏହାବାଦ୍ ଝିଅର ମେଡିକାଲ ପାଠପଢ଼ାରେ ସେ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ତାଙ୍କ ଘରେ ଥିବା ବିଭିନ୍ନ ଘରକରଣା ଓ ଆସବାବପତ୍ରର ମୂଲ୍ୟ ୧୬.୦୬ ଲକ୍ଷ ଟଙ୍କା ବୋଲି ଭିଜିଲାନ୍ସ କହିଛି ।

## ୩୫ ଅତ୍ୟାବଶ୍ୟକ ଔଷଧର ମୂଲ୍ୟ ହ୍ରାସ

ନୂଆଦିଲ୍ଲୀ,୩।୮(**ମହାଭାରତ**): ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ ପ୍ରାଧିକରଣ (ଏନପିପିଏ) ୩୫ଟି ଅତ୍ୟାବଶ୍ୟକ ଔଷଧର ମୂଲ୍ୟ ହ୍ରାସ କରିଛି।ଏହି ଔଷଧଗୁଡ଼ିକ ଅନେକ ବଡ଼ ଫାର୍ମା କମ୍ପାନୀ ଦ୍ୱାରା ବିକ୍ରି କରାଯାଏ ଏବଂ ଏଥିରେ ଆଣ୍ଟି-ଇନଫ୍ଲେମେଟୋରି, ହୃଦରୋଗ, ଆଣ୍ଟିବାୟୋଟିକ୍, ମଧୁମେହ ଏବଂ ମାନସିକ ରୋଗ ଭଳି ଗୁରୁତ୍ୱପୂର୍ଣ୍ଣ ଔଷଧ ଅନ୍ତର୍ଭୁକ୍ତ ।ରାସାୟନିକ ଏବଂ ସାର ମନ୍ତ୍ରଣାଳୟ ଏନପିପିଏର ମୂଲ୍ୟ ନିୟନ୍ତ୍ରଣ ଆଧାରରେ ଏହି ବିଜ୍ଞପ୍ତି ଜାରି କରିଛି। ନୂତନ ମୂଲ୍ୟ ଲାଗୁ ହେବା ପରେ, ଦୀର୍ଘ ସମୟ ଧରି ଦୀର୍ଘକାଳୀନ ରୋଗ ପରିଚାଳନା କରୁଥିବା ରୋଗୀମାନେ ସିଧାସଳଖ ଲାଭ ପାଇବେ ।ବିଜ୍ଞପ୍ତି ଅନୁସାରେ, ଯେଉଁ ପ୍ରମୁଖ ସ୍ଥିର ଡୋଜ୍ ମିଶ୍ରଣଗୁଡ଼ିକର ମୂଲ୍ୟ ହ୍ରାସ କରାଯାଇଛି।ସେମାନଙ୍କ ମଧ୍ୟରେ ଆସେକ୍ଲୋଫେନାକ୍-ପାରାସିଟାମୋଲ୍-ଟ୍ରାଇପ୍ସିନ୍, କାଇମୋଟ୍ରିପ୍ସିନ୍, ଆମୋକ୍ସିଲିନ୍ ଏବଂ ପୋଟାସିୟମ୍ କ୍ଲାଭୁଲାନେଟ୍, ଆଟୋରଭାଷ୍ଟାଟିନ୍ ମିଶ୍ରଣ ଏବଂ ଏମ୍ପାଗ୍ଲିଫ୍ଲୋଜିନ୍, ସିଟାଗ୍ଲିପ୍ଟିନ୍ ଏବଂ ମେଟଫର୍ମିନ୍ ଭଳି ନୂତନ ମୌଖିକ ଆଣ୍ଟି-ଡାଇବେଟିକ୍ ମିଶ୍ରଣ ଅନ୍ତର୍ଭୁକ୍ତ ଉଦାହରଣ ସ୍ୱରୂପ, ଡକ୍ଟର ରେଡ୍ଡିଜ୍ ଲ୍ୟାବ୍ସ ଦ୍ୱାରା ବଜାରକୁ ଆସୁଥିବା ଏକ ଆସେକ୍ଲୋଫେନାକ୍-ପାରାସିଟାମଲ୍-ଟ୍ରାଇପସିନ୍ କାଇମୋଟ୍ରିପସିନ୍ ଟାବଲେଟ୍ ଏବେ ୧୩ ଟଙ୍କାରେ ଉପଲବ୍ଧ ହେବ, ଯେତେବେଳେ କାଡିଲା ଫାର୍ମାସ୍ୟୁଟିକାଲ୍ସର ସମାନ ଟାବଲେଟ୍ ୧୫.୦୧ ଟଙ୍କାରେ ଉପଲବ୍ଧ ହେବ।

# ଗାଁରେ ବଳଙ୍ଗା ପୀଡ଼ିତାଙ୍କ ମୃତଦେହ

**ଭୁବନେଶ୍ୱର,୩।୮(ମହାଭାରତ):** ପୁରୀଜିଲ୍ଲା ବଳଙ୍ଗା ପୀଡ଼ିତାଙ୍କ ମୃତଦେହ ଓଡ଼ିଶାରେ ପହଞ୍ଚିଛି। ଦିଲ୍ଲୀ ଏମ୍‌ସରେ ପୋଷ୍ଟମର୍ଟମ ପରେ ବଳଙ୍ଗା ପୀଡିତାଙ୍କ ମୃତଦେହ ବିମାନରେ ଆସି ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ଏଠାରୁ କଡ଼ାସୁରକ୍ଷା ବ୍ୟବସ୍ଥା ମଧ୍ୟରେ ମହାପ୍ରୟାଣ ଗାଡ଼ିରେ ତାଙ୍କ ଜନ୍ମଭୂମିକୁ ନିଆଯାଇଛି। ପରିସ୍ଥିତି ଚାପା ଉତ୍ତେଜନା ଥିବାରୁ ବିମାନବନ୍ଦର ବାହାରେ କମିସନରେଟ ପୁଲିସ ପକ୍ଷରୁ କଡ଼ାସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପୀଡ଼ିତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀ ପହଞ୍ଚିଥିଲେ। ସ୍ୱତନ୍ତ୍ର କାରକେଡ଼ ଓ ବ୍ୟାପକ ପୁଲିସ ବ୍ୟବସ୍ଥାରେ ମୃତଦେହ କମିସନରେଟ ପୁଲିସ ସୀମା ପର୍ଯ୍ୟନ୍ତ ଯାଇଥିଲା। କମିସନରେଟ ପୁଲିସର ସୀମା ଶେଷ ହେଲା ପରେ ଉତ୍ତରାଛକ ଠାରୁ ପୁରୀ ପୁଲିସ ନିଜସ୍ୱ ସୁରକ୍ଷା ବ୍ୟବସ୍ଥାରେ ବଳଙ୍ଗା ପୀଡ଼ିତାଙ୍କ ମୃତଦେହକୁ ଗାଁ ବାୟାବରକୁ ନେଇଛି। ଆସନ୍ତାକାଲି ଶେଷକୃତ୍ୟ ସମ୍ପନ୍ନ ହେବ। ବଳଙ୍ଗା ପୀଡ଼ିତାଙ୍କ ଗତକାଲି ସନ୍ଧ୍ୟାରେ ମୃତ୍ୟୁ ଘଟିଥିଲା। ଆଜି ପୂର୍ବାହ୍ଣରେ ତାଙ୍କର ମୃତଦେହ ବ୍ୟବଚ୍ଛେଦ ହୋଇଥିଲା। ଏହା ପରେ ତାଙ୍କ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ରାଜ୍ୟ ସରକାରଙ୍କ ସହଯୋଗରେ ମୃତଦେହ ଏମ୍‌ସ ବିମାନବନ୍ଦରକୁ ସ୍ୱତନ୍ତ୍ର ବ୍ୟବସ୍ଥାରେ ରାତି ପ୍ରାୟ ୯ଟାରେ ନିଆଯାଇ ଥିଲା। ଏହା ପରେ ମୃତଦେହ ଦିଲ୍ଲୀ-ଭୁବନେଶ୍ୱର ବିମାନରେ ବାହାରିଥିଲା। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ବିମାନବନ୍ଦର ରାସ୍ତାରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବାସଭବନ ଚାରିପଟେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ରାଜଭବନରୁ ଏଜି ଛକ ପର୍ଯ୍ୟନ୍ତ ରାସ୍ତାରେ ପୁଲିସ ମୁତୟନ କରାଯାଇଛି। ବଳଙ୍ଗା ପଡ଼ିତାଙ୍କ ମରଶରୀର ତାଙ୍କ ଗାଁ କବରସ୍ଥାନରେ କବର ଦିଆଯିବ। ମୃତଦେହ ପହଞ୍ଚିବା ପୂର୍ବରୁ ଗାଁମାଟିର କବରସ୍ଥାନରେ କବର ଖୋଳା ସରିଥିବାବେଳେ ପରିବାର ସଦସ୍ୟ ଅନ୍ତିମ ସଂସ୍କାର ପାଇଁ ରୀତିନୀତିରେ ଲାଗି ପ୍ରସ୍ତୁତ ହୋଇ ରହିଛନ୍ତି।

## ଆଇଇଡି ବିସ୍ଫୋରଣରେ ରେଳ କର୍ମଚାରୀଙ୍କ ମୃତ୍ୟୁ

ଭୁବନେଶ୍ୱର,୩।୮(ମହାଭାରତ): ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ଘଟିଥିବା ଏକ ଅପ୍ରତ୍ୟାଶିତ ଆଇଇଡି ବିସ୍ଫୋରଣରେ ଭାରତୀୟ ରେଳରେ କାର୍ଯ୍ୟରତ କି-ମ୍ୟାନ୍ ଇଟୁଆ ଓରାମଙ୍କ ଦୁଃଖଦ ମୃତ୍ୟୁ ଘଟିଥିବା ବିଷୟରେ ମୁଖ୍ୟମନ୍ତ୍ରୀ ମାହନ ଚରଣ ମାଝି ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଜାରି ପୋଷ୍ଟରେ କୁହା ଯାଇଛି ଯେ, ଓଡ଼ିଶା ଝାଡ଼ଖଣ୍ଡ ସୀମାରେ ଏକ ଅପ୍ରତ୍ୟାଶିତ ଆଇଇଡି ବିସ୍ଫୋରଣରେ ଭାରତୀୟ ରେଳରେ କାର୍ଯ୍ୟରତ କି-ମ୍ୟାନ୍ ଇଟୁଆ ଓରାମଙ୍କ ଦୁଃଖଦ ପ୍ରାଣହାନି ବିଷୟରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏହାସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

## ଗୁଣି ସନ୍ଦେହରେ ବୀଭତ୍ସ ହତ୍ୟା

ପାରଳାଖେମୁଣ୍ଡି / ମୋହନା,୩।୮(ମହାଭାରତ): ଗୁଣିଗାରେଡ଼ି ସନ୍ଦେହରେ ଗଜପତି ଜିଲ୍ଲା ମୋହନା ଥାନା ରାଚଗୁଡ଼ା ଗ୍ରାମରେ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଗୋପାଳ ମଲ୍ଲିକ (୩୫) ନାମକ ଜଣେ ଯୁବକଙ୍କୁ ଗ୍ରାମବାସୀ କୋଠଘର ଭିତରେ ରଖି ମାରପିଟ୍ କରିବା ସହତାଙ୍କ ଯୌନାଙ୍ଗକୁ କାଟି ଅକଥନୀୟ ନିର୍ଯାତନା ଦେଇଥିଲେ। ହତ୍ୟା ପରେ ମୃତଦେହକୁ ହରଭଙ୍ଗୀ ଡ୍ୟାମ୍‌ରେ ଫୋପାଡ଼ି ଦିଆଯାଇଥିଲା। ଏହି ଘଟଣା ପରେ ଅଟୋ ଯୋଗେ ଫେରାର ହେବାକୁ ଉଦ୍ୟମ କରୁଥିବା ୧୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ମୋହନା ପୁଲିସ ।

### ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା

# ବିଏସଇ ଉପାଧ୍ୟକ୍ଷଙ୍କୁ ବାନ୍ଧିଲା କ୍ରାଇମ୍‌ବ୍ରାଞ୍ଚ

**ଭୁବନେଶ୍ୱର,୩।୮(ମହାଭାରତ):** ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ପ୍ରଶ୍ନପତ୍ର ଲିକ୍ ଘଟଣାରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କ୍ରାଇମ୍‌ବ୍ରାଞ୍ଚ ରବିବାର ଦିନ ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ର ଉପାଧ୍ୟକ୍ଷ ନିହାର ରଞ୍ଜନ୍ ମହାନ୍ତିଙ୍କୁ ଗିରଫ କରିଛି। ତାଙ୍କ ଲାପଟପ୍‌ରୁ ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ତାଙ୍କ କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟର ଜିତନ ହେବାର ପ୍ରମାଣ କଲ୍‌ରେକର୍ଡରୁ ମିଳିଛି। ପରୀକ୍ଷା ପରିଚାଳନାରେ ଜିତନଙ୍କର କୌଣସି ଭୂମିକା ନ ଥିଲା। ପରୀକ୍ଷା ପରିଚାଳନାରେ ସମ୍ପୃକ୍ତ ନ ଥିବା ଜଣେ ବ୍ୟକ୍ତିଙ୍କ ସହ ବୋର୍ଡ ଉପସଭାପତି ଏତେ ଥର କଥା ହେଲେ କାହିଁକି ? ଏଥିରୁ ଆମର ସନ୍ଦେହଜାତ

## ପଚରାଉଚରା ପରେ ବାହାରୁଛି ଗୁମର କଥା

ମହାରଣା ଲାପଟପ୍‌ରୁ ପ୍ରଶ୍ନପତ୍ର ଲିକ୍ କରିଥିଲେ। ନିହାର ରଞ୍ଜନ ମହାନ୍ତି ଗିରଫ ହେବା ପରେ ଏହି ମାମଲାରେ ଗିରଫଦାରୀ ସଂଖ୍ୟା ୮କୁ ବୃଦ୍ଧି ପାଇଛି। ଏହା ପୂର୍ବରୁ ଜିତନ ମହାରଣାଙ୍କ ସମେତ ୭ ଜଣଙ୍କୁ ଗିରଫ କରାଯାଇଥିଲା, ଯେଉଁମାନଙ୍କ ମଧ୍ୟରେ କିଛି ଶିକ୍ଷକ ନେତା ଅଛନ୍ତି।

ବୋର୍ଡ ଉପସଭାପତି ନିହାର ରଞ୍ଜନ ମହାନ୍ତି ଗିରଫ ହେବା ପରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି, ମୁଖ୍ୟ ଅଭିଯୁକ୍ତ ଜିତନ ମହାରଣାଙ୍କ ସହ ବୋର୍ଡ ଉପସଭାପତିଙ୍କ ସମ୍ପର୍କ ରହିଛି। ପ୍ରାୟ ୨/୩ ମାସ ଭିତରେ ଉଭୟେ ଫୋନ୍‌ରେ ୧୦୦ ଥର କଥା ହୋଇଛନ୍ତି। ଅଫିସ ସମୟ ବାଦ୍ ସେମାନେ ୧୦୦ ଥର ଫୋନ୍‌ରେ କଥା ହୋଇଥିଲା। ଜିତନଙ୍କୁ ପଚରାଉଚରା କରିବା ପରେ



ସେ ଦୋଷ ସ୍ୱୀକାର କରିଥିଲେ। ଆମେ ପ୍ରମାଣ ବି ପାଇଥିଲୁ ଲାପଟପ୍‌ରେ ପ୍ରଶ୍ନପତ୍ର ଦେଖିବା ବେଳେ ଯେଉଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି ଭାବେ ପାଳନ କରାଯିବା କଥା, ତାହାକୁ ସେ (ବୋର୍ଡ ଉପସଭାପତି ନିହାରରଞ୍ଜନ ମହାନ୍ତି) ଜାଣିଶୁଣି ଅନୁସରଣ କରି ନଥିଲେ। ଆଉ ତା ସହିତ ଡାଟାଏଣ୍ଟ୍ରୀ ଅପରେଟର ଜିତନ ମହାରଣାଙ୍କୁ ଲାପଟପ ବ୍ୟବହାର କରିବାକୁ ଅନୁମତି ଦେଇଥିଲେ। ଫଳରେ ପ୍ରଶ୍ନପତ୍ର ଲିକ୍ ହେଲା। ଜିତନ ମହାରଣା ୧୧ ବର୍ଷ ହେଲାଣି ଏହି ଅଫିସରେ ଅଛନ୍ତି। ପୂର୍ବରୁ ବି ତାଙ୍କ ଆଚରଣ ସନ୍ଦେହଜନକ ଥିଲା। ତେଣୁ ତାଙ୍କୁ ସିକ୍ରେଟ ୱିଙ୍ଗରୁ ବାହାର କରି ଦିଆଯାଇଥିଲା। କିନ୍ତୁ ପରେ ତାଙ୍କୁ ପୁଣି ସେଠାକୁ ନିଆଯାଇଥିଲା। ଏହା ପଛର ରହସ୍ୟ କଣ ? ବୋର୍ଡ ଉପସଭାପତି ଭଲ ଭାବେ ଜିତନଙ୍କ ସନ୍ଦେହଜନକ ଆଚରଣ ବିଷୟରେ ଅବଗତ ଥିଲେ। ଏ କଥା ସେ ଜେରା ବେଳେ ସ୍ୱୀକାର ବି କରିଥିଲେ। ତଥାପି ସେ ଜିତନଙ୍କୁ ନିଜ ଲାପଟପ୍ ବ୍ୟବହାର କରିବାକୁ ଅନୁମତି ଦେଇଥିଲେ। ଏହିସବୁ କଥାରୁ ପ୍ରମାଣିତ ହେଉଛି ଯେ ଜିତନ ଓ ବୋର୍ଡ ସଭାପତିଙ୍କ ମଧ୍ୟରେ ଗୋଟିଏ ଭଲ ସମନ୍ୱୟ ଓ ସହଯୋଗ ରହିଥିଲା। ବୋର୍ଡ ଉପସଭାପତିଙ୍କୁ ଜେରା ବେଳେ ଅନେକ କଥାରେ ତାଳମେଳ ରହି ନଥିବା ବେଳେ ତାଙ୍କର ଅବହେଳା ରହିଥିବା ସ୍ପଷ୍ଟ ହୋଇଥିଲା ତଥା ଜିତନଙ୍କ ସହିତ ତାଙ୍କର ସଂପର୍କ ମଧ୍ୟ ସ୍ପଷ୍ଟ ହୋଇଥିଲା ତେଣୁ ଆମେ ତାଙ୍କୁ ଗିରଫ କରିଛୁ ବୋଲି ଶ୍ରୀ ମିଶ୍ର କହିଛନ୍ତି।

କ୍ରାଇମବ୍ରାଞ୍ଚ ଡିଜି କହିଛନ୍ତି ଯେ ପ୍ରଶ୍ନପତ୍ର ଲିକ୍ ଘଟଣାରେ ବୋର୍ଡ ଉପସଭାପତି ଅଧିକ ଦାୟୀ କାରଣ ସେ ଏକ ବଡ଼ ପଦବୀରେ ଅଛନ୍ତି। ତାଙ୍କୁ ଏକ ବଡ଼ ଦାୟିତ୍ୱ ଦିଆଯାଇଛି। ପ୍ରଶ୍ନପତ୍ର ସେଟିଂର ଦାୟିତ୍ୱ ତାଙ୍କର ଥିଲା। ତାହା ସହିତ ଯେଉଁଠି ପ୍ରଶ୍ନପତ୍ର ଛପାଯାଉଥିଲା, ସେହି କମ୍ପାନୀ ସହିତ ସେ ସମନ୍ୱୟ ରକ୍ଷା କରୁଥିଲେ ବୋର୍ଡ ଉପସଭାପତି ନିହାର ବାବୁଙ୍କ ପାଖରେ ଓଟିଇଟି ପ୍ରଶ୍ନପତ୍ର ସମ୍ପର୍କିତ ପାସୱାର୍ଡ ଥିଲା। ପାସୱାର୍ଡ ବ୍ୟବହାର କରି ବୋର୍ଡ ଉପସଭାପତି ଡିଲିଟ୍ କରିବା କଥା, କିନ୍ତୁ ସେ ସେମିତି କରି ନ ଥିଲେ। ଅନ୍ୟପଟରେ ଜିତନ ମହାରଣାଙ୍କୁ ଲାପଟପ୍ ବ୍ୟବହାର କରିବା ପାଇଁ ସେ ଅନୁମତି ଦେଇଥିଲେ। ଏନେଇ କିଛି ଆର୍ଥିକ କାରବାର ହୋଇଛି ନା ନାହିଁ, ତାହାର ତଦନ୍ତ ଚାଲିଛି। ଆମେ ସମସ୍ତ ଦିଗକୁ ନେଇ ତଦନ୍ତ କରୁଛୁ ଭୋପାଳର ଏକ କମ୍ପାନୀରେ ପ୍ରଶ୍ନପତ୍ର ପ୍ରିଣ୍ଟ କରାଯାଇଥିଲା। ସେହି କମ୍ପାନୀ ସହିତ ବୋର୍ଡ ଉପସଭାପତିଙ୍କ ପାରିବାରିକ ସମ୍ପର୍କ ନେଇ ତଦନ୍ତ ଜାରି ରହିଛି।ଆବଶ୍ୟକ ହେଲେ ଗିରଫ ବୋର୍ଡ ଉପସଭାପତି ନିହାର ରଞ୍ଜନ ମହାନ୍ତି ଓ ଅନ୍ୟମାନଙ୍କୁ ରିମାଣ୍ଡରେ ଆଣିବୁ।

ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ ଦୁଇ ଦିନ ତଳେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଭେଜିପଦର ୟୁପି ସ୍କୁଲର ଶିକ୍ଷକ ତଥା ଶିକ୍ଷକ ନେତା ପ୍ରଶାନ୍ତ କୁମାର ଖମାରୀଙ୍କୁ ଗିରଫ କରିଥିଲା ତାପୂର୍ବରୁ ଡାଟାଏଣ୍ଟ୍ରୀ ଅପରେଟର ଜିତନ ମହାରଣା, ଦୁଇ ଶିକ୍ଷକ ନେତା ବିଜୟ କୁମାର ମିଶ୍ର ଓ ସନାତନ ବିଷୋୟୀ, ଶିକ୍ଷକ ରାମଜୀ ପ୍ରସାଦ ଗୁପ୍ତା, ଅଜୟ କୁମାର ସାହୁ ଓ ଜୟନ୍ତ କୁମାର ରାଉତଙ୍କୁ ଗିରଫ କରିଥିଲା କ୍ରାଇମବ୍ରାଞ୍ଚ।

ତଦନ୍ତରୁ ଜଣାପଡ଼ିଛି ଯେ କଟକସ୍ଥିତ ମାଧ୍ୟମିକ ଶିକ୍ଷା ବୋର୍ଡ(ବିଏସଇ)ର ଉପସଭାପତିଙ୍କ ଅଫିସରେ ଡାଟା ଏଂଟ୍ରି ଅପରେଟର ଭାବେ କାର୍ଯ୍ୟ କରୁଥିବା ଜିତନ ମହାରଣା ଉପସଭାପତି ନିହାର ରଞ୍ଜନ ମହାନ୍ତିଙ୍କ ଲାପଟପରୁ ପ୍ରଶ୍ନପତ୍ର ହାସଲ କରିଥିଲେ। ସେ ଏହାକୁ ରାଜ୍ୟ ଏକ୍ସ-କ୍ୟାଡର ଶିକ୍ଷକ ସଙ୍ଗଠନର କାର୍ଯ୍ୟକାରୀ ସଭାପତି ବିଜୟ ମିଶ୍ର ଓ କୋରାପୁଟ ଜିଲ୍ଲା ଏକ୍ସ-କ୍ୟାଡର ଶିକ୍ଷକ ସଙ୍ଗଠନର ସଭାପତି ସନାତନ ବିଶୋୟୀଙ୍କୁ ପ୍ରଦାନ କରିଥିଲେ। ଏହି ବ୍ୟକ୍ତିମାନେ ପୂର୍ବ ସ୍ପେଶାଲ୍ ଓଟିଇଟି ପରୀକ୍ଷାରେ ଅସଫଳ ହୋଇଥିବା ଶିକ୍ଷକମାନଙ୍କୁ ଆକୃଷ୍ଟ କରି ରାମଜୀ ପ୍ରସାଦ ଗୁପ୍ତା, ଅଜୟ ସାହୁ ଓ ଜୟନ୍ତ କୁମାର ରାଉତଙ୍କ ମାଧ୍ୟମରେ ଲିକ୍ ହୋଇଥିବା ପ୍ରଶ୍ନପତ୍ର ବିକ୍ରି କରିଥିଲେ। ଅଭିଯୁକ୍ତମାନେ ଏହି ପ୍ରଶ୍ନପତ୍ର ବଦଳରେ ଶିକ୍ଷକମାନଙ୍କଠାରୁ ବ୍ୟାଙ୍କ ଟ୍ରାନ୍ସଫର ଓ ନଗଦ ଟଙ୍କା ଗ୍ରହଣ କରିଥିଲେ। ଚାକିରି ନିୟମିତକରଣ ଓ ବେତନ ବୃଦ୍ଧି ପାଇଁ ଆଶାୟୀ ଶିକ୍ଷକମାନଙ୍କୁ ଶୋଷଣ କରି ପ୍ରଶ୍ନପତ୍ର ବିକ୍ରି କରିବା ଏହି ଷଡ଼ଯନ୍ତ୍ରର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

## ସମୁଦ୍ରରେ ନିଖୋଜ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର ପାଇଁ ତଲାଶୀ ଅଭିଯାନ

ଭୁବନେଶ୍ୱର,୩।୮(ମହାଭାରତ): ବାଲେଶ୍ୱର ଜିଲ୍ଲା ସମୁଦ୍ର ଭିତରକୁ ଯାଇ ନିଖୋଜ ଥିବା ୪ ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିବାକୁ ଓଡିଶା ପୋଲିସ ପକ୍ଷରୁ ବ୍ୟାପକ ତଲାସି ଅଭିଯାନ ଜାରି ରହିଛି। ଓଡିଶା ପୋଲିସ ପକ୍ଷରୁ ଏହି ସୂଚନା ଦିଆଯାଇଛି।

ଓଡ଼ିଶା ପୋଲିସ ନିଜର ତିନୋଟି ଅତ୍ୟାଧୁନିକ ବୋଟ ଯଥା କସଫଳ ସାମୁଦ୍ରିକ ଥାନାର ୧୨ ଟନ ବିଶିଷ୍ଟ ବୋଟ ଏବଂ ବଳରାମଗଡ଼ି ସାମୁଦ୍ରିକ ଥାନାର ୧୨ ଓ ୫ ଟନ ବିଶିଷ୍ଟ ଦୁଇଟି ବୋଟକୁ ତଲାସୀ କାର୍ଯ୍ୟରେ ମୁତୟନ କରାଯାଇଛି। ଏହା ସହ ରାଜ୍ୟ ମତ୍ସ୍ୟ ସମ୍ପଦ ବିଭାଗର ସାଗର ମିତ୍ର ମଧ୍ୟ ଏହି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି। ଓଡ଼ିଶା ପୋଲିସର ତଟ ସୁରକ୍ଷା ବାହିନୀ ର ଡ୍ରୋନ ସହାୟତାରେ ମତ୍ସ୍ୟଜୀବୀଙ୍କ ଅବସ୍ଥିତି ସମ୍ପର୍କରେ ଆକାଶ ମାର୍ଗରୁ ନିରୀକ୍ଷଣ କରାଯିବା ସହ ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରିବାକୁ ଆଜି ଭୋର ସମୟରୁ ସାମୁଦ୍ରିକ ଥାନା ପକ୍ଷରୁ ସମୁଦ୍ର ମଧ୍ୟରେ ତଲାସୀ କରାଯାଉଅଛି । ରାଜ୍ୟ ପୋଲିସର ଅନୁରୋଧ କ୍ରମେ ଭାରତୀୟ ତଟ ସୁରକ୍ଷା ବାହିନୀ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛି। ଏହା ସହ ସମୁଦ୍ର ଉପକୂଳରେ ପୋଲିସ କର୍ମଚାରୀଙ୍କ ଦ୍ୱାରା ପଇଁତରା ବ୍ୟବସ୍ଥା କୁ ଜୋରଦାର କରିବା ସହ ପଡୋଶୀ ରାଜ୍ୟର ସାମୁଦ୍ରିକ ଥାନା ସହ ଯୋଗାଯୋଗ କରାଯାଇ ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ ଅବ୍ୟାହତ ରହିଛି।

## ଅଳସୀ ଚିଲା

ବ୍ରେକଫାଷ୍ଟ ସମସ୍ତଙ୍କ ଜୀବନରେ ବହୁତ ମହତ୍ତ୍ୱ ରଖିଥାଏ । ହେଲଦି ଏବଂ ଟେଷ୍ଟି ବ୍ରେକଫାଷ୍ଟ ଆପଣଙ୍କ ପୂରା ଦିନକୁ ହିଁ ଖୁସିରେ ଖୁସିରେ ନେଇଯାଇଥାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ନେଇ ଆସିଛୁ 'ଅଳସୀ ଚୀଲା' ରେସିପି । ଏହି ରେସିପି ଆପଣଙ୍କ ପାଇଁ ସ୍ୱାଦିଷ୍ଟ ହେବା ସହିତ ସ୍ୱାସ୍ଥ୍ୟକର ମଧ୍ୟ । ତେବେ ଆସନ୍ତୁ ଜାଣିବା ଏହାକୁ କେମିତି କରିବେ ପ୍ରସ୍ତୁତ ।

ଆବଶ୍ୟକୀୟ ସାମଗ୍ରୀ : ଗହମ ଅଟା-ଏକ କପ୍, ଅଳସୀ ଅଟା- ୧/୪କପ୍, ଦହି-୧/୨ କପ୍, ଅଦା ପେଷ୍ଟ- ୧ଛୋଟ ଚାମଚ, କଞ୍ଚା ଲଙ୍କା- ଗୋଟିଏ, ଗୋଲମରୀଚ- ୧/୪ଛୋଟ ଚାମଚ, ଧନିଆ ପତ୍ର- ୩ ଟେବୁଲ ଚାମଚ, ଲୁଣ- ସ୍ୱାଦ ଅନୁସାରେ

**ପ୍ରସ୍ତୁତ ପ୍ରଣାଳୀ :** ଅଳସୀର ଚୀଲା ପ୍ରସ୍ତୁତ କରିବା ପାଇଁ ଏକ ବଡ ପାତ୍ରରେ ଗହମ ଏବଂ ଅଳସୀର ଅଟାକୁ ପକାଇ ଚଲାଇ ଦିଅନ୍ତୁ । ଏହାପରେ ଏହାକୁ ଏକ ପାତ୍ରରେ ରଖି ସେଥିରେ ପୂର୍ବରୁ ରଖିଥିବା ଦହି ପକାଇ ମିଶାଇ ଦିଅନ୍ତୁ । ଏହାପରେ ଅଳ୍ପ ପାଣି ପକାଇ ମିକ୍ସ କରନ୍ତୁ । ଏହି ମିଶ୍ରଣକୁ ଭଲଭାବେ ଚଲାନ୍ତୁ ଯାହାଦ୍ୱାରା କୌଣସି ବିଣ୍ଡାର ରହବି ନାହିଁ । ଏହି ଘୋଳକୁ ଦୋଷା ଘୋଳ ଭଳି ଗାଢା ରଖନ୍ତୁ । ଏଥିରେ କଟା କଞ୍ଚା ଲଙ୍କା, ପିଆଜ, ଧନିଆ ପତ୍ର, କାଟି ରଖିଥିବା ଅଦା ଏବଂ ଗୋଲମରୀଚ ପକାଇ ମକ୍ସଳର କରନ୍ତୁ । ଏହାପରେ ଗ୍ୟାସରେ ତାୱା ବସାନ୍ତୁ । ତାୱା ଗରମ ହେଲେ ସେଥିରେ ଏହି ଘୋଳକୁ ପକାନ୍ତୁ । ଏହାର ଦୁଇ ପାଖ ଭଲଭାବେ ସୁନେଲୀ ରଙ୍ଗ ହେବା ପର୍ଯ୍ୟନ୍ତ ଓଲଟ ପାଲଟ କରନ୍ତୁ। ଏବେ ଆପଣଙ୍କର ପ୍ରସ୍ତୁତ ହୋଇଯାଇଛି ଅଳସୀ ଚୀଲା । ଆପଣ ଏହାକୁ ଧନିଆ ଚଟଣୀ କିମ୍ବା ଟମାଟୋ ସସ୍ ସହିତ ଖାଇପାରିବେ ।



ଖବର

# କିଏ ହେବ ସଞ୍ଜୟ କପୁରଙ୍କ ଉତ୍ତରାଧିକାରୀ





ବଲିଉଡ୍ ଅଭିନେତ୍ରୀ କରିସ୍ମା କପୁର । ତାଙ୍କ ପୂର୍ବତନ ସ୍ୱାମୀ ତଥା ଅରବପତି ବ୍ୟବସାୟୀ ସଞ୍ଜୟ କପୁରଙ୍କର ୧୨ ଜୁନ୍ରେ ଲଣ୍ଡନରେ ମୃତ୍ୟୁ ଘଟିଥିଲା । ସେ ପୋଲୋ ମ୍ୟାଚ୍ ଖେଳୁଥିବା ସମୟରେ ଅସୁସ୍ଥ ଅନୁଭବ କରିଥିଲେ ଏବଂ କିଛି ସମୟ ପରେ ତାଙ୍କୁ ହୃଦ୍ଘାତ ହୋଇଥିଲା । ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା ।ସଞ୍ଜୟ କପୁର ସୋନା କମଷ୍ଟାରର ଅଧକ୍ଷ ଥିଲେ। ଯାହା ବିଶ୍ୱର ପ୍ରମୁଖ ଅଟୋ କମ୍ପୋନେ□ କମ୍ପାନୀମାନଙ୍କ ମଧ୍ୟରୁ ଅନ୍ୟତମ। ୨୦୧୫ରେ ତାଙ୍କ ପିତା ଡକ୍ଟର ସୁରିନ୍ଦର କପୁରଙ୍କ ମୃତ୍ୟୁ ପରେ ସେ କମ୍ପାନୀର ନେତୃ ନେଇଥିଲେ। କମ୍ପାନୀର ବଜାର ମୂଲ୍ୟ ପ୍ରାୟ ୩୧,୦୦୦ କୋଟି ଟଙ୍କା (୪ ବିଲିୟନ ଡଲାର)। ସଂଜୟଙ୍କ ମୃତ୍ୟୁ ପରେ କମ୍ପାନୀର ସେୟାରରେ ୭% ହ୍ରାସ ହୋଇଥିଲା ଏବଂ କମ୍ପାନୀରେ ଉ□ରାଧିକାରୀ କିଏ ହେବ ସେନେଇ ଚର୍ଚ୍ଚା ମଧ ଜୋର ହେଉଛି । କମ୍ପାନୀ ଏକ ବିବୃ□ ଜାରି କରି କହିଛି, ସଂଜୟ କପୁରଙ୍କ ଚିନ୍ତାଧାରା ଓ କଠିନ ପରିଶ୍ରମ ଆମ କମ୍ପାନୀ ପାଇଁ ସବୁବେଳେ ପ୍ରେରଣା ହେବ। ଆମେ ଆମ ଗ୍ରାହକ, କର୍ମଚାରୀ ଓ ସେୟାର ହୋଲ୍ଡରମାନଙ୍କୁ ଆଶ୍ୱାସନା ଦେଉଛୁ ଯେ କମ୍ପାନୀର କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିବ ।ସଂଞ୍ଜୟଙ୍କ ମୃତ୍ୟୁ ପରେ ପରିବାରରେ ଉତ୍ତରାଧିକାରୀ ନେଇ ବିବାଦ ମଧ ସାମ୍ନାକୁ ଆସିଛି। ତାଙ୍କ ମାଆ ରାନୀ କପୁର ଅଭିଯୋଗ କରିଛନ୍ତି ଯେ ଶୋକ ସମୟରେ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରୁ ଦୂରେଇ ରଖାଯାଇଥିଲା । କିଛି ଦଲିଲରେ ଚାପ ଦେଇ ତାଙ୍କୁ ହସ୍ତାକ୍ଷର କରାଯାଇଥିଲା। ସେ କମ୍ପାନୀ ବୋର୍ଡ ଉପରେ ଅଭିଯୋଗ କରିଛନ୍ତି ଯେ ପରିବାରର ସହମତି ବିନା ସଞ୍ଜୟଙ୍କ ପତ୍ନୀ ପ୍ରିୟା ସଚଦେବ କପୁରଙ୍କୁ ନନ୍-ଏକ୍ଜିକ୍ୟୁଟିଭ୍ ଡାଇରେକ୍ଟର କରାଯାଇଛି। ହେଲେ କମ୍ପାନୀ ଏହି ଅଭିଯୋଗକୁ ଖାରଜ କରି କହିଛି ଯେ ରାଣୀ କପୁରଙ୍କ ପାଖରେ ୨୦୧୯ ଠାରୁ କୌଣସି ସେୟାର ନାହିଁ ଏବଂ ସମସ୍ତ ନିଷ୍ପତ୍ତି ନିୟମ ଅନୁଯାୟୀ ନିଆଯାଇଛି ଯରିପୋର୍ଟ ଅନୁସାରେ ସଞ୍ଜୟ କପୁରଙ୍କ ମୋଟ ସମ୍ପତ୍ତି ପ୍ରାୟ ୧.୨ ବିଲିୟନ ଡଲାର (୧୦,୩୦୦ କୋଟି ଟଙ୍କା) ଥିଲା। ତାଙ୍କର ଉଇଲ୍ ଏବଂ ଟ୍ରଷ୍ଟ ଅନୁଯାୟୀ ସମ୍ପତ୍ତିର ଦାୟିତ୍ୱଏବେ ତାଙ୍କ ସ୍ତ୍ରୀ ପ୍ରିୟା ସଚଦେବ କପୁରଙ୍କୁ ମିଳିବ। ସଞ୍ଜୟ ଓ କରିସ୍ମାଙ୍କ ସନ୍ତାନ ସମାୟରା ଓ କିୟାନ ପାଇଁ ମଧ ଆର୍ଥିକ ବ୍ୟବସ୍ଥା ପୂର୍ବରୁ କରାଯାଇଥିଲା। ରିପୋର୍ଟ ଅନୁଯାୟୀ, ଉଭୟ ପିଲାଙ୍କୁ ୧୪ କୋଟି ଟଙ୍କାର ବଣ୍ଡ ଉପହାର ଦିଆଯାଇଥିଲା। ଏହା ସହିତ, ସେମାନଙ୍କୁ ପ୍ରତି ମାସରେ ୧୦-୧୦ ଲକ୍ଷ ଟଙ୍କା ନିୟମିତ ଦିଆଯାଉଛି । ଏହା ବ୍ୟତୀତ ସଂଜୟ କପୁରଙ୍କ ପିତାଙ୍କ ନାମରେ ଥିବା ଏକ ସମ୍ପତ୍ତି (ଘର) ମଧ କରିସ୍ମା କପୁରଙ୍କୁ କଷ୍ଟଡି ଆଲଟମେଣ୍ଟ□ ସମୟରେ ଦିଆଯାଇଥିଲା।

## ଓଜନ ହ୍ରାସ କରେ କେଶର



ଭାରତୀୟ ଖାଦ୍ୟରେ ବ୍ୟବହୃତ ହେଉଥିବା ମସଲା ଗୁଡିକୁ ମଧ୍ୟରୁ ଗୋଟିଏ ହେଉଛି କେଶର ବା ସାଫ୍ରୋନ୍। ଏହା ମହଙ୍ଗା ହୋଇଥିଲେ ମଧ୍ୟ ଅନେକ ଔଷଧୀୟ ଗୁଣରେ ଭରପୂର । ଏଥିରେ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଥିବାରୁ କ୍ଷୀରରେ ମିଶାଇ ରୋଗୀ ଓ ଗର୍ଭବତୀଙ୍କୁ ପିଇବାକୁ ଦିଆଯାଇଥାଏ । କେଶର କେବଳ ଖାଦ୍ୟର ସ୍ୱାଦକୁ ବଢାଇ ନଥାଏ, ଏଥିରେ ଥିବା ପୋଷାକତତ୍ତ୍ୱ ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । ତା'ହେଲେ ଆସନ୍ତୁ ଜାଣିବା କେଶରେ କଣ ସବୁ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଖାଇଲେ ଭୋକ କମ୍ ଲାଗିଥାଏ। ଯଦି ଆପଣ ଅଧିକ ଓଜନକୁ ନେଇ ଚିନ୍ତାରେ ଅଛନ୍ତି, ତା'ହେଲେ ଦୈନନ୍ଦିନ ଡାଏଟରେ କେଶରକୁ ସାମିଲ କରନ୍ତୁ। ଏହାଦ୍ୱାରା ଓଜନ କମ୍ ହୋଇଥାଏ ।

କେଶର ଶରୀରରେ ହରମୋନକୁ ନିୟନ୍ତ୍ରଣ କରେ । ଯେଉଁ ମହିଳାଙ୍କର ଋତୁସ୍ରାବ ଜନିତ ସମସ୍ୟା ରହିଛି, ସେମାନଙ୍କୁ କେଶର ଖାଇବାକୁ ଦିଅନ୍ତୁ । କେଶର ଖାଇଲେ ମାସିକ ଋତୁସ୍ରାବ ଠିକ୍ ହେବା ସହ ପେଟ ଯନ୍ତ୍ରଣା କମ୍ ହୋଇଥାଏ । କେଶର ଖାଇଲେ ମାସିକ ଋତୁସ୍ରାବ ଠିକ୍ ହେବା ସହ ପେଟ ଯନ୍ତ୍ରଣା କମ୍ ହୋଇଥାଏ ।

ଜ୍ୱର, ଥଣ୍ଡା ଓ କାଶର ଚିକିତ୍ସା ପାଇଁ ମଧ୍ୟ କେଶରକୁ ବ୍ୟବହାର କରାଯାଇଥାଏ ।

ଗବେଷଣା ଅନୁସାରେ କେଶର ହାର୍ଟ ପାଇଁ ଭଲ । ତେଣୁ କେଶର ଖାଇଲେ ହାର୍ଟ ଆଟାକର ଆଶଙ୍କା କମ୍ ରହିଥାଏ ।

କେଶରରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଆଖିର ଦୃଷ୍ଟିଶକ୍ତି ବଢାଇଥାଏ ।

# ବାବା ବାଲି ଲୋକନାଥ

ଗଞ୍ଜାମ ବ୍ଳକର ଋଷିକୁଲ୍ୟା ନଦୀ ପାର୍ଶ୍ୱସ୍ଥ ମାଳି ଜଗନ୍ନାଥପୁର ଗାଁରେ ପ୍ରାୟ ୭ ଏକର ଜାଗାରେ ରହିଛି ବାବା ବାଲି ଲୋକନାଥଙ୍କ ମନ୍ଦିର ଯ ପୌରାଣିକ କିମ୍ବଦନ୍ତୀ କୁହେ, ପ୍ରଭୁ ରାମଚନ୍ଦ୍ର ନବାସ ସମୟରେ ଏଠି ମହାଦେବଙ୍କ ଲିଙ୍ଗ ସ୍ଥାପନ କରି ପୂଜାର୍ଚ୍ଚନା କରିଥିଲେ । କାଳକ୍ରମେ ତାହା ନଦୀ ବାଲିରେ ପୋତି ହୋଇଯାଇଥିଲା । ଏକଦା ପାରଳା ମହାରାଜା ପୁରୀରୁ ପାରଳାଖେମୁଣ୍ଡି ଅଭିମୁଖେ ଯାଉଥିବା ବେଳେ ପୋତି ହୋଇ ଯାଇଥିବା ମନ୍ଦିରର ତ୍ରିଶୂଳ ଘୋଡା ଟାପୁରେ ବାଜି ରକ୍ତସ୍ରାବ ହୋଇଥିଲା ।ପରେ ରାଜାଙ୍କ ଆଦେଶରେ ପୋତି ହୋଇଥିବା ମନ୍ଦିରର ପୁନରୁଦ୍ଧାର କରାଯାଇଥିଲା । ବାଲିରୁ ଉଦ୍ଧାର କରାଯାଇଥିବାରୁ ମହାଦେବଙ୍କୁ ବାଲି ଲୋକନାଥଙ୍କ ନାମରେ ନାମିତ କରାଯାଇଥିଲା । ଏହାର ଶ୍ରେୟ ପାଇଁ ପାରଳା ମହାରାଜା ଓ ଆଠଗଡ଼ ରାଜାଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା । ପରେ ମନ୍ଦିର ଦାୟିତ୍ୱ ଆଠଗଡ଼ ରାଜାଙ୍କୁ ହସ୍ତାନ୍ତର କରାଯାଇଥିଲା । ବାବା ବାଲି ଲୋକନାଥଙ୍କ ଭୋଗରାଗ ପାଇଁ ପାରଳା ରାଜା କିଛି ଜମି ପୂଜାରୀମାନଙ୍କୁ ପ୍ରଦାନ କରିଥିଲେ । ସେହି ଜାଗା ଏବେ ମାଳି ଜଗନ୍ନାଥପୁର ଓ କଲ୍ୟାଣପୁର ଗାଁ ନାମରେ ବେଶ ପରିଚିତ ।ସେହି ଗ୍ରାମର ପ୍ରାୟ ୮୦ ପରିବାର ନିଜ ମଧ୍ୟରେ ପାଳି କରି ବାବା ବାଲି ଲୋକନାଥଙ୍କ ପୂଜାର୍ଚ୍ଚନା କରିଆସୁଛନ୍ତି । ପ୍ରତି ମାସର ସୋମବାର, ଶନିବାର, ସଂକ୍ରାନ୍ତି, ଶିବରାତ୍ରି, କାର୍ତ୍ତିକ ଓ ଶ୍ରାବଣ ମାସର ପ୍ରତ୍ୟେକ ସୋମବାର ବହୁ ଭକ୍ତ ବାବା ବାଲି ଲୋକନାଥଙ୍କ ଦର୍ଶନ କରିଥାନ୍ତି ।ଶ୍ରାବଣ ସୋମବାରେ



କାଉଡିଆମାନେ ବାବାଙ୍କୁ ଜଳାଭିଷେକ କରିଥାନ୍ତି। ଦିନର ପ୍ରଥମ ପ୍ରହରରେ ଏଠି ବାବାଙ୍କୁ ନଡ଼ିଆ ଓ କଦଳୀ ଭୋଗ ଲାଗିକରାଯାଏ । ମଧ୍ୟାହ୍ନରେ ବାବାଙ୍କୁ ଭାତ, ଡାଲମା ଭୋଗ ଲାଗି କରାଯାଇଥାଏ ।ପାର୍ଶ୍ୱ ଦେବଦେବୀ ଭାବେ ଗଣେଶ, ପାର୍ବତୀ, କାର୍ତ୍ତିକେୟ ଓ କାଶୀବିଶ୍ୱନାଥ ପୂଜା ପାଉଛନ୍ତି ।ପାରଳା ମହାରାଜା କାଶୀବିଶ୍ୱନାଥଙ୍କୁ ବସାଇଥିଲେ । ଲୋକଙ୍କ ବିଶ୍ୱାସ ରହିଛି ଭକ୍ତଙ୍କ ଡାକ ଶୁଣି ସବୁ ସମସ୍ୟାର ସମାଧାନ କରିଥାନ୍ତି ବାବା ଲୋକନାଥ । ଆଉ ଏହି ବିଶ୍ୱାସକୁ ଆଧାର କରି ଭକ୍ତ ଛୁଟି ଆସନ୍ତି ବାବା ବାଲି ଲୋକନାଥଙ୍କ ପୀଠକୁ ।

# ଶଙ୍ଖା-ସିନ୍ଦୂର

ହାତରେ ଶଙ୍ଖା, ମଥାରେ ସିନ୍ଦୂର ଓ ପାଦରେ ଅଳତା- ଏହା ହେଉଛି ଜଣେ ବିବାହିତା ହିନ୍ଦୁ ନାରୀର ଭୂଷଣ। ଆଜିକାଲି କିନ୍ତୁ ଏହାର ମହତ୍ୱ କେହି ବୁଝୁନାହାନ୍ତି। ଅନେକେ ଏହାକୁ ହିନ୍ଦୁ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ବୋଲି ମାନିଲେଣିୟ ହିନ୍ଦୁମାନେ ଏକ ବୈଜ୍ଞାନିକ ଜାତି- ସେମାନେ କେବେ ବି କେଣସି ଅଯଥା ଜିନିଷକୁ ତାଙ୍କ ସଂସ୍କୃତିରେ ରଖିନାହାନ୍ତି। ସକାଳୁ ଉଠି ସ୍ନାନ ସାରି ସୂର୍ଯ୍ୟଙ୍କୁ ପାଣି ଦେବା, ତୁଳସୀ ମୂଳେ ପାଣି ଦେବା ଓ ପୂଜା କରିବା, ସନ୍ଧ୍ୟାବତି ଜାଳିବା, ଗୋମାତାର ସେବା କରିବା- ଏ ସବୁ ଭିତରେ ରହିଛି ଅସୀମ ଉପାଦେୟତା ଓ ବୈଜ୍ଞାନିକ କାରଣ। ଆମ ଗୁରୁଦେବ କହନ୍ତି- ''ଲୁହା ପୋଷେ ରକ୍ତକଣା ଶଙ୍ଖ ପୋଷେ ହାଡ଼, ସିନ୍ଦୂର ତ ଶୋଭା ବାଏ ବନ୍ଧ୍ୟାର ପ୍ରତିକାର।'' (ଅନୁଶ୍ରୁତି)। ଅର୍ଥାତନାରୀମାନେ ହାତରେ ଯେଉଁ ଲୁହା ଚୁଡ଼ି ଓ ଶଙ୍ଖରେ ତିଆରି ଶଙ୍ଖା ପିନ୍ଧନ୍ତି, ତାହାର ଉପାଦେୟତା ରହିଛ। ଲୁହା ବା ଲେହସାର ଆମର ରକ୍ତକଣିକାକୁ ପୋଷଣ ଦିଏୟ କ୍ୟାଲସିୟମ କାର୍ବୋନେଟ୍ରେ ତିଆରି ଶଙ୍ଖା ଆମର ହାଡ଼କୁ ପୋଷଣ ଦିଏୟ ସିନ୍ଦୂର ନାରୀର ଶୋଭା ବୃଦ୍ଧି କରିବା ସହ ବନ୍ଧ୍ୟାଦୋଷର ନିରାକରଣ କରେୟ ସେଥିପାଇଁ ହାତରେ ଲୁହା ଓ ଶଙ୍ଖର ଚୁଡ଼ି ପିନ୍ଧିବା ଓ ମଥାରେ ସିନ୍ଦୂର ଲଗାଇବାର ପରମ୍ପରା ରହିଛି। ତା'ଛଡ଼ା ପାଦରେ ଯେଉଁ ଅଳତା ପିନ୍ଧାଯାଏ, ତାହା ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ପାଦ ଫାଟିବା ଇତ୍ୟାଦିକୁ ନିରୋଧ କରିଥାଏ। କେବଳ ଲୁହା ଓ ଶଙ୍ଖ ନୁହେଁ, ଅନ୍ୟ ଧାତୁ ଯଥା ସୁନା ଓ ରୂପାର ଚୁଡ଼ି ମଧ ପିନ୍ଧାଯାଏ। କମ୍ ପରିମାଣର ହେଲେ ବି ଆମ ଶରୀର ସୁନା ଓ ରୂପାର ଧାତୁସାର ମଧ ଆବଶ୍ୟକ କରେ। ତେବେ ସବୁଠୁ ଅଧିକ ଆବଶ୍ୟକ ଲୁହା। ଯେତେବେଳେ ଜଣେ ମହିଳା ସନ୍ତାନ ପ୍ଲାନିଂ ନେଇ ଡାକ୍ତରଙ୍କ ପାଖକୁ ଯାଏ, ଡାକ୍ତର ତା'ର ଆବଶ୍ୟକ ପରୀକ୍ଷାନିରୀକ୍ଷା କରିବା ପରେ ଅଭାବ ଥାଉ ବା ନ ଥାଉ, ଆଇରନ, କ୍ୟାଲସିୟମ୍, ଫଲିକ୍ ଏସିଡ୍ ଓ ଭିଟାମିନ୍ ଇ ଖାଇବାକୁ ଦିଅନ୍ତି। କାରଣ ଗର୍ଭବତୀ ହେଲେ ଏଇ ଧାତୁସାର ଓ ଭିଟାମିନଗୁଡ଼ିକର ଅଧିକ ଆବଶ୍ୟକତା ପଡ଼େ। କବିରାଜ ପାଠରେ ବି ମାଆମାନଙ୍କୁ ଦ୍ରବରସ ଓ ମହୁ ଖାଇବାକୁ ପରାମର୍ଶ ଦିଆଯାଏ। ଏଥିରେ ବି ଆବଶ୍ୟକ ଆଇରନ ଓ କ୍ୟାଲସିୟମ ରହିଛ। ସିନ୍ଦୂର ମଧ ନାରୀମାନଙ୍କର ଏକ ପ୍ରକାର ରକ୍ଷାକବଚ ଭାବେ କାମ କରେୟ ମଥାରେ ଦୁଇ ଭ୍ରୂଲତା ମଝିରେ ସିନ୍ଦୂର ପିନ୍ଧିବା ସୂଚାଏ, ସେ କାହାକୁ ସ୍ୱାମୀ ଭାବେ ବରଣ କରିଛି। ସିନ୍ଥିର ସିନ୍ଦୂର ଗାର ଟାଣିବା ସୂଚାଏ ସେହି ପୁରୁଷ ତାକୁ ସ୍ତ୍ରୀ ରୂପେ ଗ୍ରହଣ କରିସାରିଛି, ଅର୍ଥାତ ତା'ର ବିବାହ ହୋଇସାରିଛି। ତେଣୁ ମଥାରେ ଦାଉଦାଉ ହୋଇ ଜଳୁଥିବା ସିନ୍ଦୂର ମନରେ ଖରାପ ଚିନ୍ତା ରଖିଥିବା ପରପୁରୁଷମାନଙ୍କୁ ବିକର୍ଷିତ କରେ। ଜ୍ୟୋତିଷ ପାଠରେ ମଙ୍ଗଳଗ୍ରହ ସହ ନାଲିରଙ୍ଗ ଓ ରକ୍ତର ସମ୍ବନ୍ଧ ରହିଛି। ବିଜ୍ଞାନରେ ମଙ୍ଗଳଗ୍ରହକୁ ରେଡ୍ ପ୍ଲାନେଟ୍ ବୋଲି କୁହାଯାଏ। ଯେଉଁମାନଙ୍କ ଜାତକରେ ମଙ୍ଗଳଦୋଷ ଥାଏ ଏବଂ ଯେଉଁମାନେ ଜାତକରେ ମଙ୍ଗଳର ଦୁଃସ୍ଥିତିଜନିତ ପୀଡ଼ା ଭୋଗୁଥାନ୍ତି, ସେମାନଙ୍କୁ ତାହାର ପ୍ରତିକାର କରିବାକୁ ପରାମର୍ଶ ଦିଆଯାଏ। ନାଲିଧଡ଼ିର ଲୁଗା ପିନ୍ଧିବା, ଅଳତା ଓ ସିନ୍ଦୂର ପରି ନାଲି ରଙ୍ଗ ବ୍ୟବହାର କରିବା ମଧ ଅନେକାଂଶରେ ମଙ୍ଗଳଦୋଷର ନିବାରଣ କରିଥାଏ। ସିନ୍ଦୂର ମଧ ନାରୀମାନଙ୍କର ଏକ ପ୍ରକାର ରକ୍ଷାକବଚ ଭାବେ କାମ କରେ। ମଥାରେ ଦୁଇ ଭ୍ରୂଲତା ମଝିରେ ସିନ୍ଦୂର ପିନ୍ଧିବା ସୂଚାଏ, ସେ କାହାକୁ ସ୍ୱାମୀ ଭାବେ ବରଣ କରିଛି। ସିଁଥିରେ ସିନ୍ଦୂର ଗାର ଟାଣିବା ସୂଚାଏ ସେହି ପୁରୁଷ ତାକୁ ପତ୍ନୀରୂପେ



ଗ୍ରହଣ କରିସାରିଛି, ଅର୍ଥାତ ତା'ର ବିବାହ ହୋଇସାରିଛିୟ ତେଣୁ ମଥାରେ ଦାଉଦାଉ ହୋଇ ଜଳୁଥିବା ସିନ୍ଦୂର ମନରେ ଖରାପ ଚିନ୍ତା ରଖିଥିବା ପରପୁରୁଷମାନଙ୍କୁ ବିକର୍ଷିତ କରେ। ଆଗକାଳରେ ଦୁଷ୍ଟ ପ୍ରକୃତିର ରାଜା-ମହାରାଜାମାନେ ତଥା ମୁସଲମାନ ରାଜୁତ୍ୱ ସମୟରେ ମୁସଲମାନ ସିପାହୀ ଓ ସୈନ୍ୟମାନେ ସୁନ୍ଦରୀ ଝିଅମାନଙ୍କ ଉପରେ ଖରାପ ନଜର ପକାଉଥିଲେ। ସେଥିପାଇଁ ଝିଅମାନଙ୍କୁ କମ୍ ବୟସରେ ବାହା କରି ଦିଆଯାଉଥିଲା, ସେମାନେ କ୍ୱଚିତ୍ ଏକୁଟିଆ ପଦାକୁ ବାହାରୁଥିଲେ ଏବଂ ଯେତେବେଳେ ବି ପଦାକୁ ବାହାରୁଥିଲେ ମଥାର ସିନ୍ଦୂର ସେମାନଙ୍କୁ ଅନେକାଂଶରେ ରକ୍ଷା କରିବାରେ ସାହାଯ୍ୟ କରୁଥିଲା। ଏହି ସିନ୍ଦୂର ମଧ ଏକ ସ୍ମାରକ ଭାବେ କାମ କରିଥାଏ। ଏହା ନାରୀମାନଙ୍କୁ ପ୍ରତି ମୁହୂର୍ତ୍ତରେ ସ୍ମରଣ କରାଇଥାଏ ଯେ ତୁମେ ଜଣେ ବିବାହିତା ନାରୀ, ତୁମର ଜଣେ ସ୍ୱାମୀ ଅଛି, ଦେବତାଙ୍କୁ, ଅଗ୍ନିଙ୍କୁ ସାକ୍ଷୀ ରଖି ତୁମେ ତାଙ୍କୁ ସାତଜନ୍ମ ପାଇଁ ସ୍ୱାମୀରୂପରେ ବରଣ କରିଛ- ତେଣୁ ଅନ୍ୟ ପୁରୁଷଠାରୁ ଯଥାସମ୍ଭବ ଦୂରରେ ରହିବା ଉଚିତ।

## ଝୋଟି ଓ ଚିତା ପକାଇଲେ ଘରର ସମୃଦ୍ଧି ହୁଏ

ଆମେ ସମସ୍ତେ ମାଣବସା ଗୁରୁବାର ଝୋଟି ବିଷୟରେ ଅଳ୍ପ ବହୁତ ଜାଣିଛୁ। ତେବେ ମାଣବସା ଗୁରୁବାର ଝୋଟି ବାଦ୍ ଆମ ରାଜ୍ୟରେ ଆହୁରି ଅନେକ ପୂଜା ପର୍ବରେ ଭିନ୍ନ ଭିନ୍ନ ଆକୃତିର ଝୋଟି ଦିଆଯାଇଥାଏ। ସେଥିମଧ୍ୟରୁ କେତୋଟି










ଚିତା ବିଷୟରେ ଉଲ୍ଲେଖ କରିବକୁ ଚେଷ୍ଟା କରିଛୁ। ସେଥିମଧ୍ୟରୁ ଗୋଟିଏ ହେଉଛି

ଗଦାପଦ୍ମ ଚିତା : ମାଘ ମାସରେ ତୁଳସୀ ଗଛ ମୂଳେ ଗଦାପଦ୍ମ ଚିତା ଅଙ୍କାଯାଏ। ବିଶ୍ୱାସ କରାଯାଏ ମାଘ ମାସରେ ପୂଜା କୋଠରୀ ଏବଂ ଦ୍ୱାର ଆଗରେ ଗଦାପଦ୍ମ ଚିତା ପକାଇବା ଦ୍ୱାରା ଘରର ଶ୍ରୀ ବୃଦ୍ଧି ପାଇଥାଏ ।

ଛନ୍ଦ ପିଢ଼ାପଦ୍ମ : ଆଉ ଗୋଟିଏ ଚିତା ହେଉଛି ଛନ୍ଦ ପିଢ଼ାପଦ୍ମ। ଏହି ଝୋଟି ବୃତ୍ତାକାର ହୋଇଥିଲେ ମଧ ଜ୍ୟାମିତିକ ଡିଜାଇନ୍ର ଝଲକ ଅତି ସ୍ପଷ୍ଟ। କିଛି କିଛି ଓଡ଼ିଆ ଘରେ ନାଗ ଚତୁର୍ଥୀ ଦିନ ଘର ଆଗରେ ଅଙ୍କା ଯାଇଥାଏ ଛନ୍ଦ ପିଢ଼ାପଦ୍ମ ଚିତା। କେହି କେହି ତୁଳସୀ ଚଉରା ମୂଳରେ ଏହି ଚିତା ପକାଇ ଥାଆନ୍ତି। ତେବେ ଏହି ଚିତା କେବଳ ଅରୁଆ ଚାଉଳ ପିଠଉରେ ନୁହେଁ, ବରଂ ରଙ୍ଗବେରଙ୍ଗୀ ମୁରୁଜରେ ମଧ ପଡ଼ିଥାଏ । ଏହାର ବିଭିନ୍ନ ଶୈଳୀ ଥିଲେ ମଧ କେନ୍ଦ୍ର ଭାଗରେ ଯାହା ଅଙ୍କା ଯାଇଥାଏ ତାହା ହିଁ ଏହି ଚିତାର ମୂଳ ଆକର୍ଷଣ । ଗୋଟିଏ ଉପରେ ଆଉ ଗୋଟିଏ ପଦ୍ମ ପାଖୁଡ଼ା ଆକୃତିର ରେଖାଚିତ୍ରର ସମାହାର ଏହି ଝୋଟିର ବିଶେଷତ୍ୱ।

ଅନନ୍ତ ବ୍ରତ ମଣ୍ଡଳ : ଉପରୋକ୍ତ ଦୁଇଟି ଚିତା ବ୍ୟତୀତ ଓଡ଼ିଶାର ଗାଁ ଗହଳିରେ ଏବେ ବି ପଡୁଥିବା ଝୋଟି ମଧ୍ୟରେ ଅନନ୍ତ ବ୍ରତ ମଣ୍ଡଳ ଅନ୍ୟତମ। ଭାଦ୍ରବ ମାସରେ ଅନନ୍ତ ବ୍ରତ ଦିନ ଏହି ଝୋଟି ପଡ଼ିଥାଏ। ଏହି ଝୋଟିରେ ଅନନ୍ତନାଗଙ୍କୁ ଦର୍ଶା ଯାଇଥାଏ। ଝୋଟି ମଧ୍ୟରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ମଧ ଅଙ୍କା ଯାଇଥାଏ। ଅନନ୍ତବ୍ରତ ମଣ୍ଡଳରେ ପ୍ରଥମେ ଢାଉରେ ରଙ୍ଗ କରାଯାଇ ତାହା ଉପରେ ଅରୁଆ ଚାଉଳର ଝୋଟି ପକାଯାଏ। ଏହି ଚିତା ଏମିତି ଭାବେ ଅଙ୍କା ଯାଇଥାଏ ଯେମିତି ଅନନ୍ତନାଗଙ୍କର ମୁଣ୍ଡ ଏବଂ ଲାଞ୍ଜ ଗୋଟିଏ ଜାଗାରେ ଆସି ମିଶିଥିବେ ।

ବେଲପତ୍ରି ମଣ୍ଡଳ ଚିତା : ଆଉ ଗୋଟିଏ ପ୍ରକାରର ଚିତା ହେଉଛି ବେଲପତ୍ରି ମଣ୍ଡଳ ଚିତା। ଶିବରାତ୍ରି ଅବସରେ ପଞ୍ଚବର୍ଣ୍ଣୀ ମୁରୁଜରେ ଅଙ୍କା ଯାଇଥାଏ ବେଲପତ୍ରି ମଣ୍ଡଳ ଚିତା। ବିଶ୍ୱାସ କରାଯାଏ ମହାଶିବରାତ୍ରି ଦିନ ଯଦି ଜଣେ ନିଃସନ୍ତାନ ମହିଳା ବେଲପତ୍ରି ମଣ୍ଡଳ ଚିତା ଆଙ୍କି ରାତି ସାରା ପଞ୍ଚାକ୍ଷରି ମନ୍ତ୍ର ଜପ କରିଥାନ୍ତି ତେବେ ତାଙ୍କର ସନ୍ତାନ ପ୍ରାପ୍ତି ହୋଇଥାଏ। ଏହି ଚିତା ବ୍ୟତୀତ ଆଉ ଯେଉଁ ସବୁ ଝୋଟି ପଡ଼ିଥାଏ ତାହ ମଧ୍ୟରେ ଶଙ୍ଖ ମଣ୍ଡଳ, ମଣ୍ଡଳ ପଦ୍ମ, କବାଟ ପଦ୍ମ ଅନ୍ୟତମ। ଦୋଳପୂର୍ଣ୍ଣିମା ଦିନ ଶଙ୍ଖ ମଣ୍ଡଳ ଅଙ୍କନ କରାଯାଉଥିବା ବେଳେ ଚତୁର୍ମାସ୍ୟ ଗୁରୁବାରରେ ଘରର ମୁଖ୍ୟ କବାଟରେ ଅଙ୍କା ଯାଇଥାଏ କବାଟ ପଦ୍ମ। ସେହିପରି ଗୁରୁବାର ଲକ୍ଷ୍ମୀପୂଜାରେ କବାଟ ଓ ଚଟାଣରେ ମଣ୍ଡଳ ପଦ୍ମ ଅଙ୍କାଯାଏ।

# ପୁରୁଣା ପେନସନ୍ ଦାବିରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



**ଭୁବନେଶ୍ୱର,୩।୮ (ମହାଭାରତ):** ୟୁନିଫାଏଡ୍ ପେନ୍‌ସନ୍ ସ୍କିମ୍ ବିରୁଦ୍ଧରେ ଦେଶର ସବୁ ରାଜ୍ୟର ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟର ଚାରିଲକ୍ଷ କର୍ମଚାରୀ ଓ ଦେଶର ଏକ କୋଟି କର୍ମଚାରୀ ଦାବିପତ୍ର ପ୍ରଦାନ କରିଥିଲେ । କର୍ମଚାରୀଙ୍କର ଗୋଟିଏ ଦାବି ପୁରୁଣା ପେନ୍‌ସନ୍ ରାଜ୍ୟ ସରକାର ଲାଗୁ କରନ୍ତୁ । କର୍ମଚାରୀମାନେ ନା ଏନ୍.ପି.ଏସ୍. ନା ଓ.ପି.ଏସ୍., କେବଳ ପୁରୁଣା ପେନ୍‌ସନ୍ ଦାବି କରି ପଞ୍ଚାୟତ ସ୍ତରରୁ ପାର୍ଲାମେଣ୍ଟ ପର୍ଯ୍ୟନ୍ତ ଧାରଣା ଓ ପ୍ରତିବାଦ କରୁଥିଲେ ମଧ୍ୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଏହାକୁ କର୍ଣ୍ଣପାତ କରୁନାହାଁନ୍ତି । ପ୍ରକାଶଥାଉକି, ମାନ୍ୟବର ମୁଖ୍ୟମନ୍ତ୍ରୀ ଯେତେବେଳେ ବିରୋଧି ଦଳର ମୁଖ୍ୟସଚେତକ ଭାବରେ ଆନ୍ଦୋଳନ ସ୍ଥଳକୁ ଆସି ସେତେବେଳର ରାଜ୍ୟ ସରକାରଙ୍କୁ ସମାଲୋଚନା କରି କହିଥିଲେ କି, ଯଦି ଝାଡ଼ଖଣ୍ଡ, ରାଜସ୍ଥାନରେ ପୁରୁଣା ପେନ୍‌ସନ୍ ହୋଇପାରୁଛି, ଓଡ଼ିଶାରେ କାହିଁକି ହୋଇପାରିବ ନାହିଁ । ରାଜ୍ୟ ସରକାରଙ୍କର କେବଳ ମନୋଭାବର ଅଭାବ ପାଇଁ ରାଜ୍ୟ ସରକାର ପୁରୁଣା ପେନ୍‌ସନ୍ ଲାଗୁ କରୁନାହାଁନ୍ତି । ତାଙ୍କ ସରକାର ଆସିଲେ ପୁରୁଣା ପେନ୍‌ସନ୍ ଲାଗୁ କରିବେ ବୋଲି ଏବେ ନିଜେ ମାନ୍ୟବର ମୁଖ୍ୟମନ୍ତ୍ରୀ ହୋଇ ତାଙ୍କର ପ୍ରତିଶ୍ରୁତି ପୁରଣ କରିବେ ବୋଲି ୪ ଲକ୍ଷ କର୍ମଚାରୀ ଓ ସେମାନଙ୍କ ପରିବାର ଆଶାବାଦୀ ଅଛନ୍ତି । ୨୦୦୪ ପରେ କେନ୍ଦ୍ର ସରକାର ଏନ୍.ପି.ଏସ୍. ଲାଗୁ କରିଥିଲେ । ଏବେ କିଛିଦିନ ତଳେ ୟୁ.ପି.ଏସ୍.କୁ ବିନା ଆଲୋଚନାରେ ରାଜ୍ୟ ସରକାର ଜୋର୍‌ଜବରଦସ୍ତ କର୍ମଚାରୀଙ୍କ ଉପରେ ଲଦି ଦେଇଛନ୍ତି । ଏହାକୁ ବିରୋଧ କରି ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଆଜି ପ୍ରତିବାଦ ଓ ଦାବିପତ୍ର ପ୍ରଦାନ କରିଥିଲେ । ଯଦି ରାଜ୍ୟ ସରକାର ୯୦ ଦିନ ଭିତରେ କର୍ମଚାରୀଙ୍କର ୪୦ ବର୍ଷର ପରିଶ୍ରମକୁ କର୍ଣ୍ଣପାତ ନ କରିବେ, କର୍ମଚାରୀମାନେ ବାଧହୋଇ ସପରିବାର ସହିତ ଆସି ଭୁବନେଶ୍ୱରର ରାଜରାସ୍ତାରେ ଆନ୍ଦୋଳନ କରିବେ । ଏନ୍.ଏମ୍.ଓ.ପି.ଏସ୍. ଓଡ଼ିଶା ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ ଚାରିଲକ୍ଷ କର୍ମଚାରୀ ଓ ସେମାନଙ୍କ ପରିବାର ସର୍ବମୋଟ୍ ୪୦ଲକ୍ଷ ଲୋକଙ୍କର ଗୁରୁତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ନୂତନ ପେନ୍‌ସନ୍ ବ୍ୟବସ୍ଥା ଉଚ୍ଛେଦ ଓ ୟୁ.ପି.ଏସ୍.କୁ ଲାଗ ନକରି ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରନ୍ତୁ ବୋଲି ରାଜ୍ୟ ସରକାରଙ୍କୁ ସଭାପତି ବିଜୟ ମଲ୍ଲ ଓ ସାଧାରଣ ସମ୍ପାଦକ ପ୍ରଯତ୍ନ ବରାଳ, ଦିଲ୍ଲୀପ ଦାସ, ରଶ୍ମିରଂଜନ ପାଢୀ, ଦେବୀ ଧଳ, ସଂଯୋଜକ ଇତ୍‌କାର ଅହମ୍ମଦ, ରାଜେଶ ମହାନ୍ତି, କାର୍ଯ୍ୟକାରୀ ସଭାପତି ବଙ୍କିମ ଚନ୍ଦ୍ର ସାଗର, ବିଭୂପ୍ରସାଦ ସାହୁ, ବିକ୍ରମ ରଥ, ବ୍ରହ୍ମାନନ୍ଦ ମହାରଣା, ଖଗେନ୍ଦ୍ର ପାଲ୍, ସୁରେଶ ପଟ୍ଟନାୟକ, ସୁନୀଲ୍ ପ୍ରଧାନ, ଶ୍ରୀକାନ୍ତ ବାରିକ, ବିମଳ ଚୌଧୁରୀ, ବିନୋଦ କୁମାର ବଳ, ଅଜୟ ଧଳ, ସୁରେଶ ପ୍ରଧାନ, ଉପସଭାପତି କ୍ଷୀତିଶ ପଣ୍ଡା, ସୁଶାନ୍ତ କୁମାର ବେହେରା, ଅନିତା ବେହେରା, ସୁଚିସ୍ମିତା ଦାସ, ଅଶ୍ୱିନୀ ଦାସ, ବିଭୂପ୍ରସାଦ ସାହୁ, ଗୁରୁ ଗୋବିନ୍ଦ ଦଳାଇ, ଲଲାଟେନ୍ଦୁ ମହାପାତ୍ର, ପ୍ରିୟବ୍ରତ ନାୟକ, ପଞ୍ଚାନନ ଜେନା, ରାଜେନ୍ଦ୍ର ମଲ୍ଲିକ, ସୁଧାଂଶୁ ପୁହାଣ, ସୁକନ୍ୟା ମହୁରୀ, ପ୍ରଦୀପ ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ପ୍ରଶାନ୍ତ ରାଉତରାୟ, ଶୁଭ୍ରଜିତ୍ ପ୍ରତିହାରୀ, ମହାଦେବ ସେଠୀ, ଯୁଗ୍ମ ସମ୍ପାଦକ ଆଦିତ୍ୟ ନାରାୟଣ ସ୍ୱାଇଁ, ଅମର ଜୁମର ପ୍ରତାପ, ଅନ୍ତର୍ଯ୍ୟାମୀ ଲେଙ୍କା, କଲ୍ୟାଣୀ ରାଉତ, ମନୋଜ କୁମାର ଦାସ, ରବିନ୍ଦ୍ର ପ୍ରଧାନ, ସୁଜିତ୍ ପାଢୀ, ଜୋନ୍ ସମ୍ପାଦକ ଅକ୍ଷୟ ମଲ୍ଲିକ, ବି.ଏନ୍. ଭୋଇ, ଅଡିଟର ମଳୟ ଜେନା, ମିଡ଼ିଆ ସମ୍ପାଦକ ଶିବ ଶଙ୍କର ସାହୁ, ବବ୍‌ଲୁ ନାୟକ ପ୍ରମୁଖ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି ।

# ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ସ୍ୱଚ୍ଛତା ଅଭିଯାନ




**ଭୁବନେଶ୍ୱର,୩।୮ (ମହାଭାରତ):** ଭାରତୀୟ ରେଳବାଇର ଏକ ସ୍ୱଚ୍ଛ ଏବଂ ସବୁଜ ଭାରତ ପ୍ରତି ପ୍ରତିବଦ୍ଧତାର ଅଂଶ ଭାବରେ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ସ୍ୱାଧୀନତା ଦିବସ ପାଳନ ଏବଂ ବ୍ୟାପକ ଜାତୀୟ ସ୍ୱଚ୍ଛ ଭାରତ ମିଶନ ସହିତ ସମନ୍ୱୟ ରଖି ଏକ ବ୍ୟାପକ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରିଛି । ରେଳ ଷ୍ଟେସନ ଏବଂ ରେଳ ପ୍ରତିଷ୍ଠାନଗୁଡ଼ିକରେ ରେଳ କର୍ମଚାରୀ ଏବଂ ସଫେଇ କର୍ମଚାରୀଙ୍କ ଦ୍ୱାରା ନିଆଯାଇଥିବା ସ୍ୱଚ୍ଛତା ପ୍ରତିଜ୍ଞା ସହିତ ଏହି ଅଭିଯାନକୁ ଶୁଭାରମ୍ଭ କରାଯାଇଅଛି । ଅଭିଯାନର ମୁଖ୍ୟ ଆକର୍ଷଣଗୁଡ଼ିକ ମଧ୍ୟରୁ ଅଗଷ୍ଟ ୧ ତାରିଖରୁ ୩ ତାରିଖ ପର୍ଯ୍ୟନ୍ତ ସେଲ୍ଫି ବୁଥ ମାଧ୍ୟମରେ ସଚେତନତା ପ୍ରସାର କରିବା ପାଇଁ ପ୍ରମୁଖ ଷ୍ଟେସନଗୁଡ଼ିକରେ ରେଳ ଯାତ୍ରୀମାନଙ୍କୁ ସାମିଲ କରିବା; ଜନସଚେତନତା ଅଭିଯାନ ମଧ୍ୟରୁ ଡଷ୍ଟବିନ୍ ବ୍ୟବହାର, ଆବର୍ଜନା ବିରୋଧୀ ଏବଂ ଜୈବ-ଶୌଚାଳୟ ବ୍ୟବହାର ଭଳି ଦାୟିତ୍ୱପୂର୍ଣ୍ଣ ଆଚରଣ ଉପରେ କେନ୍ଦ୍ରିତ କରିବା ଇତ୍ୟାଦି ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ । ଟ୍ରେନ୍ ଏବଂ ଷ୍ଟେସନଗୁଡ଼ିକରେ ନିୟମିତ ଘୋଷଣା ସହିତ ସ୍ୱଚ୍ଛତା ପ୍ରତିଜ୍ଞା ପୁସ୍ତିକା ବଣ୍ଟନ ଦ୍ୱାରା ସଚେତନତା କରାଇବା; ଡଷ୍ଟବିନ୍ ବ୍ୟବହାର ପ୍ରତି ଯାତ୍ରୀ ମାନଙ୍କୁ ସକ୍ରିୟ ଅଂଶଗ୍ରହଣ କରାଇବା ଏବଂ ପୋଷ୍ଟର ପ୍ରଦର୍ଶନ ଓ ଅଡିଓ-ଭିଜୁଆଲ୍ ଅଭିଯାନ ମାଧ୍ୟମରେ ପରିବେଶଗତ ସ୍ଥିରତା, ଦାୟିତ୍ୱପୂର୍ଣ୍ଣ ବର୍ଜ୍ୟବସ୍ତୁ ନିଷ୍କାସନ ଏବଂ ରେଳପଥ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ଇତ୍ୟାଦି ଅନ୍ତର୍ଭୁକ୍ତ ଅଟେ ।

୧୬ ଅଗଷ୍ଟ ରୁ ୩୧ ଅକ୍ଟୋବର ମଧ୍ୟରେ ଟ୍ରେନରେ ଶୌଚାଳୟ, ଭେଷ୍ଟିବୁଲ୍ସ, ଲିନେନ୍ କ୍ଷେତ୍ର ସଫା ଓ ପରିଷ୍କାର ପ୍ରତି ଗୁରୁତ୍ୱାରୋପ କରାଇବା; ଓଜଉଞ୍ଜଉ ସହିତ ସମନ୍ୱୟରେ କୀଟପତଙ୍ଗ ଏବଂ ମୂଷା ନିୟନ୍ତ୍ରଣ ପ୍ରତି ଯତ୍ନବାନ ହୋ; କୋଚ୍ ଗୁଡିକୁ ଯାଞ୍ଚ, ଜୈବିକ-ଶୌଚାଳୟ ସଫା କରିବା ପରାମର୍ଶ ଅଭିଯାନ ପ୍ରତି ବିଶେଷ ଧ୍ୟାନ ଦେବା; ପ୍ୟାଣ୍ଟ୍ରି କାର, ଖାଦ୍ୟ ଷ୍ଟଲ୍, ବେସ୍ ରୋଷେଇ ଘର ଏବଂ କ୍ୟାଣ୍ଟିନରେ ପରିଷ୍କାର ପରିଚ୍ଛନ୍ନତା ଓ ସ୍ୱଚ୍ଛତା ପ୍ରତି ଗୁରୁତ୍ୱାରୋପ କରାଇବା ଏବଂ ଅଳିଆ । ପୃଥକୀକରଣ, ପ୍ଲାଷ୍ଟିକ୍-ମୁକ୍ତ ପ୍ଲାଟଫର୍ମ ଏବଂ ଜୈବିକ-କମ୍ପୋଷ୍ଟିଂ ପଦକ୍ଷେପ ପ୍ରତି ବିଶେଷ ଧ୍ୟାନଦେବାକୁ ଏହି ଅଭିଯାନର ଉଦ୍ଦେଶ୍ୟ ରଖାଯାଇଅଛି । ଏହି ବ୍ୟାପକ ସ୍ୱଚ୍ଛତା ଅଭିଯାନ ରେଳ ଯାତ୍ରୀଙ୍କ ସହଯୋଗ ଉପରେ ଗୁରୁତ୍ୱାରୋପ କରୁଛି ଯେଉଁଥିରେ ସମସ୍ତଙ୍କୁ ଡଷ୍ଟବିନ୍ ବ୍ୟବହାର କରନ୍ତୁ - ରେଳପଥକୁ ସଫା ରଖନ୍ତୁ ପାଇଁ ଅନୁରୋଧ କରାଯାଇଅଛି ।

# ଖରିଫ ଧାନ ସଂଗ୍ରହ ପଞ୍ଜୀକରଣରେ ବାଧକ ସାଜିଛି ଆଇ ସ୍କାନର୍

**ଭୁବନେଶ୍ୱର,୩।୮ (ମହାଭାରତ):** ଖରିଫ ଧାନ ସଂଗ୍ରହ ପଞ୍ଜୀକରଣରେ ବାଧକ ସାଜିଛି ଆଇ ସ୍କାନର୍ । ରାଜ୍ୟର ୧୬ ଜିଲ୍ଲାରେ ଆଇ ସ୍କାନର୍ ମେସିନ୍ ନଥିବାରୁ ଚାଷୀ ହଇରାଣ ହେଉଛନ୍ତି । ୧୬ ଜିଲ୍ଲା ପାଇଁ ୯୭୯ ଆଇ ସ୍କାନର୍ ମେସିନର ଆବଶ୍ୟକତା ରହିଛି । ତୁରନ୍ତ ଆଇ ସ୍କାନର୍ ଯୋଗାଇ ଦେବାକୁ ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ । ୨୦ ଅଗଷ୍ଟ ଯାଏଁ ପଞ୍ଜୀକରଣ କରିପାରିବେ ଚାଷୀ । ୯ ସେପ୍ଟେମ୍ବର ସୁଦ୍ଧା ସରିବ ଚାଷୀଙ୍କ ତଥ୍ୟ ଯାଞ୍ଚ । ୩୦ ସେପ୍ଟେମ୍ବର ସୁଦ୍ଧା ପ୍ରକାଶ ପାଇବ ଯୋଗ୍ୟ ଚାଷୀଙ୍କ ତାଲିକା । ନଭେମ୍ବର ପ୍ରଥମ ସପ୍ତାହରେ ଧାନ କିଣିବେ ସରକାର । ୩୧ ମାର୍ଚ୍ଚ ୨୦୨୬ରେ ସରିବ ଧାନକିଣା । ଧାନରେ ୮୦୦ ଟଙ୍କାର ଅଧିକ ଇନପୁଟ୍ ସବସିଡି ଦେଉଛନ୍ତି ସରକାର । ଏଥିପାଇଁ ଚାଷୀ ଅଧିକରୁ ଅଧିକ ଧାନ ମଣ୍ଡିରେ ବିକିବାକୁ ଅପେକ୍ଷା କରୁଛନ୍ତି । ରବି ଧାନ ବିକ୍ରି ବେଳେ ମଣ୍ଡିରେ ଅବ୍ୟବସ୍ଥା, ଟୋକନ୍ ଥାଇ ଧାନ ବିକ୍ରି କରିପାରିନଥିଲେ ଚାଷୀ । ଏପରିକି କଟନୀ ଛଟନୀକୁ ନେଇ ଅସନ୍ତୁଷ୍ଟ ଥିଲେ ଚାଷୀ । ଏବେ ପଞ୍ଜୀକରଣ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଚାଷୀ । ପ୍ରତିଥର ଧାନ ସଂଗ୍ରହ ପାଇଁ ସରକାର ଆଗୁଆ । ପ୍ରସ୍ତୁତ ହେଉଛନ୍ତି । ହେଲେ ମଣ୍ଡିରେ ଅବ୍ୟବସ୍ଥା, ଦଲାଲ୍ ରାଜ୍ ପାଇଁ ଚାଷୀଙ୍କ ଧାନ ମାସମାସ ଧରି ପଡ଼ିରହୁଛି ।

# ସୋଆରେ ମତ ବିନିମୟ କାର୍ଯ୍ୟକ୍ରମ




**ଭୁବନେଶ୍ୱର,୩।୮ (ମହାଭାରତ):** ବର୍ତ୍ତମାନ ସମୟରେ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ (ଏଆଇ)ର ଆବିର୍ଭାବ ଚାକିରି ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଛାତ୍ରଛାତ୍ରୀମାନେ କିନ୍ତୁ ନିଜେ ନିଯୁକ୍ତି ସୃଷ୍ଟି କରି ନିଜର ଭାଗ୍ୟ ନିର୍ଦ୍ଧାରଣ କରନ୍ତୁ ବୋଲି ଶନିବାର କହିଛନ୍ତି ପର୍ସିଷ୍ଟାଂଟ ସିଷ୍ଟମ୍‌ସର ପ୍ରତିଷ୍ଠାତା ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଆନନ୍ଦ ଦେଶପାଣ୍ଡେ ।

ଆମେ ବର୍ତ୍ତମାନ ଏଭଳି ପରିସ୍ଥିତି ଦେଇ ଗତି କରୁଛୁ ଯେଉଁ ସମୟରେ କି କାର୍ଯ୍ୟର ଆବଶ୍ୟକତା ବଢ଼ିବ ମାତ୍ର ଚାକିରିର ହାର କମିବ । ତେଣୁ ଚାକିରି ପଛରେ ନ ଗୋଡାଇ ନିଜେ କିଭଳି ନିଯୁକ୍ତି ସୃଷ୍ଟି କରିପାରିବ ସେ ଦିଗରେ ଛାତ୍ରଛାତ୍ରୀମାନେ ଚିନ୍ତା କରିବା ଉଚିତ୍ ବୋଲି କହିଛନ୍ତି ଡକ୍ଟର ଦେଶପାଣ୍ଡେ । ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହ ମତ ବିନିମୟ ଅବସରରେ ଏହା କହିଛନ୍ତି ଡକ୍ଟର ଦେଶପାଣ୍ଡେ ।

ଏଆଇ ଏବଂ ଏହାର ଭବିଷ୍ୟତ ସମ୍ପର୍କିତ ଏକ ପ୍ରଶ୍ନର ଉତର ଦେଇ ସେ କହିଥିଲେ ଯେ ସମସ୍ୟାର ସମାଧାନ କରିବା ସହ ଉତ୍ପାଦନତା ବୃଦ୍ଧି କରିବା ଦିଗରେ ଏଆଇର ଉଚ୍ଚ ଧରଣର ଦକ୍ଷତା ରହିଛି ।

ବର୍ତ୍ତମାନ ସମୟରେ ମଣିଷମାନଙ୍କ ଅପେକ୍ଷା ଏଆଇ ଭଲ କୋଡ୍ ଲେଖିପାରୁଛି । କିନ୍ତୁ ଏଆଇ ଅନେକ କିଛି ବିଷୟକୁ ବିକୃତ ମଧ୍ୟ କରିପାରେ ଯାହା ଅନ୍ୟ କେହି କରିପାରିବେ ନାହିଁ ବୋଲି କହିବା ସହ ଦୁଇଟି ଦେଶ ଆମେରିକା ଏବଂ ଚୀନ ବର୍ତ୍ତମାନ ଏଆଇ କ୍ଷେତ୍ରରେ ସବୁଠାରୁ ଆଗରେ ଅଛନ୍ତି ବୋଲି ସେ ପ୍ରକାଶ କରିଥିଲେ ।

ସୋଆ ବିଶ୍ୱବିଦ୍ୟାଳୟ ଏବଂ ଅଟଳ ଇନ୍‌କ୍ୟୁବେସନ୍ ସେଂଟର - ସୋଆ ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିଥିଲେ । ସୋଆ ଉପଦେଷ୍ଟା ମଣ୍ଡଳୀର ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ ଏବଂ କର୍ପୋରେଟ୍ ରିଲେସନ୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଏନଗେଜମେଂଟ ନିର୍ଦ୍ଦେଶକ ଶ୍ରୀ ରୀପ୍ତି ରନ ଦାଶ ଏହି କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖିଥିଲେ ।

ପୁନେ ସ୍ଥିତ ବିଶ୍ୱସ୍ତରୀୟ ଡିଜିଟାଲ୍ ଇଞ୍ଜିନିୟରିଂ କମ୍ପାନୀର ମୁଖ୍ୟ ଡକ୍ଟର ଦେଶପାଣ୍ଡେ କହିଥିଲେ ଯେ ଚିକିତ୍ସା ବିଜ୍ଞାନ ଯେଉଁଭଳି ଦ୍ରୁତ ଗତିରେ ଅଗ୍ରଗତି କରୁଛି ସେଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଯେଉଁମାନେ ୨୦୦୦ ମସିହା ପରେ ଜନ୍ମ ଗ୍ରହଣ କରିଛନ୍ତି ସେମାନେ ୧୦୦ ବର୍ଷ ପର୍ଯ୍ୟନ୍ତ ବଂଚି ରହିବାରେ ଅସୁବିଧା ନାହିଁ ଏବଂ ଆଗାମୀ ୬୦ ବର୍ଷ ଧରି ୨୦୮୫ ମସିହା ପର୍ଯ୍ୟନ୍ତ ସେମାନେ କାର୍ଯ୍ୟକ୍ଷମ ରହିବେ ।

ଭାରତ ଖୁବ ପ୍ରଗତିଶୀଳ ହୋଇଥିଲେ ମଧ୍ୟ ବର୍ତ୍ତମାନ ଛାତ୍ରଛାତ୍ରୀମାନେ ଯେଉଁ ଜ୍ଞାନ ଆହରଣ କରୁଛନ୍ତି ତାହା ୬୦ ବର୍ଷ ପର୍ଯ୍ୟନ୍ତ ତିଷ୍ଠି ରହିବ ନାହିଁ । କାରଣ ବିଶ୍ୱବିଦ୍ୟାଳୟ ଛାଡ଼ିବା ପରେ ସେମାନେ ଯେଉଁ କମ୍ପାନୀରେ ଯୋଗ ଦେବେ ତାହା ଆଗାମୀ ୬ ଦଶନ୍ଧି ଧରି ରହିବ ନାହିଁ ବୋଲି ସେ କହିଥିଲେ ।

ଡକ୍ଟର ଦେଶପାଣ୍ଡେ ଆଇଆଇଟି ଖଡ଼ଗପୁରର ଛାତ୍ର ଯାହା ଦେଶର ପ୍ରଥମ ଶିକ୍ଷାନୁଷ୍ଠାନ ଯେଉଁଠାରେ କମ୍ପ୍ୟୁଟର ସାଇନ୍‌ସ ପାଠ୍ୟକ୍ରମ ଆରମ୍ଭ କରାଯାଇଥିଲା । ସେ ଆମେରିକାରେ ପାଠ ପଢ଼ି ଚାକିରି କରିବା ପରେ ୧୯୯୦ ରେ ଭାରତ ଫେରି ନିଜର କମ୍ପାନୀ ଆରମ୍ଭ କରିଥିଲେ । ନିଜ ଲକ୍ଷ୍ୟ ନିର୍ଦ୍ଧାରଣ କରିବାକୁ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେବା ସହ ସେମାନେ କେଉଁ ଦିଗରେ ଯାଉଛନ୍ତି ତାହା ଜାଣିବା ଉଚିତ୍ ବୋଲି ସେ କହିଥିଲେ । ନିରନ୍ତର ଜ୍ଞାନ ଆହରଣ ସହ ସଂଗଠିତ କାର୍ଯ୍ୟ ଏବଂ ସଂଯୋଗୀକରଣର ଅନେକ ଆବଶ୍ୟକତା ରହିଛି । ତେବେ ନୈତିକତା ସହ ସାଲିସ୍ ନ କରି ନିଜ ବୃତି ପ୍ରତି ନିଷ୍ଠାବାନ ହେବା ଆବଶ୍ୟକ ବୋଲି ସେ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ । ଏକ ପ୍ରଶ୍ନର ଉତରରେ ଭୁଲ କରିବା ଏକ ସାଧାରଣ ଘଟଣା ଓ କିଛି ବଡ଼ କଥା ନୁହେଁ ବୋଲି ଡକ୍ଟର ଦେଶପାଣ୍ଡେ କହିଥିଲେ । କାର୍ଯ୍ୟକ୍ରମରେ ଆଡିସ୍‌ନାଲ୍ ଡିନ୍ (ଷ୍ଟୁଡେଂଟ ଆଫେୟାର୍ସ) ଆଇଟିଇଆର, ପ୍ରଫେସର ରେଣୁ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

# ମହାନଦୀ ଜଳ ବିବାଦର ଆପୋଷ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

**ଭୁବନେଶ୍ୱର,୩।୮ (ମହାଭାରତ):** ମହାନଦୀ ଜଳ ବିବାଦର ଆପୋଷ ସମାଧାନ ପାଇଁ ଗତକାଲି ଅନୁଷ୍ଠିତ ବୈଠକର ନିଷ୍ପତି ଅନୁଯାୟୀ ସମସ୍ତ ରାଜନୈତିକ ଦଳ, ନଦୀ ଓ ଜଳ ବିଶେଷଜ୍ଞ, ନଦୀ ଆନ୍ଦୋଳନର ପ୍ରମୁଖ ନେତୃତ୍ୱ ଓ ବୁଦ୍ଧିଜୀବୀଙ୍କୁ ନେଇ ଏକ ବୈଠକ ତୁରନ୍ତ ଡାକିବାକୁ ଅନୁରୋଧ କରି ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ଏହାର ଆବାହକ ସୁଦର୍ଶନ ଦାସ । ମହାନଦୀ ଜଳ ବିବାଦର ସମାଧାନ ପାଇଁ ଆପୋଷ ଆଲୋଚନାର ପ୍ରୟାସ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହିତ ଉପରୋକ୍ତ ବୈଠକ ମାଧ୍ୟମରେ ଓଡ଼ିଶାର ସହମତି ଆଣିବାକୁ ଅନୁରୋଧ କରିଛନ୍ତି ଶ୍ରୀ ଦାସ । ଆନ୍ତଃ ନଦୀ ଜଳ ବିବାଦ ଏକ ଜଟିଳ ସମସ୍ୟା ଏବଂ ସେଥିପାଇଁ ବିଭିନ୍ନ ବର୍ଗଙ୍କ ଭିତରେ ସହମତି ଅତ୍ୟନ୍ତ ଜରୁରୀ । ମହାନଦୀକୁ ନେଇ ଓଡ଼ିଶାର କଣ ଦାବି ସବୁ ରହିବା ଉଚିତ ସେସବୁ କୁ ସହମତି ଭିତ୍ତିରେ ନିର୍ଧାରଣ ହେବା ଉଚିତ ଏଂ ପ୍ରସ୍ତାବିତ ବୈଠକ ସେହି ଦୃଷ୍ଟିରୁ ଅନେକ ଗୁରୁ ବହନ କରେ । ଏହା ସହିତ ମହାନଦୀ ରିଭର ବୋର୍ଡ ଗଠନ ମାଧ୍ୟମରେ ମହାନଦୀ ବେଶିନର ସୁରକ୍ଷା ଏବଂ ବିକାଶ ସମ୍ଭବ ହୋଇ ପାରିବ ।

ଆଜିର ମହାନଦୀ ଟ୍ରିବୁନାଲର ଶୁଣାଣି ଉପରେ ପ୍ରତିକ୍ରିୟା ରଖି ଶ୍ରୀ ଦାସ କହିଛନ୍ତି ଯେ ଟ୍ରିବୁନାଲ ର ୪୬ଟି ବୈଠକ ବସିବା ଭିତରେ ସରକାରୀ ତହବିଲରୁ କୋଟି କୋଟି ଟଙ୍କା ଅର୍ଥ ଶ୍ରାଦ୍ଧ ହେଲା ସିନା, ଓଡ଼ିଶାକୁ ଆଜି ପର୍ଯ୍ୟନ୍ତ ସାମାନ୍ୟତମ ନ୍ୟାୟ ମିଳିଲା ନାହିଁ । ଏକ ଅନ୍ତରୀଣ ରାୟ ମାଧ୍ୟମରେ ଅଣ ମୌସୁମି ସମୟରେ ନିହାତି ଆବଶ୍ୟକ ନିର୍ଦ୍ଧାରିତ ୧.୭୪ ଏମ ଏ ଏଫ୍ ପାଣି ଓଡ଼ିଶାକୁ ଦିଅ । ନଯିବା ଦୁର୍ଭାଗ୍ୟ ଜନକ । ବିଗତ ୬ ବର୍ଷ ୪ ମାସ ଭିତରେ ଟ୍ରିବୁନାଲ କରୁଥିଲା କଣ ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି । ଜଳ ବିବାଦର ସମାଧାନ ଏକ ଜଟିଳ ପ୍ରସଙ୍ଗ ଏଥିପାଇଁ ସମନ୍ୱିତ ଆଭିମୁଖ୍ୟ ଆବଶ୍ୟକ ହେତୁ ଏହି ପ୍ରସ୍ତାବିତ ବୈଠକ ଜରୁରୀ ବୋଲି ମୁଖପାତ୍ର ପ୍ରସନ୍ନ ବିଶୋଇ କହିଛନ୍ତି ।

# ଆପିଲ୍ ମାମଲାର ଶୀଘ୍ର ସମାଧାନ ପାଇଁ କ୍ୟାମ୍ପ କୋର୍ଟ

**ଭୁବନେଶ୍ୱର,୩।୮ (ମହାଭାରତ):** ନାଗରିକ-କୈନ୍ଦ୍ରିକ ଶାସନ ଏବଂ ସମୟାନୁବର୍ତ୍ତୀ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଆଜି ଭୁବନେଶ୍ୱରର ଉନ୍ନତି ଭବନରେ ଓଡ଼ିଶା ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ ଆୟୋଜନ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ନାଗରିକ କେନ୍ଦ୍ରିକ ଆଭିମୁଖ୍ୟ ସୁନିଶ୍ଚିତ କରିବା ଏବଂ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ (ଡଉଇ) ଆଇନ, ୧୯୮୨ ଅନୁଯାୟୀ ଦାୟର ଆପିଲ୍ ମାମଲାଗୁଡ଼ିକର ତ୍ୱରିତ ସମାଧାନ ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଉଛି । ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ ସହ ଜଡିତ ଆପିଲ୍ ମାମଲାଗୁଡ଼ିକର ନିର୍ଦ୍ଦିଷ୍ଟ ଆପିଲ୍ କର୍ତ୍ତୃପକ୍ଷ ପ୍ରମୁଖ ସଚିବ ଆଜିର ଶୁଣାଣିରେ ଅଧ୍ୟକ୍ଷତା କରିଥିଲେ । ୭୦୦ ରୁ ଅଧିକ ବିଚାରାଧୀନ ଆପିଲ୍ ମାମଲା ମଧ୍ୟରୁ ଆଜି ମୋଟ ୧୩୯ ଟି ମାମଲା ଗ୍ରହଣ ଏବଂ ନିଷ୍କାସନ କରାଯାଇଥିଲା । ଏହି ଆବେଦନଗୁଡ଼ିକ ଓଡିଶା ବିକାଶ ପ୍ରାଧିକରଣ ଆଇନର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ବିରୁଦ୍ଧରେ ନାଗରିକମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ବିଭିନ୍ନ ଆବେଦନ ସହିତ ଜଡିତ । ସମ୍ପ୍ରତି, ଆପିଲେଟ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ମାମଲାଗୁଡ଼ିକର ଶୀଘ୍ର ସମାଧାନ ସୁନିଶ୍ଚିତ କରିବା ପାଇଁ, ଆଇନ ଅନୁଯାୟୀ ଅପିଲ୍ ମାମଲା ପରିଚାଳନା ପାଇଁ ନିଯୁକ୍ତ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ - ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆଙ୍କ ସମେତ ସ୍ୱତନ୍ତ୍ର ସଚିବ । ଅତିରିକ୍ତ ସଚିବ - ସରକାରୀ ନିର୍ଦ୍ଦେଶ ପ୍ରାପ୍ତ ହୋଇଛି । ଏହି ବିକେନ୍ଦ୍ରୀକରଣ ପଦ୍ଧତି ଦକ୍ଷତା ବୃଦ୍ଧି ଏବଂ ବିଚାରାଧୀନତା ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ଅନନ୍ୟ ପଦକ୍ଷେପ ଗୃହ ଏବଂ ନଗର ଉନ୍ନୟନ ବିଭାଗର ସ୍ୱଚ୍ଛତା, ନିରପେକ୍ଷତା ଏବଂ ଦାୟିତ୍ୱର ନୀତିକୁ ବଜାୟ ରଖିବା ପାଇଁ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେୟ ଏହା ନାଗରିକମାନଙ୍କୁ ଏକ ନିରପେକ୍ଷ ଶୁଣାଣି ପ୍ଲାଟଫର୍ମ ପ୍ରଦାନ କରିବାକୁ ଚେଷ୍ଟା କରେ ଯେଉଁମାନେ ବିଶ୍ୱାସ କରନ୍ତି ଯେ ସେମାନେ ପ୍ରଶାସନିକ ନିଷ୍ପତ୍ତି ଦ୍ୱାରା ପ୍ରଭାବିତ ହୋଇଛନ୍ତି ।

# ଆଦି କର୍ମଯୋଗୀ ରିଜିଓନାଲ ପ୍ରୋସେସ ଲ୍ୟାବ୍ ଉଦ୍‌ଘାଟିତ

**ଭୁବନେଶ୍ୱର,୩।୮ (ମହାଭାରତ):** ସମାବେଶୀ ବିକାଶ ଏବଂ ସେବା ପ୍ରଦାନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଭୁବନେଶ୍ୱରରେ ଚତୁର୍ଥ ଆଦି କର୍ମଯୋଗୀ ରିଜିଓନାଲ ପ୍ରୋସେସ ଲ୍ୟାବ୍ (ଆରପିଏଲ) ର ଉଦଘାଟନ ହୋଇଯାଇଛି । ଅଗ୍ରଣୀ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ (ଡିଏଜେଜିୟୁଏ) ପୌରହିତ୍ୟରେ ଆୟୋଜିତ ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଆଗଧାଡ଼ିର ଆଦିବାସୀ କାର୍ଯ୍ୟକର୍ତ୍ତାଙ୍କୁ ଉତ୍ତରଦାୟୀ, ଜନକୈନ୍ଦ୍ରିକ ଶାସନ ଚଳାଇବା ପାଇଁ ଆବଶ୍ୟକ ଜ୍ଞାନ ସହିତ ସଜ୍ଜିତ କରିବା ।

ଏହି ରିଜିଓନାଲ ପ୍ରୋସେସ ଲ୍ୟାବକୁ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସଂଖ୍ୟାଲଘୁ ଓ ପଛୁଆ । ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ଶାସନ ସଚିବ ଶ୍ରୀ ମନୀଷ ଠାକୁର, ଓଡ଼ିଶା ସରକାରଙ୍କ ଜନଜାତି ଓ ଅନୁସୂଚିତ ଜାତି ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ବି. ପରମେଶ୍ୱରନ, ବିଭାଗୀୟ ନିର୍ଦ୍ଦେଶକ ସୁଶ୍ରୀ ମାନସୀ ନିମ୍ଭାଲ ଏବଂ ଜନଜାତି ବ୍ୟାପାର ମନ୍ତ୍ରଣାଳୟର ନିର୍ଦ୍ଦେଶକ ସୁଶ୍ରୀ ସମିଧା ସିଂହ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ଝାଡ଼ଖଣ୍ଡ, ବିହାର ଏବଂ ଓଡ଼ିଶାର ୨୫ ଜଣ ମନୋନୀତ ଅଂଶଗ୍ରହଣକାରୀଙ୍କୁ ଏକାଠି କରିଥିବାବେଳେ ଭାରତ ଗ୍ରାମୀଣ ଜୀବିକା ଫାଉଣ୍ଡେସନ (ବିଆରଏଲଏଫ) ଦ୍ୱାରା ପରିଚାଳିତ ହୋଇଥିଲା ।




ଆଦି କର୍ମଯୋଗୀ ହେଉଛି ଆଦିବାସୀ ବାସ୍ତବତାରେ ନିହିତ ପ୍ରତିକ୍ରିୟାଶୀଳ ଶାସନ । ଏଥିରେ ଆଦି କର୍ମଯୋଗୀ-ପ୍ରତିକ୍ରିୟାଶୀଳ ଶାସନ କାର୍ଯ୍ୟକ୍ରମ ହେଉଛି ରାଜ୍ୟ, ଜିଲ୍ଲା, ବ୍ଲକ ଏବଂ ଗ୍ରାମ ସ୍ତରରେ ଆଦିବାସୀ ଆଗଧାଡ଼ିର କର୍ମୀ ଏବଂ ସରକାରୀ କାର୍ଯ୍ୟକର୍ତ୍ତାଙ୍କ କ୍ଷମତା ନିର୍ମାଣ ପାଇଁ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ଏକ ଅଗ୍ରଣୀ ପଦକ୍ଷେପ । କଲ୍ୟାଣକାରୀ ଯୋଜନା ଯଥା ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁ ବିକାଶ, ଗ୍ରାମୀଣ ବିକାଶ, ଜଳ ଶକ୍ତି ଏବଂ ଜଙ୍ଗଲ ଭଳି ବିଭିନ୍ନ ବିଭାଗର ସମନ୍ୱୟ ରକ୍ଷା କରିବା ସହିତ ପ୍ରଭାବୀ କାର୍ଯ୍ୟାନ୍ୱୟନ । ଏଥିରେ ଅଂଶଗ୍ରହଣକାରୀ ଶିକ୍ଷା ଏବଂ ଗୋଷ୍ଠୀଗତ ଯୋଗଦାନ, ସ୍ୱଚ୍ଛ ଏବଂ ଉତ୍ତରଦାୟୀ ଶାସନ ବ୍ୟବସ୍ଥା ଆଦି ରହିଛି ।

ଓଡ଼ିଶାରେ ରିଜିଓନାଲ ପ୍ରୋସେସ ଲ୍ୟାବ୍ (ଆରପିଏଲ) କ୍ଷମତା ନିର୍ମାଣର ଏକ କ୍ୟାସକେଡିଂ ମଡେଲର ଅଂଶବିଶେଷ । ତାଲିମପ୍ରାପ୍ତ ରାଜ୍ୟସ୍ତରୀୟ ମାଷ୍ଟର ପ୍ରଶିକ୍ଷକମାନେ (ଏସ୍‌ଏମଟି) ପ୍ରାସଙ୍ଗିକ ଏବଂ ସ୍ଥାନୀୟ ଜ୍ଞାନର ପ୍ରସାରକୁ ସୁନିଶ୍ଚିତ କରି ରାଜ୍ୟ ଏବଂ ଜିଲ୍ଲା ପ୍ରକ୍ରିୟା ପରୀକ୍ଷାଗାରଗୁଡ଼ିକର ନେତୃତ୍ୱ ନେବେ । କାର୍ଯ୍ୟକ୍ରମରେ ଉଦଘାଟନୀ ଅଭିଭାଷଣ ପ୍ରଦାନ କରି ମନ୍ତ୍ରୀ ନିତ୍ୟାନନ୍ଦ ଗୋଣ୍ଡ ଗୁରୁତ୍ୱାରୋପ କରି କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ଆଧାରରେ, ପ୍ରତ୍ୟେକ ଆଦିବାସୀ ପରିବାର ପର୍ଯ୍ୟନ୍ତ ମୌଳିକ ସେବା ପହଂଚାଇବା ସୁନିଶ୍ଚିତ କରିବା ଲାଗି ଧରତୀ ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନର ଶୁଭାରମ୍ଭ କରାଯାଇଛି । ସେବା ପ୍ରଦାନକାରୀମାନଙ୍କୁ ସଶକ୍ତ କରିବା ପାଇଁ ଆଦି କର୍ମଯୋଗୀ କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ, ଯେଉଁମାନେ ଏହି ପ୍ରତିଶ୍ରୁତି ପାଳନ କରିବା ଆବଶ୍ୟକ । ଅଂଶଗ୍ରହଣକାରୀମାନେ ଏହି ଅଭିଯାନକୁ ଜିଲ୍ଲା ଏବଂ ବ୍ଲକ ସ୍ତରରେ ଆଗକୁ ନେବା ଉଚିତ ।

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଆନ୍ତଃବିଭାଗୀୟ ସମନ୍ୱୟର ଶକ୍ତି ଉପରେ ଗୁରୁତ୍ୱାରୋପ କରି କହିଛନ୍ତି, ସମ୍ମିଳନୀ ଦ୍ୱାରା ଆଦିବାସୀ ଅଞ୍ଚଳରେ ପରିବର୍ତ୍ତନ ତ୍ୱରାନ୍ୱିତ ହୋଇପାରିବ । ପ୍ରତିକ୍ରିୟାଶୀଳ, ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବା ଉଚିତ । କମିଶନର ତଥା ସଚିବ ଶ୍ରୀ ବି. ପରମେଶ୍ୱରନ କହିଥିଲେ, ଉତ୍ତରଦାୟୀ ଶାସନ ଏକକାଳୀନ ହସ୍ତକ୍ଷେପ ନୁହେଁ, ଏହା ଜନସେବା ପ୍ରଦାନକୁ ଆଦିବାସୀ ସମ୍ପ୍ରଦାୟର ଜୀବନ୍ତ ଅଭିଜ୍ଞତା ଏବଂ ଆବଶ୍ୟକତା ସହିତ ଯୋଡ଼ିବା ଆବଶ୍ୟକ । ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ସଚିବ ଶ୍ରୀ ବିଭୁ ନାୟାର ଭର୍ଚ୍ଚୁଆଲ ମାଧ୍ୟମରେ ଯୋଗ ଦେଇ ଅଂଶଗ୍ରହଣକାରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ, ସେ କହିଥିଲେ ଯେ ଆପଣମାନେ ହେଉଛନ୍ତି ପରିବର୍ତ୍ତନର ପ୍ରତିନିଧି, ଯେଉଁମାନେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଯୋଜନାଗୁଡ଼ିକ ବିଷୟରେ ଗୁରୁତ୍ୱପୂର୍ଣ୍ଣ ଜ୍ଞାନକୁ ତୃଣମୂଳ ସ୍ତରରେ ପହଞ୍ଚାଇବେୟ ଏହି ସାତ ଦିନିଆ । ପ୍ରୋସେସ୍ ଲ୍ୟାବ୍ ହେଉଛି ଶାସନ କିପରି ପ୍ରଦାନ କରାଯାଏ ତାହା ପୁନର୍ବିଚାର କରିବା ପାଇଁ ଏକ ଜୀବନ ପରିବର୍ତ୍ତନକାରୀ ସୁଯୋଗ ।

# ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲିୟମ୍ ସାମଗ୍ରୀ ବିକ୍ରି ବାରଣ

**ଭୁବନେଶ୍ୱର,୩।୮ (ମହାଭାରତ):** ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲିୟମ୍ ସାମଗ୍ରୀ ବିକ୍ରି, ଯୋଗାଣ, ସଂରକ୍ଷଣ ଓ ପରିବହନକୁ ରାଜ୍ୟ ସରକାର ନିଷିଦ୍ଧ କରିଛନ୍ତି । ଏନେଇ ରାଜ୍ୟ ସରକାରଙ୍କ ଯୋଗାଣ ବିଭାଗର ସଚିବ ସଞ୍ଜୟ କୁମାର ସିଂହ ଓଡ଼ିଶାର ସମସ୍ତ ଜିଲ୍ଲାପାଳମାନଙ୍କୁ ପତ୍ର ଲେଖିଛନ୍ତି । ଉକ୍ତ ନିୟମକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯିବା ଲାଗି ସେ ନିର୍ଦ୍ଦେଶ ଦେଇଛନ୍ତି । ଏହି ଚିଠିରେ କୁହାଯାଇଛି, ସରକାରଙ୍କ ଦୃଷ୍ଟିକୁ ଆସିଛି ଯେ ରାଜ୍ୟର ବିଭିନ୍ନ ସ୍ଥାନରେ ପେଟ୍ରୋଲିୟମ ଉତ୍ପାଦ ବିଶେଷକରି ପେଟ୍ରୋଲ ଏବଂ ଡିଜେଲ - ପ୍ଲାଷ୍ଟିକ୍ ବୋତଲ ଏବଂ ଅନୁମୋଦିତ ନ ଥିବା ପାତ୍ରରେ ବିକ୍ରି ଏବଂ ପରିବହନ କରାଯାଉଛି । ଏହି ଅସୁରକ୍ଷିତ ଅଭ୍ୟାସ କେବଳ ବିଭିନ୍ନ ଆଇନ ଏବଂ ନିୟମ ଅନୁଯାୟୀ ବୈଧାନିକ ବ୍ୟବସ୍ଥାକୁ ଉଲ୍ଲଂଘନ କରେ ନାହିଁ ବରଂ ଜନସାଧାରଣଙ୍କ ସୁରକ୍ଷା, ଅଗ୍ନି ବିପଦ ଏବଂ ପରିବେଶଗତ ବିପଦ ପ୍ରତି ଗମ୍ଭୀର ବିପଦ ସୃଷ୍ଟି କରୁଛି । ଉପରୋକ୍ତ ବିଷୟଗୁଡ଼ିକୁ ଦୃଷ୍ଟିରେ ରଖି ଏବଂ ପେଟ୍ରୋଲିୟମ୍ ଆଇନ, ୧୯୩୪, ପେଟ୍ରୋଲିୟମ୍ ନିୟମ, ୨୦୦୨, ବିସ୍ଫୋରକ ଆଇନ, ୧୮୮୪, ମୋଟର ସ୍ପିରିଟ୍ ଏବଂ ହାଇ-ସ୍ପିଡ୍ ଡିଜେଲ୍ (ଯୋଗାଣ, ବଣ୍ଟନ ଏବଂ ତ୍ରୁଟି ନିବାରଣ ନିୟନ୍ତ୍ରଣ) ଆଦେଶ, ୨୦୦୫, ପରିବେଶ (ସୁରକ୍ଷା) ଆଇନ, ୧୯୮୬ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଆଇନଗତ ଢାଞ୍ଚା ଅନୁଯାୟୀ ପ୍ରଦତ୍ତ କ୍ଷମତା ବ୍ୟବହାର କରି, ସରକାର ଜନସାଧାରଣଙ୍କ ସୁରକ୍ଷା ସ୍ୱାର୍ଥରେ ସମସ୍ତ ଜିଲ୍ଲାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଏବଂ କଡ଼ା ପ୍ରବର୍ତ୍ତନ ପାଇଁ ନିମ୍ନଲିଖିତ ନିର୍ଦ୍ଦେଶ ଜାରି କରିଛନ୍ତି । ପ୍ଲାଷ୍ଟିକ୍ ବୋତଲ କିମ୍ବା ସେଭଳି କିଛି ପାତ୍ରରେ ପେଟ୍ରୋଲିୟମ ଉତ୍ପାଦର ବିକ୍ରୟ, ଯୋଗାଣ ଏବଂ ପରିବହନକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ଖୁଚୁରା ଦୋକାନ, ଇନ୍ଧନ ଷ୍ଟେସନ ଏବଂ ଖୁଚୁରା ଦୋକାନଗୁଡ଼ିକରେ ସ୍ପଟ୍ ଯାଞ୍ଚ ଏବଂ ଅଚାନକ ଯାଞ୍ଚ କରିବାକୁ ସିଭିଲ୍ ସପ୍ଲାଏ ଇନ୍‌ସପେକ୍ଟର, ଏନଫୋର୍ସମେଣ୍ଟ ସ୍କ୍ୱାଡ୍, ପୁଲିସ ଅଧିକାରୀ, ତହସିଲଦାର ଏବଂ ଅନ୍ୟାନ୍ୟ ଏନଫୋର୍ସମେଣ୍ଟ କର୍ମଚାରୀଙ୍କ ସମେତ କ୍ଷେତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ଲାଷ୍ଟିକ୍ ପାତ୍ର କିମ୍ବା ଅନ୍ୟାନ୍ୟ ଅନୁମୋଦିତ ପ୍ୟାକେଜିଂରେ ପେଟ୍ରୋଲିୟମ୍ ଯୋଗାଣ କରୁଥିବା ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ହିରୋ ମୋଟୋକର୍ପ ଅଭିବୃଦ୍ଧିରେ ୨୧% ସଫଳତା ହାସଲ କରିଛି

**ଭୁବନେଶ୍ୱର,୩।୮ (ମହାଭାରତ):** ହିରୋ ମୋଟୋକର୍ପ, ପୃଥିବୀର ସର୍ବବୃହତ୍ ମୋଟରସାଇକେଲ ତଥା ସ୍କୁଟର ଉତ୍ପାଦନକାରୀ, ଜୁଲାଇ ୨୦୨୫ରେ ୪୪୯,୭୫୫ ୟୁନିଟ୍ ପ୍ରେରଣ କରିଛି ଯାହାକି ଜୁଲାଇ ୨୦୨୪ରେ ରେକର୍ଡ଼ ହୋଇଥିବା ୩୭୦,୨୭୪ରୁ ଉର୍ଦ୍ଧ୍ୱ ୟୁନିଟ ଠାରୁ ପ୍ରାୟ ୨୧% ରୁଅଧିକ ପଞ୍ଜିକରଣ । ହିରୋ ମୋଟୋକର୍ପ ଜୁଲାଇ ୨୦୨୫ରେ ୩୩୯,୮୨୭ରୁ ଉର୍ଦ୍ଧ୍ୱ ବାହନର ଖୁଚୁରା ପଞ୍ଜିକରଣ କରିଛି ଯାହାକି ଉଭୟ ସହରାଂଚଳ ଏବଂ ଗ୍ରାମାଂଚଳର ମାର୍କେଟ ସ୍ଥିତିର ରୂପରେଖ । ଖୁଚୁରା ବ୍ୟବସାୟର ଏହି କାର୍ଯ୍ୟକଳାପ ସ୍ଥିର ରହିଛି, ଆସନ୍ତା ପର୍ବପର୍ବାଣୀ ଋତୁକୁ ଦୃଷ୍ଟିରେ ରଖି ଯାହାକି ଆସନ୍ତା ମାସ ମାନଙ୍କ ମଧ୍ୟରେ ଏହି ସଂଖ୍ୟା ବୃଦ୍ଧି ପାଇବାର ଯଥେଷ୍ଟ ଆକଳନ ରହିଛି । ଏହି ମାସ ମଧ୍ୟରେ କମ୍ପାନୀ ଏହାର ପ୍ରମୁଖ ସେଗମେଂଟ ଗୁଡ଼ିକ ମଧ୍ୟରେ ଏହାର ଉପସ୍ଥିତିକୁ ଆହୁରି ଅଧିକ ମଜବୁତ କରିପାରିବ । ସ୍କୁଟର କ୍ଷେତ୍ରରେ ବଜାର ସେୟାରକୁ ନେଇ ଏହା ବୃଦ୍ଧି ପାଇବା ସହିତଏହି ସେଗମେଂଟର ଡ୍ରେଷ୍ଟିନୀ ୧୨୫ ଏବଂ ଜୁମ୍ ୧୨୫ରେ ଏହା ଏକ ଦୃଢ଼ କାର୍ଯ୍ୟଦକ୍ଷତାର ନେତୃତ୍ୱ ନେବ । ମୋଟୋରସାଇକେଲ ବିଭାଗରେ, ହିରୋ ମୋଟୋକର୍ପ ଏଚ୍‌ଏଫ ଡ଼ିଲକ୍ସ ପୋର୍ଟଫୋଲିଓକୁ ଅଧିକ ବ୍ୟାପକ କରିବା ସହିତ ଏଚ୍‌ଏଫ ଡ଼ିଲକ୍ସ ପ୍ରୋର ଶୁଭାରମ୍ଭ କରିଛି । ଯାହାର ବିଶେଷତ୍ୱ ମଧ୍ୟରେ ରହିଛି ସତେଜଭରା ଡ଼ିଜାଇନ, ସେଗମେଂଟ-ଅଗ୍ରଣୀ ବିଶେଷତ୍ୱ ଏବଂ ଉନ୍ନତ ମାନର ଇନ୍ଧନ, ଦକ୍ଷତା ଯାହାକି ମଡ଼େଲ ଗୁଡ଼ିକୁ ଏହାର ପ୍ରବେଶ-ସ୍ତରୀୟ ମୋଟୋରସାଇକେଲ ସେଗମେଂଟରେ ଅଧିକ ଆକର୍ଷଣୀୟ କରିପାରିଛି ଗ୍ରାହକ ମାନଙ୍କର ପ୍ରଶସ୍ତ ଶ୍ରେଣୀବଦ୍ଧ ବିନ୍ୟାସକୁ ନେଇ ।

# ଆମେରିକାର ଦବଦବା

ଇରାନ ଉପରେ ଆକ୍ରମଣ ପାଇଁ ଇସ୍ରାଏଲକୁ ଆମେରିକା ହିଁ ପ୍ରୋତ୍ସାହିତ କରିଥିଲା। ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ କରିବାରେ ମୁଖ୍ୟ ଭୂମିକା ନେଇଥିବା ଦାବି କରି ବାହା ବା ନେଉଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲ ଉପରେ ଯୁଦ୍ଧ ବନ୍ଦ ପାଇଁ ଚାପ ପକାଇପାରିଲେନି ? ଇରାନ ଉପରେ ଆକ୍ରମଣକୁ ଟ୍ରମ୍ପ ଯଥାର୍ଥ ବୋଲି କହିଛନ୍ତି। ଟ୍ରମ୍ପଙ୍କ କହିବାନୁଯାୟୀ ଇରାନ ଏକ ଆତଙ୍କବାଦୀ ରାଷ୍ଟ୍ର। ଏହା ପରାମାଣୁ ଶକ୍ତି ସମ୍ପନ୍ନ ହେବା ସମଗ୍ର ବିଶ୍ୱ ବା ମାନବଜାତି ପାଇଁ ବିପଦ। ଏହା ସତ କଥା। କିନ୍ତୁ ଇରାନ ଯଦି ଆତଙ୍କବାଦୀ ରାଷ୍ଟ୍ର, ତେବେ ପାକିସ୍ତାନ କ"ଣ ? ଇରାନ ଅପେକ୍ଷା ପାକିସ୍ତାନ ନିକଟରେ ଅଧିକ ପରମାଣୁ ଅସ୍ତ୍ର ରହିଛି। ଗୋଟିଏ ପଟେ ଟ୍ରମ୍ପ ପାକିସ୍ତାନକୁ ସାହାଯ୍ୟ, ସମର୍ଥନ କରୁଛନ୍ତି ଏବଂ ଏହାକୁ ସୁରକ୍ଷା ପ୍ରଦାନ କରୁଛନ୍ତି। ଅନ୍ୟ ପଟେ ଇରାନ ଉପରେ ଆକ୍ରମଣ କରୁଛନ୍ତି। ଏହା ଟ୍ରମ୍ପଙ୍କ ଦୋମୁହାଁ ନୀତିର ପରିଚାୟକ। ଇରାନ ତୁଳନାରେ ପାକିସ୍ତାନ ଅଧିକ ମାରାତ୍ମକ ଦେଶ। ପାକିସ୍ତାନ ହେଉଛି ବିଶ୍ୱ ଆତଙ୍କବାଦର ଏନ୍ତୁଡ଼ିଶାଳ। ପହଲଗାମ ଆତଙ୍କୀ ହମଲା ପରେ ଭାରତୀୟ ସେନା ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନ ଉପରେ ଆକ୍ରମଣ କରି ସେଠାରେ ଥିବା ଆତଙ୍କବାଦୀ ଆଡ୍ଡାକୁ ନଷ୍ଟ କରିଥିଲା। ଭାରତୀୟ ସେନାର ଆକ୍ରମଣରେ ଭୟଭୀତ ପାକିସ୍ତାନ ଆମେରିକାର ଶରଣ ପଶିଥିଲା। ଆମେରକିା ଚାପରେ ଭାରତ ଓ ପାକିସ୍ତାନ ଯୁଦ୍ଧ ବିରତି ଲାଗି ସହମତ ହେଲେ। ଏହା ସ୍ୱାଗତଯୋଗ୍ୟ। କିନ୍ତୁ ଆମେରିକାର ଏହି ନୀତି ସମସ୍ତଙ୍କ ପାଇଁ ଲାଗୁ ହେବା ଉଚିତ। ଇରାନର ପରମାଣୁ କାର୍ଯ୍ୟକ୍ରମକୁ ବିରୋଧ କରୁଥିବା ଆମେରିକା ନିଜେ କାହିଁକି ପରମାଣୁ ଅସ୍ତ୍ର ଗଚ୍ଛିତ ରଖିଛି ? ବିଶ୍ୱରେ ପ୍ରଥମେ କିଏ ପରମାଣୁ ଅସ୍ତ୍ର ବ୍ୟବହାର କରିଥିଲା। ଏବେ ବିଶ୍ୱର ଅନେକ ଦେଶରେ ପରମାଣୁ ଅସ୍ତ୍ର ରହିଛି। ଉତ୍ତର କୋରିଆ ନିକଟରେ ମଧ୍ୟ ଏହା ରହିଛି। ଆମେରିକାର ଯଦି ସତସାହସ ଅଛି ତେବେ ଉତ୍ତର କୋରିଆ ଉପରେ ଆକ୍ରମଣ କରି ଏହାର ପରମାଣୁ ଅସ୍ତ୍ରକୁ ନଷ୍ଟ କରିବା ଉଚିତ। ସେଠାରେ କିମ ଜଙ୍ଗ ଉନ ଦୀର୍ଘ ବର୍ଷ ହେବ ଏକଛତ୍ରବାଦୀ ଶାସନ ଚଳାଇଆସୁଛନ୍ତି। ତାଙ୍କୁ ଆମେରିକା ଗାଦିଚ୍ୟୁତ କରିବାକୁ ପ୍ରୟାସ କରିବା ଉଚିତ। ଏହା ଦ୍ୱାରା ଉତ୍ତର କୋରିଆର ଅନେକ ନିରୀହ ବ୍ୟକ୍ତି ଅତ୍ୟାଚାରରୁ ରକ୍ଷା ପାଇପାରନ୍ତେ। ଇରାନ ଉପରେ ଆମେରିକାର ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଅଧିକ ଜଟିଳ ହୋଇଛି। ଆମେରିକା ଆକ୍ରମଣର ପ୍ରତିଶୋଧ ନେବାକୁ ଇରାନ ସଙ୍କଳ୍ପ ନେଇଛି। ମଧ୍ୟପ୍ରାଚ୍ୟରେ ଥିବା ପ୍ରତ୍ୟେକ ଆମେରିକୀୟଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ସୃଷ୍ଟି ହୋଇଛି। ଏଥିପାଇଁ କେବଳ ଟ୍ରମ୍ପ ଦାୟୀ। ଆମେରିକାର ଆକ୍ରମଣ ପରେ ଇରାନ ହରମୁଜ ପ୍ରଣାଳୀକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଏହି ରୁଟ ଦେଇ ବିଶ୍ୱର ଏକ ତୃତୀୟାଂଶ ତୈଳ ପରିହନ ହୋଇଥାଏ। ହରମୁଜ ପ୍ରଣାଳୀ ବନ୍ଦ ହେଲେ ବିଶ୍ୱବଜାରରେ ତୈଳ ଦର ବୃଦ୍ଧି ପାଇବ ଏବଂ ବିଶ୍ୱ ଅର୍ଥନୀତିରେ ଅସ୍ଥିରତା ସୃଷ୍ଟି ହେବ। ତୈଳ ଦର ବୃଦ୍ଧି ପାଇଲେ ମୁଦ୍ରାସ୍ଫୀତି ବଢ଼ିବ ଏବଂ ଅଭିବୃଦ୍ଧି ହାର କମିବ। ଭାରତ ପାଇଁ ଏହା ଏକ ଆହ୍ୱାନ। ୨୦୨୦ରେ କୋଭିଡ ମହାମାରୀ ଆରମ୍ଭ ହେବା ପରଠାରୁ ଭାରତ ଅର୍ଥନୈତିକ କ୍ଷେତ୍ରରେ ସଂଘର୍ଷ କରିଆସୁଛି।

# ଦେଖିବାକୁ ସୁନାପରି

**॥ ଅଜୟ କୁମାର ବେହେରା ॥**

> *“ ଏବେ ଅନେକ ପ୍ରକାର ରଙ୍ଗର ହାଟ ଲୁଗା ରଙ୍ଗିଲା ଗାଡ଼ି ମଟର ରଙ୍ଗିଲା। ବ୍ୟବହାର୍ଯ୍ୟ ଦ୍ରବ୍ୟ ରଙ୍ଗିଲା। ଆଖିକୁ ସୁନ୍ଦର ଦେଖାଗଲା ଏକ ଯାନ କିଣାଗଲା। ଆଣୁ ଆଣୁ ଅନେକ ଯତ୍ନ ପୋଛା ପୋଛି ହିଫାଜତ ମାତ୍ର କିଛି ବର୍ଷ ପରେ ବାହ୍ୟରଙ୍ଗ ଠିକ ଥିଲେ ବି ଗାଡ଼ିର ଇଞ୍ଜିନ ଖରାପ ଚକା ଫାଟିବା ଆଦି ଘଟେ ଭିତର ସିଟ ଫାଟେ ଏପରି ଗାଡ଼ି ଦୂରରୁ ପୂର୍ବପରି ଦେଖାଗଲେ ବି ପ୍ରକୃତିରେ ପୂର୍ବପରି ମୂଲ୍ୟବାନ ଓ ସଚଳ ହୋଇନପାରେ ସେ ରଙ୍ଗ ତକ୍ରାଳ ଦେଖିବାକୁ ସୁନାପରି।*

ଗଙ୍ଗଠାରୁ ଅର୍ଥ ସୁନା, ସୁନା ପୁଅ ସୁନାର ସଦୃଶ। ଏହି ଶବ୍ଦର ବହୁ ପ୍ରଚଳନ ତେଲଗୁ ରାଜ୍ୟ ଆମେ ଜାଣିଛେ ମହୀଶୂର ରାଜ୍ୟରେ କୋଲାର ସୁନାଖଣି ଅଛି। ମହୀଶୂରର ରାଜଧାନୀ ବାଙ୍ଗାଲୋର ଏହା ସୁନା ଶବ୍ଦ ସହିତ ହୁଏତ ଜଡ଼ିତ। ଦକ୍ଷିଣରେ ସୁନାର ଲଙ୍କା ଥିଲା। ରାବଣ ଜଳ ବେଷ୍ଟିତ ଗଡ଼ରାଜ୍ୟ। ଯାହା ଏକ ସମୃଦ୍ଧ ସୁନ୍ଦର ରାଜ୍ୟ। ଶ୍ରୀରାମ ଦୂତ ଏହି ଗଡ଼ରେ ପଶି ଶିକ୍ଷା ଦେବାପାଇଁ ସୁନ୍ଦର ଦିଶିବା ସ୍ତର ଗୁଡ଼ିକ ଅଗ୍ନୀରେ ଦାହ କରିଥିଲେ। ଅଗ୍ନୀର ପ୍ରବଳ ଦାହିବା ଶକ୍ତି ଯେପରି ସବୁ ଧାତୁକୁ ତରଳାଏ ସେପରି ସୁନାକୁ ବି ତରଳାଏ। ସୁନା ତରଳି ଗଲେ ଜଳର ଧର୍ମରୁ ଏକ ରୂପ ଉଚ୍ଚରୁ ନିମ୍ନକୁ ଗଡ଼େ। ଅତଏବ ସୁନା ରୂପ ବଦଳିଯାଏ ସିନା ମୂଳ ଧର୍ମ କେବେ ହରାଏ ନାହିଁ। ପୁଣି ସୁନା ଠାରୁ ସୁନା ଭସ୍ମ ବହୁ ଗୁଣ ଦାମୀ। ହନୁମାନ ଲଙ୍କାର ଜନବାସ ହାନି ଫଳ ଜଙ୍ଗଲ ନଷ୍ଟହାନି କଲେ ବି ମହାବାତ୍ୟା ପରେ ପୁନଃ ଜନବାସ ନିର୍ମାଣ ହୋଇଗଲା ପରି ଲଙ୍କାର ପୁନଃ ନିର୍ମାଣ ହୋଇଥିଲା।

ହନୁମାନ କାଞ୍ଚନ ବରନ, ଅର୍ଥାତ୍ ସୁନାର ରଙ୍ଗ ଦୁର୍ଗାଙ୍କ ରଙ୍ଗ ସୁନାର ରଙ୍ଗ ମହାଲକ୍ଷ୍ମୀ ତ ଖୋଦ ସୁନା ଅଜରଣ ଭୂଷିତା, ସ୍ୱର୍ଣ୍ଣ ରଙ୍ଗ ସ୍ୱର୍ଣ୍ଣ ଦାନକାରିଣୀ। ହରିଣୀଟିଏ ସୁନାରେ କେବେ ହୋଇନପାରେ ମହାବିଦୁଷୀ ଜନକ ନନ୍ଦିନୀ ସୀତା ଠାକୁରାଣୀ ଏକଥା ଜାଣିଛନ୍ତି। ତାଙ୍କ ଘରକୁ କେବେ ସାଧୁ ସନ୍ନ୍ୟାସୀ ମୁନୀ ଋଷି ଆସୁନଥିବେ। ପ୍ରମାଣିକ ପୁସ୍ତକ ଏବେ ମିଳୁଛି। ଅଷ୍ଟବକ୍ରୀ ଗୀତା ସଂହିତା ଯେ ଜନକଙ୍କ ରାଜସଭଭାରେ ଖୋଦ ଅଷ୍ଟବକ୍ର ବୟାନ କରିଛନ୍ତି। ଏପରି ଜ୍ଞାନୀଙ୍କ ସହଚର୍ଯ୍ୟା ସତସଙ୍ଗରେ ରହି ପୁଣି ରାଜମହଲର ଝିଅ ରାଜମହଲର ବୋହୂ ହୋଇ ସୁନାର ଅଭାବ ଅନୁଭବ ନକରି ଶେଷରେ ସ୍ୱାମୀଙ୍କ ଜଙ୍ଗଲ ଯିବ ବେଳେ ତାକୁ ଚାହିଁ ନଥିଲେ ଲୋଭାସକ୍ତ ହୋଇନଥିଲେ ସେ ସ୍ୱାମୀଙ୍କୁ ହୀଟକକର ଶ୍ରେଷ୍ଠ ସ୍ୱର୍ଣ୍ଣ ପୁରୁଷ ଭାବି ତାଙ୍କ ସହିତ ଜଙ୍ଗଲକୁ ଯାଇ ରାଜମହଲର ରାଣୀ ହଂସପୁରର ଶୟନକକ୍ଷ ଛାଡ଼ି ପର୍ଣ୍ଣକୁଟୀରରେ ବାସ କଲେ ସେ ସୁନାକୁ ତୁଚ୍ଛ କରିଥିଲେ ପୁଣି ଏମିତି ହେଲା ସୁନା ହରିଣୀରେ ଭ୍ରମ ହେଲା ବାସ ସ୍ୱାମୀ ଦେବର ବିଚ୍ଛେଦ ପରେ ପରେ। ଏହି ଦେଖିବାକୁ ସୁନା ପରି ହରିଣୀ କଣ ନାଟ ନକଲା ? ହିରଣ୍ୟ ଅର୍ଥ ସୁନା ହରିଣ୍ୟଗର୍ଭ ଅର୍ଥ ପୃଥିବୀ ପୁଣି ଭଗବାନ ଆଉ ହରିଣ୍ୟକସିପୁ, ହରିଣାକ୍ଷ ଦୁଇଟି ଅସୁର। ହରିଣ୍ୟରେ ସଦା ଆକ୍ଷି ସଦା ହିରଣ୍ୟ ଓ କାମିନୀ ଏଇ ଦୁଇଟି ହାସଲ ଚିନ୍ତାରେ ଏହି ଦୁଇଜଣ ଥିଲେ। ହିରଣ୍ୟକସିପୁ ତାଙ୍କର ମତକୁ ଦୃଢ଼ ପାଇଁ ବିଦ୍ୱାନ ପୁତ୍ରକୁ ମଧ ହଠାଇ ତାଙ୍କ ପଥ ପରିଷ୍କାର ଚିନ୍ତା କରୁଥିଲେ। ଶେଷର ସେହି ବିଷ୍ଣୁଙ୍କର ନୃସିଂହ ଅବତାର ଆସିଲେ ସେ ହିରଣ୍ୟକସିପୁକୁ ଶେଷ କଲେ। ହିରଣ୍ୟାକ୍ଷଙ୍କର ବି ବିଷ୍ଣୁ ଶେଷ କରିଛନ୍ତି। ସୂର୍ଯ୍ୟ ଠାରୁ ବହୁ ମୂଲ୍ୟବାନ ଭଗବାନ ଏକଥା ସେମାନେ ଭୁଲି ଥିଲେ। ପାପ ପ୍ରଶାସନର ଧାରା ପ୍ରହ୍ଲାଦ ହିଁ ଭଗବାନଙ୍କର ରହସ୍ୟ ଜାଣି ବଦଳାଇଥିଲେ, ମାନବ (ପ୍ରଜା) ସେବା ମାଧବ ସେବା, ଏକଥା ହିରଣ୍ୟ କଶିପୁ ଜାଣି ନଥିଲେ। ଆହ୍ଲାଦିନୀ ଶକ୍ତିରେ ବିଶେଷ ପ୍ରଭାବିତ ପ୍ରହ୍ଲାଦ ଜାଣି ଶାସନ କରିବା ଆରମ୍ଭ କରିଥିଲେ। ସାତ୍ତ୍ୱିକ ପ୍ରେମାନନ୍ଦରେ ଦେବତା ଶାନ୍ତି ହୁଅନ୍ତି। ପ୍ରହ୍ଲାଦ ଭକ୍ତ ଶିରୋମଣୀ ତାଙ୍କ ପାଇଁ ଦଶ ଅବତାରରେ ଭକ୍ତରକ୍ଷକ ଭଗବାନ ହୁଅନ୍ତି ଏହା ପ୍ରଥମ ଉଦାହରଣ ଥିଲା। ଅନେକ ଭକ୍ତିର ଛଳନା କରି ରୋଜଗାରକ୍ଷମ ଅର୍ଜନକ୍ଷମ ହାସଲକ୍ଷମ ଏମାନେ ଦେଖିବାକୁ ସୁନାପରି।

ଏବେ ଅନେକ ପ୍ରକାର ରଙ୍ଗର ହାଟ ଲୁଗା ରଙ୍ଗିଲା ଗାଡ଼ି ମଟର ରଙ୍ଗିଲା। ବ୍ୟବହାର୍ଯ୍ୟ ଦ୍ରବ୍ୟ ରଙ୍ଗିଲା। ଆଖିକୁ ସୁନ୍ଦର ଦେଖାଗଲା ଏକ ଯାନ କିଣାଗଲା। ଆଣୁ ଆଣୁ ଅନେକ ଯତ୍ନ ପୋଛା ପୋଛି ହିଫାଜତ ମାତ୍ର କିଛି ବର୍ଷ ପରେ ବାହ୍ୟରଙ୍ଗ ଠିକ ଥିଲେ ବି ଗାଡ଼ିର ଇଞ୍ଜିନ ଖରାପ ଚକା ଫାଟିବା ଆଦି ଘଟେ ଭିତର ସିଟ ଫାଟେ ଏପରି ଗାଡ଼ି ଦୂରରୁ ପୂର୍ବପରି ଦେଖାଗଲେ ବି ପ୍ରକୃତିରେ ପୂର୍ବପରି ମୂଲ୍ୟବାନ ଓ ସଚଳ ହୋଇନପାରେ ସେ ରଙ୍ଗ ତକ୍ରାଳ ଦେଖିବାକୁ ସୁନାପରି। ପରୀମାନେ ଭାରି ସୁନ୍ଦର କଳ୍ପନା କରି ଚିତ୍ରକର ବା ମୂର୍ତ୍ତିକାର ଏପରି ମୂର୍ତ୍ତି କରନ୍ତି। ସିନେମା ଷ୍ଟାରମାନେ ବଛାଇ ହୋଇ ନିଆଯାଇଥାନ୍ତି। ସେମାନେ ଯୁବତୀ କଳାରେ ଦର୍ଶକ ମୋହକ ହୋଇଥାନ୍ତି। ତାଙ୍କର ଜୀବ ଅସାନ ହେଲେ ତାଙ୍କର ସିନେମା ଅବସାନ ହୋଇନଥାଏ। ଲୋକେ ଯୁବାବସ୍ଥାରେ ସେ ଛବି ବି ଦେଖିଥିବେ ମାତ୍ର ସେହି ଦର୍ଶକ ବୃଦ୍ଧ ହୋଇ ଯଦି ସେ ଛବିମାନ ଦେଖିଲେ ବିରକ୍ତବୋଧ କରିଥାନ୍ତି। ହେଲେ ସବୁକାଳର ଯୁବକଙ୍କ ପାଇଁ ସେହିପରି ସୁନ୍ଦରୀଙ୍କ ସବୁ ଦେଖିବାକୁ ସୁନାପରି। ପାଠ ଠିକ ପଢ଼ିଲେ ବି ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ଡିଗ୍ରୀଧାରୀ ଅନେକ ନୁହଁନ୍ତି। ପୁଣି ଏଥିରେ ଠିକ କୋର୍ସ ସାରି ସମୟ ବିତାଇ ପରୀକ୍ଷା ଦେଇ ଭଲ ଡିଗ୍ରୀ ହାସଲ ସାର୍ଟିଫିକେଟ ହାସଲ କରିଛନ୍ତି ମାତ୍ର କୌଣସି କର୍ମ ମୁତୟନ ପାଇଁ କିଛି ସମସ୍ୟାରେ ଏମାନେ ପଡୁଛନ୍ତି କାରଣ ଏକାପରି ସାର୍ଟିଫିକେଟ ପାଠ ନଥାଏ କେହି ଜାଲପଥରେ ହାସଲ କରି କର୍ମ ମୁତୟନ କର୍ତ୍ତାଙ୍କର ପାଖଲୋକ ସୁପାରିଶରେ ହାସଲ କରିବା ଦେଖାଯାଉଛି। ସଠିକ ସାର୍ଟିଫିକେଟ ଓ ନକଲି ସାର୍ଟିଫିକେଟ ଠିକ ଏକାପରି ଏହା ବି ଦେଖିବାକୁ ସୁନାପରି ଧାରାରେ ଆସୁଛି। ପୋଲିସ ବାବୁମାନେ ସୁନା ବିସ୍କୁଟ ଜବତ କରୁଛନ୍ତି ଏହା ଲେଖା ଯାଉଛି ମାତ୍ର ଚୋର ଠାରୁ ଚୋରୀ ସୁନା ଅଳଙ୍କାର ଜବତ କଲେ ସେମାନେ ଲେଖିନ୍ତି ଦେଖିବାକୁ ସୁନାପରି କାରଣ ସୁନା ବିସ୍କୁଟରେ ଏପରି ଲେବଲ ଥାଏ ଯାହା ଅସଲି ପ୍ରମାଣିତ କରୁଥାଏ। ମାତ୍ର ସୁନା ଅଳଙ୍କାରରେ ଅନେକ ଭେଜାଲ ଅଛି ଏହା ସୁନା ଲେଖିଲେ ଜବତକାରୀ ଅଫିସର ପରେ ହଇରାଣରେ ପଡ଼ି ପାରନ୍ତି। ବୟସ ବଢ଼ିଲେ ବାର୍ଦ୍ଧକ୍ୟରେ ଅଜା ଆଇ, ଜେଜେମା, ମାଉସୀ, ଖୁଡ଼ି ମାଇଁ ପରି ଡାକକୁ ଆସିଥାନ୍ତି। ସମ୍ପର୍କ ଦୁଇ ପ୍ରକାର ଏକ ପ୍ରତ୍ୟକ୍ଷ ଆଉ ଏକ ଅପ୍ରତ୍ୟକ୍ଷ। ଅପ୍ରତ୍ୟକ୍ଷ ରିସ୍ତା ବୟସର ଚିହ୍ନରୁ ଧରାଯାଏ ଏବେ ସମସ୍ତେ କେଲ କଲର କରୁଛନ୍ତି ଚୁଟ ପାଚିଗଲାଣି ରଙ୍ଗ କରାଯାଉଛି। ଏଥିରେ କେମିତି ସେ ଯୁବକ ବା ଯୁବତୀ ଅବସ୍ଥାରେ ରହିବେ ଏ ଅବଚେଷ୍ଟା ଫଳରେ ଅଙ୍କଲ ଆଣ୍ଟି ନଶୁଣି ଭାଇ, ଭାଉଜ ଭାବରେ ସମୟ ବିତାଇବାକୁ ଚାହୁଁଛନ୍ତି। ଏଯୁଗ ଏପରି ମନୁଷ୍ୟ ବୟସ ଲୁଚାଉଛି ଓ ଭାଇ ଭାଉଜ ବା ଭାଇ ଭଉଣୀ ପଦକୁ ଦେଖିବାକୁ ସୁନାପରି କରୁଛି।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ମାନସିକ ସ୍ୱାସ୍ଥ୍ୟ ଓ ଯୋଗ

**॥ ଡାକ୍ତର ସମ୍ରାଟ କର ॥**

ବର୍ତ୍ତମାନ ସବୁଠାରେ, ସବୁ କ୍ଷେତ୍ରରେ ବ୍ୟସ୍ତତା ଆମେ ଦେଖୁଛୁ। ତେଲ ଲୁଣ ସଂସାରକୁ ଚଳାଇବା ନିମିତ୍ତ ବୃତ୍ତିଗତ କ୍ଷେତ୍ର ତ ନିଶ୍ଚୟ କିନ୍ତୁ ସାଧାରଣ ସଚେତନତାର ଅଭାବରୁ ମାନସିକ ସ୍ଥିତି ବିଗିଡ଼ି ଯାଏ। ପ୍ରଥମ କଥା ହେଉଛି ମାନସିକ ରୋଗ ଏକ ଜଟିଳ ରୋଗ ନିଶ୍ଚୟ କିନ୍ତୁ ତଥାକଥିତ ଝଡ଼ାଫୁଙ୍କା, ଗୁଣି ଗାରେଡ଼ିରୁ ଫେଲ ହେଲା ପରେ ଯେଉଁମାନେ ବି ଆସନ୍ତି ସେମାନଙ୍କ ପାଇଁ ଆମର ଚିକିତ୍ସା ବ୍ୟବସ୍ଥା ସ୍ୱତନ୍ତ୍ର ରହିଥାଏ। ଏହି ଲେଖକ ମନକଥା ଜାଣନ୍ତୁ ମାଧମରେ ମାନସିକ ରୋଗର ସମସ୍ତ ଦୃଷ୍ଟିକୋଣକୁ ଚିନ୍ତନ କରିବା ସହ ଆବଶ୍ୟକୀୟ ପରାମର୍ଶ ଓ ଚିକିତ୍ସା ପଦ୍ଧତି ଗ୍ରହଣ କରାଯାଇଛି। ମାନସିକା ବିଶାଦ, ଅବସାଦ, ହତୋତ୍ସାହ ହେଉ ବା ବର୍ତ୍ତମାନ ସମୟରେ କୁହାଯାଉଥିବା ମାନିଆ ବୋଇଲେ ଅତ୍ୟଧିକ ମାନସିକ ଉତ୍ଫୁଲ୍ଲତା, ଉନ୍ମଦତା। ନିଜକୁ ସନ୍ଦେହକରି ବିଭିନ୍ନ ଭୟକୁ ଆଚ୍ଛାଦିତ କରୁଥିବା ରୋଗୀମାନଙ୍କ ପାଇଁ ପ୍ରସଙ୍ଗ ହେଉଛି ସିଜୋଫ୍ରେନିଆ। ତେବେ ଅତ୍ୟଧିକ ଛାନିଆ କୁହାଯାଉଥିବା ଆଙ୍ଗଜାଇଟି ଏବଂ ନିର୍ଦ୍ଦିଷ୍ଟ ସ୍ଥାନ, ବସ୍ତୁ ଓ କାର୍ଯ୍ୟ ପ୍ରସ୍ତୁତିକୁ ଦେଖି ଯେଉଁ ଅହେତୁକ ଭୟ ପରିଦର୍ଶିତ ହୋଇଥାଏ ତାହା ହେଉଛି ଫୋବିୟା। ଯଦିଓ ହିଷ୍ଟେରିଆ, ନିଶା, ନିଦ ନ ହେବା, ସ୍ୱପ୍ନ, ଯୌନ ସମସ୍ୟା ପରି ବିଭିନ୍ନ ପ୍ରସଙ୍ଗରେ ଏହି ଗଣମାଧ୍ୟମ ଦ୍ୱାରା ସଚେତନତାର ବାର୍ତ୍ତା ଦେଉଛି ସର୍ବଦା ନିଜର ନିୟମିତ ଚିକିତ୍ସକଙ୍କ ଉପରେ ବିଶ୍ୱାସ ରଖିବା ସହ ସଚେତନତାର ବାର୍ତ୍ତା ପ୍ରସାର କରିବା।



ଅନେକ ହୁଏତ ଜାଣିନଥାନ୍ତି ମାନସିକ ସ୍ୱାସ୍ଥ୍ୟ ଚିକିତ୍ସା ବା ପରାମର୍ଶ ସମୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା କରିଥାଏ ପରିପାର୍ଶ୍ୱିକ ଅବସ୍ଥିତି। ତଥାକଥିତ ପ୍ରାଣାମୟ ହେଉ ବା ଯୋଗାଭ୍ୟାସ ଏହା ନିଶ୍ଚିନ୍ତ ଭାବରେ କେବଳ ରୋଗୀ ନୁହଁନ୍ତି ସମସ୍ତଙ୍କ ପାଇଁ ଏକ ଆନନ୍ଦର ସୁଯୋଗ। ପ୍ରଶ୍ନ ଉଠୁଛି ମାନସିକ ରୋଗ ଚିକିତ୍ସା କ୍ଷେତ୍ରରେ ଯୋଗର ପ୍ରାସଙ୍ଗିକତା କ'ଣ ରହିଛି ? ଏହା ଅଟଳ ସତ୍ୟ ଯେ ଯୋଗ ହେଉ ବା ପ୍ରାଣାୟମ, ସୂର୍ଯ୍ୟ ନମସ୍କାର ହେଉ ବା ସମ୍ମାନଜନକ ଦଣ୍ଡବୁଲା ଏହି କ୍ଷେତ୍ରରେ ସ୍ୱତନ୍ତତା ରଖିଥାଏ। ମାନସିକ ରୋଗକୁ ସମ୍ମୁଖୀନ ହେଉଥିବା ରୋଗୀମାନେ ନିଶ୍ଚିନ୍ତ ଭାବରେ ଏହି ରୋଗର ସର୍ବୋତ୍ତମ ଚିକିତ୍ସକଙ୍କୁ ସାକ୍ଷାତ କରିବା। ଏବଂ କୌଣସି କ୍ଷେତ୍ରରେ ବି ନିଜ ପୂର୍ବ ସମୟର ମୁହୂର୍ତ୍ତକୁ ଲୁଚାଇବା ନାହିଁ। ସାମ୍ପ୍ରତିକ ସମୟରେ କର୍ମ ବ୍ୟସ୍ତତା ବା ଚୁଲି ଚଟୁର ଦାୟିତ୍ୱ ଭିତରେ ନିଜ ଜୀବନକୁ ଉତ୍ସର୍ଗ କରୁଥିବା ଜଣେ ଚରିତ୍ର ହେଉ କିନ୍ତୁ ଏହା ହିଁ ପ୍ରୟୋଜନ ଯେ ଦୈନନ୍ଦିନ ଜୀବନଚର୍ଯ୍ୟାରେ ଯୋଗର ପ୍ରାସଙ୍ଗିକତାକୁ ଉପଲବ୍ଧି କରିବା। ଏକ ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଭାରତ ଏବେ ବିଭିନ୍ନ ପାଶ୍ଚାତ୍ୟ ଦେଶରେ ଯୋଗକୁ ଗୁରୁତ୍ୱ ଦେଇଛି। ବର୍ତ୍ତମାନର ସମାଜ, ପରିବେଶ ଏବଂ ପରିପାର୍ଶ୍ୱ ଅବସ୍ଥିତିର କ୍ଷେତ୍ର ଯାହା ନିଜ ବ୍ୟକ୍ତିଗତ ଜୀବନରେ ଯୋଗ କରିବା ନିଶ୍ଚିନ୍ତ ଭାବେ ବାଞ୍ଛନୀୟ। ବିଶେଷକରି ମାନସିକ ରୋଗ ଚିକିତ୍ସା ପାଇଁ ଛଟପଟ ହେଉଥିବା ପରିପାର୍ଶ୍ୱିକ ସ୍ଥିତି ଥିଲେ ବି ଏହାର କୌଣସି ସମାଧାନ ହୋଇପାରିନଥାଏ। କାରଣ ମାନସିକ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଜଣେ କୌଣସି କ୍ଷେତ୍ରକୁ ନଲୁଚାଇ ଚିକିତ୍ସକଙ୍କୁ ସୂଚନା ଦେବା ଜରୁରୀ। ମାନସିକ ରୋଗ କ୍ଷେତ୍ର ବୋଇଲେ ମୁଣ୍ଡର କୌଣସି କ୍ଷତି ବା ଆଉ କିଛି ବି ନୁହେଁ। କିନ୍ତୁ କଥା ହେଉଛି ମାନସିକ ରୋଗ କ୍ଷେତ୍ରରେ ଯେଉଁମାନେ ସାମ୍ନାକୁ ଆସିପାରୁଛନ୍ତି ଏହାଙ୍କୁ ନେଇ ଏକ ସଚେତନତାର ବାର୍ତ୍ତା ପ୍ରଦାନ କରିବା। ମାନସିକ ରୋଗକୁ ସନ୍ତୁଳି ହେଉଥିବା ଚରିତ୍ରଟି ଯଦି ନିଜ ପୂର୍ବ ଦିନର କଥାକୁ ମନେପଡ଼େ ତାହେଲେ ସେ ଓହରି ଯିବା କଥା। କିନ୍ତୁ ଦୈବୀ ପ୍ରୀତି, ପାପଭିତ୍ତି, ସଂଘନୀତି ନ୍ୟାୟରେ ଦାୟିତ୍ୱକୁ ସୂଚାରୁ ରୂପେ ତୁଲାବା ବାଞ୍ଛନୀୟ। ଏହିପରି କ୍ଷେତ୍ରରେ ଚିକିତ୍ସାର ବ୍ୟବସ୍ଥା ଦୀର୍ଘ କାଳୀନ ସତ୍ୟ ହେଲେ ଏହି କ୍ଷେତ୍ର ପାଇଁ ଯେହେତୁ ମୁଁ ମାର୍ଗଦର୍ଶନ କରୁଛି ତେଣୁ ଏହା ହିଁ କହିବି ଯେ ମାନସିକ ରୋଗୀଙ୍କ ପାଇଁ ଯୋଗ ପ୍ରାଣାୟମର ଆବଶ୍ୟକତା ରହିଛି। ଏହି ଲେଖକ ଚିକିତ୍ସା ପରାମର୍ଶ କ୍ଷେତ୍ରରେ ଅନୁଭବ ବି କରିଛି ଯେ ଯୋଗ ପ୍ରାଣାୟମର ପ୍ରାସଙ୍ଗିକତା କ'ଣ ? ତେବେ ଯାହାହେଉନା କାହିଁକି ଯୋଗ ଦିବସରେ ଆମ ମାନଙ୍କ ଭିତରେ ଏକ ସଚେତନତାର ବାର୍ତ୍ତା ପ୍ରତିଷ୍ଠା ହେଉ ଏବଂ ଆମ ମହାନ ଆର୍ଯ୍ୟ ସଂସ୍କୃତିର ବିଚାର ଚିନ୍ତନ ଏହି ଯୋଗକୁ ଗ୍ରହଣ କରିବା ଦ୍ୱାରା ଏହାର ପ୍ରାସଙ୍ଗିକତା ଉଲ୍ଲେଖ ରହିବ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ଶ୍ରୀମନ୍ଦିରର ରୋଷଘର ଓ କୋଠଭୋଗ

**॥ ଡକ୍ଟର ରାଜକିଶୋର ମିଶ୍ର ॥**

ମହାପ୍ରସାଦର ଉତ୍ପତ୍ତିସ୍ଥଳ ଶ୍ରୀମନ୍ଦିରର ପବିତ୍ର ରୋଷଘର । ଶ୍ରୀମନ୍ଦିର ପରିସରର ଦକ୍ଷିଣପୂର୍ବ କୋଣରେ, ଭିତରବେଢ଼ା ଏବଂ ବାହାରବେଢ଼ାର ମଧ୍ୟବର୍ତ୍ତୀ ସ୍ଥାନରେ ପ୍ରାୟ ୧୫୦ଫୁଟ ଦୀର୍ଘ ଓ ୧୦୦ଫୁଟ ପ୍ରସ୍ଥ ବିଶିଷ୍ଟ ରୋଷଘର ଅବସ୍ଥିତ । ରୋଷଘରଟି ତିନିଗୋଟି ବଖରାରେ ବିଭକ୍ତ । ୧୦ଟି ଧୂଆଁନଳା ଥିବା ଏହି ପାକଶାଳାଟି ମାଙ୍କଡାପଥରରେ ନିର୍ମିତ । ୬୦୦ରୁ ଅଧିକ ସୁଆର ଓ ସେମାନଙ୍କ ପ୍ରାୟ ୪୦୦ ସହକାରୀ ପ୍ରତିଦିନ ରୋଷଘରେ କାମ କରନ୍ତି । ବିଗ୍ରହମାନଙ୍କୁ ଅର୍ପଣ ହେଉଥିବା ଭୋଗଦ୍ରବ୍ୟ ଗୁଡ଼ିକ ପ୍ରସ୍ତୁତି ହେବା ପାଇଁ ରହିଛି ତିନିପ୍ରକାର ଚୁଲି, ଯାହା ଅନ୍ନଚୁଲି, ଅହିଆ ପିଠାଚୁଲି ନାମରେ ପରିଚିତ । ରୋଷଶାଳାରେ ପ୍ରବେଶ କରିବାର ଅଧିକାର ଓ ରାନ୍ଧିବା ଅଧିକାର କେବଳ ସୁଆରମାନଙ୍କର ହିଁ ରହିଛି । ସମସ୍ତ ଚୁଲିରେ ବଂଶାନୁକ୍ରମେ ସେଇମାନେ ହିଁ ପ୍ରସାଦ ପାକ କରନ୍ତି । କିମ୍ବଦନ୍ତୀ କହେ ଯେ, ସୁଆରମାନେ ବ୍ରାହ୍ମଣ ବିଦ୍ୟାପତି ଓ ଶବର ଲଳିତାଙ୍କ ବଂଶଧର । ରୋଷଶାଳା ଚଟାଣ ଉପରେ ପ୍ରାୟ ୪ଫୁଟ ଉଚ୍ଚ ଓ ଦୁଇଫୁଟ ପ୍ରସ୍ଥ ବିଶିଷ୍ଟ ଲମ୍ବା ଲମ୍ବା ମାଟିର ପ୍ଲାଟଫର୍ମ ରହିଛି । ଏହି ପ୍ଲାଟଫର୍ମ ଉପରେ ଧାଡ଼ି ଧାଡ଼ି ହୋଇ ରହିଛି ଚୁଲିସବୁ । ସବୁଠାରୁ ଅଧବକା ରହିଛି ଅନ୍ନଚୁଲି (ଏକଶହରୁ ଉର୍ଦ୍ଧ୍ୱ), ଯେଉଁଥିରେ ଅନ୍ନ, ଖେଚୁଡ଼ି, କନିକା ପ୍ରଭୃତି ରନ୍ଧାଯାଏ । ପ୍ରତି ଅନ୍ନଚୁଲିରେ ଏକାଥରକେ ୯ଟି ଅନ୍ନହାଣ୍ଡି ବସି ରନ୍ଧାଯାଏ । ଡାଲି, ତରକାରୀ, ଶାଗ, ବେସର, ମହୁର, ଖଟା ପ୍ରଭୃତି ରନ୍ଧା ଯାଉଥିବା ଅହିଆଚୁଲିର ସଂଖ୍ୟା ପ୍ରାୟ ଏକଶତ ଏବଂ ପିଠା ପ୍ରସ୍ତୁତ କରିବା ପାଇଁ ରହିଛି ୧୦ଟି ପିଠା ଚୁଲି । କାଠ ହିଁ ମନ୍ଦିର ରୋଷଶାଳାର ଏକମାତ୍ର ଇନ୍ଧନ । କୋଇଲା, ଗ୍ୟାସ୍ ବା ବିଦ୍ୟୁତ୍‌ଶକ୍ତି ରନ୍ଧାଶାଳାରେ ଗ୍ରହଣୀୟ ନୁହେଁ । ରୋଷଘରର ଅଧିଷ୍ଠାତ୍ରୀ ଦେବୀ ମା' ଲକ୍ଷ୍ମୀଙ୍କର ଗୋଟିଏ ପଥର ମୂର୍ତ୍ତି ମଧ୍ୟ ରହିଛି ରୋଷଶାଳା ରାସ୍ତାରେ । ରୋଷଘର ଦ୍ୱାରରେ ପୁଣି ରୋଷଗଣେଷଙ୍କର ଆସ୍ଥାନ । ସୁଆରମାନେ ତାଙ୍କ ସେବାରେ ନିୟୋଜିତ । କୋଠଭୋଗ ରୋଷରେ ଶ୍ରୀମନ୍ଦିରର କୋଠଭୋଗ ରନ୍ଧାଯାଏ । କୋଠଭୋଗ ପାଇଁ ଏକ 'ସରଘର' ରହିଛି । ଯେଉଁଠାରେ କି କୋଠଭୋଗ 'ଅମୁଣିଆ' (ଅର୍ଥାତ୍ ତିଆରି ହୋଇଥିବା ମାତ୍ର ଭୋଗ ଲାଗି ନଥିବା) ରଖାଯାଏ ।

ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ବର୍ତ୍ତମାନର ଶ୍ରୀଜଗନ୍ନାଥ ମନ୍ଦିର ଉତ୍କଳୀୟ ଭାସ୍କର୍ଯ୍ୟ ତଥା କଳା ନୈପୁଣ୍ୟର ଏକ ଅନବଦ୍ୟ କୃତି । ରହସ୍ୟମୟ ଶ୍ରୀଜଗନ୍ନାଥଙ୍କ ରୀତି, ନୀତି, ବେଶ, ଭୋଗ, ଯାନିଯାତ୍ରା ସବୁଥିରେ ଏକ ସ୍ୱାତନ୍ତ୍ର୍ୟ ରହିଅଛି । ସମଗ୍ର ଭାରତବର୍ଷରେ ଏପରି କୌଣସି ନୀତି ବହୁଳ ମନ୍ଦିର ନାହିଁ, ଯାହାକି, ଶ୍ରୀମନ୍ଦିର ସହିତ ତୁଳନୀୟ ହୋଇପାରିବ । ଶ୍ରୀଜୀଉଙ୍କ ରାଜଭୋଗ ବା କୋଠଭୋଗର ସମସ୍ତ ଖର୍ଚ୍ଚ ଶ୍ରୀମନ୍ଦିର ପ୍ରଶାସନ ବହନ କରିଥାଏ । ଦୈନନ୍ଦିନ କୋଠ ଭୋଗ ସାମଗ୍ରୀ ମଧ୍ୟରେ ଥାଳି ଚାଉଳ-୫୮ କି.ଗ୍ରା.୮୪୦ ଗ୍ରାମ୍, ଚୁନା ଚାଉଳ-୨୯ କି.ଗ୍ରା. ୬୫୦ଗ୍ରାମ୍, ମୁଗ- ୭କି.ଗ୍ରା. ୨୫୦ ଗ୍ରାମ୍, ଖିସ୍‌ମିସ୍ - ୫୦ଗ୍ରାମ୍, ବିରି- ୧୮କି.ଗ୍ରା, ଓମ୍‌ଫେଡ୍ ଘିଅ - ୨୯ କି.ଗ୍ରା. ୯୦୬ଗ୍ରାମ୍, ଗୁଡ଼ - ୨୮ କି.ଗ୍ରା. ୭୯୨ ଗ୍ରାମ୍, ଚିନି - ୨୦ କି.ଗ୍ରା. ୯୬୨ ଗ୍ରାମ୍, ଅଟା - ୨୫ କି.ଗ୍ରା, ସୁଜି-୬୦୦ ଗ୍ରାମ୍, ବେସନ - ୩୦୦ଗ୍ରାମ୍, ଜୀରା - ୧୫୦ ଗ୍ରାମ୍, ମରିଚ- ୭୫ଗ୍ରାମ୍, ଅଳେଇଚ - ୧୧୫ ଗ୍ରାମ୍, ଲୁଣ - ୨ କି.ଗ୍ରା. ୫୦୦ ଗ୍ରାମ୍, ରାଶିତେଲ - ୫୦ ଗ୍ରାମ୍, ହଳଦୀ- ୫୦ ଗ୍ରାମ୍, ମଧୁରୀ - ୭୫ ଗ୍ରାମ୍, ହରଡ଼ଡାଲି - ୧କି.ଗ୍ରା., ଡାଲଚିନି - ୫୦ ଗ୍ରାମ୍, ଲବଙ୍ଗ - ୧୦ ଗ୍ରାମ୍, ହେଙ୍ଗୁ - ୧୦ ଗ୍ରାମ୍, ଜାଇଫଳ - ୧୨ ଗ୍ରାମ୍, ଲିଆ - ୫ ଗଉଣି ବା ୨ କି.ଗ୍ରା., ନଡ଼ିଆ (ବଲ୍ଲଭ ନିମନ୍ତେ) - ୧୨ଟା, କୋଠଭୋଗ (ନଡ଼ିଆ) - ୪ଟା, ପରିବା ମଧ୍ୟରେ କଖାରୁ - ୨ କି.ଗ୍ରା. ୫୦୦ ଗ୍ରାମ୍, ବାଇଗଣ - ୨ କି.ଗ୍ରା., ପୋଟଳ - ୨୫୦ ଗ୍ରାମ୍, ଅଦା - ୩୦୦ ଗ୍ରାମ୍, ଦେଶୀଆଳୁ - ୨୫୦ ଗ୍ରାମ୍, କଦଳୀ- ୧୨ଟା, ଶାଗ - ୨ ବିଡ଼ା, ତେନ୍ତୁଳୀ - ୧୦୦ ଗ୍ରାମ୍ ।

ଏତଦ୍ ବ୍ୟତୀତ ଶ୍ରୀଜୀଉମାନଙ୍କ ଦୈନନ୍ଦିନ କୋଠଭୋଗ ତଥା ବିଭିନ୍ନ ନୀତି ମାନଙ୍କରେ ଯେଉଁ ମାଟି ନିର୍ମିତ ପାତ୍ରର ଆବଶ୍ୟକ ହୋଇଥାଏ, ତାହା ହେଲା ଆଳି କୁଡୁଆ - ୪୦ଟି, ଅଙ୍ଗବାସ ଓଳି - ୧୯୫ଟି, ତାଡ଼-୬ଟି, ଟିପେଇ ହାଣ୍ଡି - ୨୧ଟି, ପାହାନ୍ତି - ୨ଟି, ଅଧା - ୧ଟି, ସାନ ପୁଳି - ୮୧ଟି, ପୁଳିସରା - ୨୪ଟି, ପାଳିସରା - ୬୦ ଟି, ବଢ଼ା - ୬୦ଟି, କଟା ସରା - ୧୪ଟି, ନମାଳି - ୨୪ଟି । ପ୍ରତ୍ୟେହ ତଥା ବିଶେଷ ପର୍ବପର୍ବାଣୀ ଦିନମାନଙ୍କରେ ଏକ ସ୍ୱତନ୍ତ୍ର ଶୈଳୀରେ ମହାସୁଆର ମାନଙ୍କ ଦ୍ୱାରା ଅନେକ ପ୍ରକାର ସୁମିଷ୍ଟପିଷ୍ଟକ, ଅନ୍ନ, ବ୍ୟଞ୍ଜନାଦି ପ୍ରସ୍ତୁତ ହୋଇ ଉତ୍କଳର ପରମ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ନୈବେଦ୍ୟ ହେଉଅଛି । ଯାହାକି ଦୀର୍ଘ ଶହ ଶହ ବର୍ଷର ପରମ୍ପରାକୁ ଉଜ୍ଜୀବିତ କରିଆସୁଅଛି ।

ଉଦ୍ଭିଦ ବିଜ୍ଞାନୀ ଓ ପରିବେଶବିତ୍, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ,
ଦୂରଭାଷ : ୭୦୦୮୧୮୧୮୨୦



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ପାରାଦୀପ ପୌରପାଳିକା ପକ୍ଷରୁ 'ସଫେଇ ଆପଣାଅ, ରୋଗ ହଟାଅ' କାର୍ଯ୍ୟକ୍ରମ




ପାରାଦୀପ, (ମହାଭାରତ) : ପାରାଦୀପ ପୌରପାଳିକା ପକ୍ଷରୁ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ 'ସଫେଇ ଆପଣାଅ, ରୋଗ ହଟାଅ' ଶୀର୍ଷକ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ରବିବାର ସକାଳେ ସମୁଦ୍ର ବେଳାଭୂମି କଳିଙ୍ଗ ବାଲିଯାତ୍ରା ପଡିଆରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ପୌରାଧକ୍ଷ ଶ୍ରୀ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଅତିରିକ୍ତ ନିର୍ବାହୀ ଅଧିକାରିଣୀ ସ୍ମୃତି ସ୍ୱାଇଁ,ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ, ପାରିଷଦ ସୁବ୍ରତ ପ୍ରଧାନ ଉପସ୍ଥିତ ରହି ପରିବେଶ ସ୍ୱଚ୍ଛ ରହିଲେ ବିଭିନ୍ନ ରୋଗ ପ୍ରତିହତ ହେବା ନେଇ ସମସ୍ତଙ୍କୁ ସଚେତନ କରିଥିଲେ। ଏହି ପରିପ୍ରେକ୍ଷୀରେ ଗ୍ରୀନ ପାରାଦୀପ ଟ୍ରଷ୍ଟ, ପାରାଦୀପ ମହାବିଦ୍ୟାଳୟ ଏନସିସି ଆଲୁମୁନି ଆସୋସିଏସନ, ନୀଳଚକ୍ର, ସ୍ୱାମୀ ବିବେକାନନ୍ଦ ୟୁଥ କ୍ଲବ, କଳିଙ୍ଗ ମହିଳା ଶକ୍ତି, ସାର୍ଥିକ ସୋଲ ଆହ୍ୱାନ କମ୍ବାଇନ୍ସ, ଆମ୍ବେଦକର ୟୁଥ କ୍ଲବ ର ବହୁ ସ୍ୱେଚ୍ଛାସେବୀ ଯୋଗଦେଇ ସାମୁହିକ ଭାବେ ବେଳାଭୂମି ସଫେଇ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଜୁଲାଇ ୧୫ ରୁ ଆରମ୍ଭ ହୋଇ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଘନ ଘନ ବିଜୁଳୀ କାଟ ଯୋଗୁ ଜନ ଅସନ୍ତୋଷ

ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ଏନ୍.ଏ.ସି.ତଥା ବ୍ଲକ୍ ଅଞ୍ଚଳରେ ବିଗତ ୧୦ ଦିନ ଧରି ଘନ ଘନ ଅଘୋଷିତ ବିଜୁଳୀ କାଟ ଚାଲିଛି । ଏଥିପାଇଁ ପିଲା ମାନଙ୍କ ପାଠପଢ଼ା ବ୍ୟାଘାତ ହେବା ସହିତ ନବଜାତ ଶିଶୁ ତଥା ବୃଦ୍ଧବୃଦ୍ଧା ମାନଙ୍କର ଜୀବନ ଅସହ୍ୟ ହେଉଛି । ନିଜ ଘରେ ଇନ୍‌ଭର୍ଟର୍ କିମ୍ବା ଡିଜିଟାଲ୍ ଜେନେରେଟର୍ ଲଗାଇ ସଉକ୍ ଜୀବନ ବିତାଉଥିବା ଟାଟା କମ୍ପାନୀର ଯନ୍ତ୍ରୀମାନଙ୍କୁ କାରଣ ଜାଣିବା ପାଇଁ ଫୋନ୍‌କଲେ ବାବୁ ମାନେ ଫୋନ ଉଠାଉନାହାଁନ୍ତି କିମ୍ବା ନବୀନ ବାବୁଙ୍କ ଷ୍ଟାଇଲ୍ ରେ 'ଆଇ ଆମ୍ ଲୁକିଂ ଇନ୍‌ଟୁ ଦି ମ୍ୟାଟର୍' କହି ମନଇଚ୍ଛା ବିଦ୍ୟୁତ୍ ଦେଉଛନ୍ତି । ଓଡ଼ିଶା ସରକାର ୨୪ ଘଣ୍ଟା ବିଦ୍ୟୁତ୍ ସେବା ଯୋଗାଇବାର ଏଗ୍ରୀମେଣ୍ଟ କରି ଟାଟା କମ୍ପାନୀ ଭଳି ଏକ ଦାୟୀତ୍ୱବାନ୍ କମ୍ପାନୀଙ୍କୁ ଓଡ଼ିଶାରେ ବ୍ୟବସାୟର ସୁଯୋଗ ଦେଇଥିବାବେଳେ ଅଧସ୍ତନ କର୍ମଚାରୀମାନଙ୍କ ଅବହେଳା ତଥା ଅପାରଗତା କାରଣରୁ ଉପଭୋକ୍ତା ହନ୍ତସନ୍ତ ହେଉଛନ୍ତି ।ବିଜୁଳୀ ବିଭ୍ରାଟରେ ବଡ଼ବଡ଼ିଆ ୧୫ ଶତକଡ଼ା ଧନୀଲୋକମାନଙ୍କର କୌଣସି ଅସୁବିଧା ହେଉନଥିବାବେଳେ ୮୫ ଶତକଡ଼ା ଲୋକ ବିଜୁଳୀ ବିଭ୍ରାଟ ପାଇଁ ଅତିଷ୍ଠ ହୋଇ ପଡ଼ିଲେଣି ।ଏହି ସମସ୍ୟାର ସମାଧାନ ପାଇଁ ଲୋକମାନେ ଆଗାମୀ ଦିନରେ ବିଧାୟକ ତଥା ମାନ୍ୟବର ସାଂସଦ ଙ୍କୁ ଏକ ପ୍ରଜ୍ଞାପନ ଦେଇ ବିଜୁଳୀ ବିଲ୍ ପୈଠ ନକରିବାକୁ ସାମୂହିକ ଯୋଜନା କରୁଛନ୍ତି।

## ବିଜେଡିରୁ ନିଲମ୍ବିତ ହେଲେ ରଣପୁର ଏନ୍‌ଏସି ଅଧ୍ୟକ୍ଷା

ନୟାଗଡ଼, (ମହାଭାରତ) : ରଣପୁର ଏନଏସିରେ ଦୀର୍ଘ ଦିନ ଧରି ଲାଗି ରହିଥିବା ବିବାଦରେ ବିଜେଡି ବଡ଼ ପଦକ୍ଷେପ ନେଇଛି। ଦଳ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଥିବା ଅଭିଯୋଗ କରି ଏନ୍‌ଏସି ଅଧ୍ୟକ୍ଷା ରଙ୍ଗୀନ ମହାନ୍ତିଙ୍କୁ ବିଜେଡି ନିଲମ୍ବିତ କରିଛି। ଦଳର ଉପସଭାପତି ପ୍ରତାପ ଜେନାଙ୍କ ଦସ୍ତଖତରେ ଏହି ନିର୍ଦ୍ଦେଶନାମା ଆଜି ପ୍ରକାଶ ପାଇଛି। ଫଳରେ ରଙ୍ଗୀନଙ୍କୁ ନେଇ ଦୀର୍ଘ ଦିନ ହେଲା ଚର୍ଚ୍ଚା ଚାଲିଥିବା ବେଳେ ବର୍ତ୍ତମାନ ସେ କି ପଦକ୍ଷେପ ନେଉଛନ୍ତି, ଏହା ଉପରେ ସମସ୍ତଙ୍କ ନଜର ରହିଛି। ଏମିତିକି




ସେ ବିଜେପିରେ ଯୋଗ ଦେଇପାରନ୍ତି ବୋଲି ମଧ୍ୟ ଶୁଣିବାକୁ ପଡୁଛି। ମାତ୍ର ଏ ନେଇ ରଙ୍ଗୀନଙ୍କୁ ଯୋଗାଯୋଗ କରା ?ଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଗତକାଲି ରଣପୁର ଏନଏସିର କିଛି କାଉନସିଲର ଜିଲ୍ଲାପାଳଙ୍କୁ ଚିଠି ଲେଖି ରଙ୍ଗୀନଙ୍କ ବିରୋଧରେ ଫେରାଦ ହୋଇଥିଲେ। ଗତ ୨୯ ତାରିଖରେ କାଉନସିଲ ବୈଠକରେ ପ୍ରବଳ ହୋହଲ୍ଲା ହୋଇଥିଲା। ଅଧ୍ୟକ୍ଷା ପ୍ରତି ୱାର୍ଡର ପ୍ରକଳ୍ପ ତାଙ୍କ ମନଇଚ୍ଛା ଦେଉଥିବାରୁ ଏହାକୁ ବିରୋଧ କରାଯାଇଥିଲା। ପୁନର୍ବାର ଉକ୍ତ ପ୍ରକଳ୍ପ ଗୁଡ଼ିକୁ ଦୃଢ଼ୀକରଣ କରିବା ପାଇଁ ସ୍ୱତନ୍ତ୍ର ବୈଠକ ଆଉ ଏକ ତାରିଖକୁ ରଖାଯାଇଥିଲା। ମାତ୍ର ୮ ଜଣ କାଉନସିଲରଙ୍କୁ ଉପସ୍ଥାନ ଖାତାରେ ଦସ୍ତଖତ କରିବାକୁ ଦିଆଯାଇନଥିଲା। ଏ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ, ସେ ମଧ୍ୟ ସନ୍ତୋଷଜନକ ଉତ୍ତର ଦେଇପାରିନ ?ଥିଲେ ବୋଲି କାଉନସିଲର ମାନେ ଅଭିଯୋଗ କରିଥିଲେ। ଏମିତି ଅନେକ ଘଟଣାରୁ ରଙ୍ଗୀନଙ୍କୁ ନେଇ ବିଜେଡି କାଉନସିଲ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରବଳ ଥିବା ଜଣାପଡୁଥିଲା। ଏମିତିକି ରଙ୍ଗୀନ ବିରୋଧୀ ଦଳକୁ ସହାୟତା କରୁଥିବା ମଧ୍ୟ ସେମାନେ ଅଭିଯୋଗ କରୁଥିଲେ। ଯେହେତୁ ବିଜେଡି ଏଥିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରଙ୍ଗୀନଙ୍କୁ ଦଳରୁ ବିଦା କରିଛି, ସେଥିପାଇଁ ତାଙ୍କୁ ବିରୋଧ କରୁଥିବା କାଉନସିଲର ମାନେ ବେଶ୍ ଖୁସି ହୋଇଯାଇଛନ୍ତି।

## ଯୁବତୀଙ୍କୁ ଅସଦାଚରଣ ସହ ହତ୍ୟା ଧମକ : ଆତ୍ମହତ୍ୟା ଉଦ୍ୟମ କରି ଯୁବତୀ ଗୁରୁତର

ନୟାଗଡ଼, (ମହାଭାରତ) : ନୟାଗଡ଼ରେ ପୁଣି ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ। ଟାଉନ ଥାନା ତୁଳସୀପୁର ଗାଁରେ ଏଭଳି ଅଭାବନୀୟ ଘଟଣା ଦେଖିବା ପାଇଁ ମିଳିଛି। ସେହି ଗାଁର ଯୁବକ ମହେଶ୍ୱର ପ୍ରଧାନ ଯୁବତୀଙ୍କୁ କମେଣ୍ଟ ମାରିବାରୁ ଯୁବତୀ ଜଣଙ୍କ କମେଣ୍ଟ ମରା କୁ ସାହି ନପାରି ଆତ୍ମହତ୍ୟା ଉଦ୍ୟମ କରିଥିବା ଯୁବତୀଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ମାତ୍ରାଧିକ ମେଡ଼ିସିନ ଖାଇ ସେ ଆତ୍ମହତ୍ୟା ଉଦ୍ୟମ କରିଥିବାରୁ ଯୁବତୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ନାହିଁ। ସେ ଅସୁସ୍ଥ ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମେଡିକାଲରେ ଯୁବତୀଙ୍କୁ ଭେଟି ଅଭିଯୋଗ ଶୁଣିଛନ୍ତି ନୟାଗଡ଼ ଏସ୍.ଡି.ପି.ଓ ଏବଂ ଟାଉନ ଥାନା ଆଇଆଇସି। ସେପଟେ ନୟାଗଡ଼ ଟାଉନ ଥାନା ପୋଲିସ ଅଭିଯୁକ୍ତ ମହେଶ୍ୱର ପ୍ରଧାନଙ୍କୁ ମଧ୍ୟ ଟାଉନ ଥାନାରେ ପଚରାଉଚରା କରିବା ସହ ଗିରଫ କରିଛି। ଅଭିଯୋଗ ଅନୁଯାୟୀ ତୁଳସୀପୁର ଗାଁର ମହେଶ୍ୱର ପ୍ରଧାନ ତିନି ଦିନ ତଳେ ସେହି ଗାଁର ଜଣେ ଯୁବତୀଙ୍କୁ ପୂର୍ବ ରାଗ ରଖି ଗାଡି ମାଡ଼ିଇ ମାରି ଦେବା ପାଇଁ ଉଦ୍ୟମ କରିଥିଲେ। ଯୁବତୀଙ୍କ ପରିବାର ଲୋକେ ନୟାଗଡ଼ ଟାଉନ ଥାନାରେ ଅଭିଯୋଗ କରିବା ପରେ ତାଙ୍କ ପରିବାର ଲୋକଙ୍କୁ ଅଭିଯୁକ୍ତ ମହେଶ୍ୱର ପ୍ରଧାନ ଏବଂ ତାର ସାଙ୍ଗ ସାଥି ମିଶି ଖରାପ ଭାଷାରେ ଗାଳି କରିବା ସହ କମେଣ୍ଟ ମାରିବା ନେଇ ଯୁବତୀ ମଧ୍ୟ ଟାଉନ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଯୁବତୀ ଙ୍କୁ ପୋଲିସ ନ୍ୟାୟ ନ ଦେବାରୁ ସେ ମାତ୍ରାଧିକ ଔଷଧ ସେବନ କରି ଆତ୍ମହତ୍ୟା ଉଦ୍ୟମ କରିଥିବା ତାଙ୍କ ମାଆ ସରସ୍ୱତୀ ସାହୁ ଅଭିଯୋଗ କରିଛନ୍ତି।

# ଚାଷ ପାଇଁ ବର୍ଷା ନାହିଁ, ବର୍ଷା ପାଇଁ ଚାଲିଛି ଇନ୍ଦ୍ର ମହାଯଜ୍ଞ

ଅସ୍ତରଙ୍ଗ, (ମହାଭାରତ) : ବର୍ତ୍ତମାନ ଖରିଫ ଋତୁ ଧାନ ଚାଷ ର ସମୟ,କିନ୍ତୁ ଚଳିତ ବର୍ଷ ଏହି ଋତୁ ରେ ଚାଷୀ ଙ୍କ ପାଇଁ ଦାଉ ସାଜିଛି ବର୍ଷା, କଥା ରେ ଅଛି ଶ୍ରାବଣ ମାସରେ ଅସରାଏ ବର୍ଷା ନହେଲେ ଚାଷୀ ଙ୍କର ଲକ୍ଷେ ଭରଣ ଧାନ ନଷ୍ଟ ହୁଏ, କିନ୍ତୁ ବାସ୍ତବ ରେ ଆଜି ଉପକୂଳ ଚାଷୀ ଙ୍କ କ୍ଷେତ୍ର ରେ ଏହି ଦୃଶ୍ୟ ଦେଖିବାକୁ ମିଳିଛି, ଗତ ଲଘୁଚାପ ରେ ଉପର ମୁଣ୍ଡ ରେ ବର୍ଷା ହୋଇଛି କିନ୍ତୁ ଉପକୂଳ ଜିଲ୍ଲା ରେ ସେହିଭଳି ବର୍ଷା ନାହିଁ, ଯେଉଁମାନେ



ଅଳ୍ପ ବୃଷ୍ଟି କୁ ଆଖିରେ ଦେଖି ତଳି ଓପାଡି ରୁଇଁ ଛନ୍ତି ବର୍ତ୍ତମାନ କ୍ଷେତ କୁ ପାଣି ନଥିବାରୁ ସେହି ଚାଷୀ ମାନଙ୍କ ଉପରେ ନକାରାତ୍ମକ ପ୍ରଭାବ ପଡିଛି, ଅନ୍ୟ ପଟେ ବର୍ଷା ଅଭାବ ରୁ ତଳି ଅନେକ ସ୍ଥାନ ରେ ଓପଡା ଯାଇନି, ଚାଷ ଜମି ସବୁ ଫାଟି ମେଲା ହେଇଛି, ଅସ୍ତରଙ୍ଗ ଅଞ୍ଚଳ ରେ ଜଳସେଚନ କଥା ସମ୍ପୂର୍ଣ୍ଣ ବିପର୍ଯ୍ୟୟ, ଏହି ସବୁ ଘଟଣା କୁ ଆଖିରେ ରଖି ଅସ୍ତରଙ୍ଗ ବ୍ଲକ ଝାଡଲିଙ୍ଗ ପଞ୍ଚାୟତ ସରପଞ୍ଚ ବୃନ୍ଦାବନ ନାୟକ ଙ୍କ ନେତୃତ୍ୱ ରେ ନାନପୁର ଓ ଆଖପାଖ ଗ୍ରାମବାସୀ ଏକତ୍ରିତ ହୋଇ ଆଜି ନାନପୁର ଆର୍ତ୍ତତ୍ରାଣ ଗାଦି ରେ ଇନ୍ଦ୍ର ମହାଯଜ୍ଞ ଆରମ୍ଭ କରିଛନ୍ତି, ଅନେକ ମହିଳା ଓ ପୁରୁଷ ମାନେ ଏକତ୍ରିତ ହୋଇ ପାଣି ତୋଳିବା ସହ ଯଜ୍ଞ ବେଦୀ ରେ ଘଟ ସ୍ଥାପନ କରିଛନ୍ତି, ଇନ୍ଦ୍ର ଦେବ ଙ୍କ ଘଟ କୁ ଶୋଭାଯାତ୍ରା ରେ ନେଇ ପଡିଆ ଚାଷ ବିଲ ରେ ଇନ୍ଦ୍ର ଙ୍କୁ ପାର୍ଥନା କରିଛନ୍ତି ଗ୍ରାମବାସୀ, ତପ୍ପରେ ଗାଦି ଗୋସେଇଁ ଙ୍କ ପୀଠ ରେ ଅଭିଜ୍ଞ ବ୍ରାହ୍ମଣ ଙ୍କ ଦ୍ୱାରା ଘୃତାହୁତି କରାଯାଇ ପୂର୍ଣ୍ଣାହୁତି ଦିଆଯାଇଛି, ଗ୍ରାମବାସୀ ଙ୍କ ବିଶ୍ୱାସ ଯେ ଯେଉଁଠି ପ୍ରକୃତି ଆଜି ବର୍ଷା ଜଳ ଦେଉନି ସେଠି ଇନ୍ଦ୍ର ଙ୍କ ଉଦ୍ଦେଶ୍ୟ ରେ ହେଇଥିବା ଯଜ୍ଞ ର ପ୍ରଭାବ ରେ ନିଶ୍ଚିନ୍ତ ବର୍ଷା ହେବ, ଘଣ୍ଟା ଘଣ୍ଟ ଶଙ୍ଖ ଧୋନି ରେ ଏହି ଅଞ୍ଚଳ ରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି।

## ଛାତ୍ରୀଙ୍କୁ ଅସଦାଚରଣ ସହ ମାଡମାରି ଯୁବକ ଥାନାରେ ଅଟକ

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ମୁଖ୍ୟ ବଜାର ରେ ଜଣେ କଲେଜ ଛାତ୍ରୀ କୁ ଅସଦାଚରଣ ସହ ମାଡ ମାରିବା ଘଟଣା ରେ ଜଣେ ଯୁବକ ଥାନାରେ ଅଟକ ରହି ଛି। ସୂଚନା ରୁ ପ୍ରକାଶ ଆଜି ଛାତ୍ରୀ ଜଣକ ପାଟଣା କଲେଜ ପ୍ରଥମ ବର୍ଷ ଏନସିସି କ୍ୟାର୍ଡ ରହିଥିବା ବେଳେ କଲେଜ ରୁ ଏନସିସି ପ୍ରଶିକ୍ଷଣ ସାରି ଘର କୁ ଯିବା ପାଇଁ ପାଟଣା ମୁଖ୍ୟ ବଜାର ବସଷ୍ଟାଣ୍ଡ ରୁ ବସ ଯୋଗେ ଯିବା ପାଇଁ ବସ ସି ରେ ଥିବା ଅନ୍ୟ ସିଟ୍ ଖୋଲା ଥିବା ରୁ ମଦ୍ୟପ ଯୁବକ ଜଣକ ଏନସିସି କ୍ୟାର୍ଡ ପାଖରେ ବସି ଅସଦାଚରଣ କରିବାରୁ ଛାତ୍ରୀ ଜଣକ ବାରଣ କରିବାରୁ ମଦ୍ୟପ ଯୁବକ ଏନସିସି କ୍ୟାର୍ଡ ଙ୍କୁ ସହ ମାଡ଼ି ମାଡ଼ି ଥିଲେ । ଏନସିସି କ୍ୟାର୍ଡ ଜଣକ ନିଜ ଏନସିସି କ୍ୟାର୍ଡ଼ କୁ ଫୋନ ଯୋଗେ ଘଟଣା ଜଣାଇବା ରୁ ଘଟଣା ସ୍ଥାନ ଏନସିସି କ୍ୟାର୍ଡ ପହଞ୍ଚି ମଦ୍ୟପ ଯୁବକ କାବୁ କରିବା ସମୟ ରେ ସ୍ଥାନୀୟ ଲୋକେ ଆକ୍ରସ ଭାବେ ଆକ୍ରମଣ କରିଥିଲେ।ଏପରି ଅସଦାଚରଣ ସହ ମାଡ ମାରିବା ଘଟଣାକୁ ନେଇ ପାଟଣା ଥାନା ରେ ଏନସିସି କ୍ୟାର୍ଡ ଏକ ଏତଲା ଦେଇଛନ୍ତି । ଏତଲା ପରେ ପୋଲିସ ମଦ୍ୟପ ଯୁବକ ଅଟକ ରଖି ଘଟଣା ର ତଦନ୍ତ ଜାରି ରଖିଥିବା ଜଣାପଡି ଛି।

## ୫ ହଜାର ଟଙ୍କା ପାଇଁ ଯୁବକଙ୍କୁ ହତ୍ୟା କଲା ଠିକାଦାର

ମାଲକାନଗିରି, (ମହାଭାରତ) : ମାତ୍ର ୫ ହଜାର ଟଙ୍କା ପାଇଁ ଜଣେ ଠିକାଦାର ଜଣେ ୨୧ ବର୍ଷୀୟ ଯୁବକଙ୍କୁ ପ୍ରଥମେ ଅପହରଣ ଓ ପରେ ହତ୍ୟା କରିଥିବା ପରି ସଂଗୀନ ଅଭିଯୋଗ ମୋଟୁ ଥାନାରେ ହୋଇଛି। ଅଭିଯୋଗ ପାଇବା ପରେ ମୋଟୁ ପୁଲିସ ଠିକାଦାର ଓ ତାଙ୍କର ଜଣେ ସହଯୋଗୀଙ୍କୁ ଥାନାରେ ଅଟକ ରଖି ଅନୁସନ୍ଧାନ ଆରମ୍ଭ କରିଥିବାର ସୂଚନା ମିଳିଛି । ମୋଟୁ ଥାନା ଅନ୍ତର୍ଗତ ଏମପିଭି ୮୧ ଗ୍ରାମର ଠିକାଦାର ଅନନ୍ତ ହାଲଦାର ଓ ସହ ଯୋଗୀ ସୁଜିତ ରାୟ ଶୁକ୍ରବାର ଅପରାହ୍ନ ୫ଟା ସମୟରେ ଏମପିଭି -୧୦ ଗ୍ରାମକୁ ଆସି ବାପି ମଣ୍ଡଳ ନାମକ ଜଣେ ୨୧ ବର୍ଷୀୟ ଯୁବକଙ୍କୁ ଘରୁ ଜୋର ଜବରଦସ୍ତ ହାତ ବାନ୍ଧି ଏକ ବାଇକରେ ନିଜ ଘରକୁ ଅପହରଣ କରି ନେଇଯାଇଥିଲେ । ତେବେ ଶନିବାର ସକାଳୁ ବାପି ମରିଯାଇଛି ବୋଲି ଠିକାଦାର ଜଣଙ୍କ ଏମପି ଭି- ୧୦ ଗ୍ରାମର ଗାଁ ସଭାପତିଙ୍କୁ ଜଣାଇଥିଲେ । ଏହାପରେ ମୃତ ଯୁବକଙ୍କ ଅଜା ମୋଟୁ ଥାନାରେ ମୋ ନାତିକୁ ଠିକାଦାର ମାତ୍ର ୫ ହଜାର ଟଙ୍କା ପାଇଁ ଅପହରଣ କରି ହତ୍ୟା କରିଥିବାର ଅଭିଯୋଗ କରିଥିଲ। ମୃତ ଯୁବକ ଜଣଙ୍କ ଠିକାଦାର ନିକଟରେ ରହି ଆନ୍ଧ୍ର ପ୍ରଦେଶରେ ଦାଦନ ଖଟୁଥିଲା । ମୃତ ଯୁବକ ଜଣଙ୍କ ୫ ହଜାର ଟଙ୍କା ଅଗ୍ରିମ ଆଣିଥିଲେ ମଧ ଆଉ ପରିଶୋଧ କରି ପାରି ନଥିଲା ।

## ଆନ୍ତଃବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତାରେ ଡି.ଏ.ଭି ପବ୍ଲିକ ସ୍କୁଲ,ପାରାଦୀପ ଚମ୍ପିୟନ : ଆୟୁଷ ଶ୍ରେଷ୍ଠ ଖେଳାଳି

ପାରାଦ୍ୱୀପ, (ମହାଭାରତ) ପାରାଦ୍ୱୀପ ଠାରେ ଆୟୋଜିତ ଆନ୍ତଃବିଦ୍ୟାଳୟ କ୍ରିକେଟ୍ ପ୍ରତିଯୋଗିତାରେ ଡି.ଏ.ଭି. ପବ୍ଲିକ୍ ସ୍କୁଲ, ପାରାଦ୍ୱୀପ ପୋର୍ଟ ଚାମ୍ପିଅନ ହୋଇଛି । ଫାଇନାଲ୍ ମ୍ୟାଚରେ ଡି.ଏ.ଭି. ପବ୍ଲିକ୍ ସ୍କୁଲ, ପାରାଦ୍ୱୀପ ପୋର୍ଟ, ବେଥାନୀ କନ୍‌ଭେଣ୍ଟ ସ୍କୁଲକୁ ୭ ୱିକେଟରେ ହରାଇ ବିଜୟ ଲାଭ କରିଛି କ୍ଷ ପ୍ରଥମେ ବେଥାନୀ କନ୍‌ଭେଣ୍ଟ ସ୍କୁଲ ବ୍ୟାଟିଂ କରି ୨୮.୪ ଓଭର୍ ରେ ୧୦ ୱିକେଟ୍ ବିନିମୟରେ ୯୩ ରନ୍ ସଂଗ୍ରହ କରିଥିଲା । ପ୍ରତିପକ୍ଷ ଦଳ ଡି.ଏ.ଭି. ପବ୍ଲିକ୍ ସ୍କୁଲ, ପାରାଦ୍ୱୀପ ପୋର୍ଟ ୧୮.୪ ଓଭର୍ ରେ ୩ ୱିକେଟ୍ ହରାଇ ୯୬ ରନ୍ କରି ସଫଳତା ହାସଲ କରିଛି । ଡି.ଏ.ଭି. ପବ୍ଲିକ୍ ସ୍କୁଲ, ପାରାଦ୍ୱୀପ ପୋର୍ଟର ସମସ୍ତ



ଖେଳାଳି ଉଭୟ ବ୍ୟାଟିଂ ଓ ବୋଲିଂରେ ଉନ୍ନତ ଖେଳ ପ୍ରଦର୍ଶନ କରିଥିଲେ । ଡି.ଏ.ଭି. ପବ୍ଲିକ୍ ସ୍କୁଲ, ପାରାଦ୍ୱୀପ ପୋର୍ଟର ଛାତ୍ର ଆୟୁଷ ପରିଡ଼ାଙ୍କର ଚମତ୍କାର ପ୍ରଦର୍ଶନ ପାଇଁ ତାଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ରୂପେ ପୁରସ୍କୃତ କରାଯାଇଥିଲା । ସ୍କୁଲର ଏହି ସଫଳତା ପାଇଁ ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ବିନ୍ଦୁଶ୍ରୀ ମହାନ୍ତି ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଖେଳାଳୀ ତଥା କୋଚ୍ ଶ୍ରୀମତୀ ସୌଭାଗିନୀ ପାଢ଼ୀଙ୍କୁ ଅଭିନନ୍ଦନ ଓ ଧନ୍ୟବାଦ ଜଣାଇଛନ୍ତି।

## ନାବାଳିକା କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

କରଞ୍ଜିଆ, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା ମହୁଲଡିହା ଥାନା ଅନ୍ତର୍ଗତ କେଶଡିହା ପଞ୍ଚାୟତ ଅଞ୍ଚଳ ରୁ ବଳାତ୍କାର ଅଭିଯୋଗ ରେ ଜଣେ ଯୁବକକୁ ମହୁଲଡିହା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଘଟଣା ରୁ ପ୍ରକାଶ ଜୈନିକ ନାବାଳିକା ଜଣକେ କେଶଡିହା ଗ୍ରାମ ପଞ୍ଚାୟତ ଅଞ୍ଚଳର ତାଙ୍କ ମାମୁଁ ଘରେ ରହି ପ୍ରାଥମିକ ବିଦ୍ୟାଳୟରେ ପାଠ ପଢେ । ସେହି ଗ୍ରାମର ବିବାହିତା ଯୁବକ ପାଟ କାୟାମ ନାବାଳିକାକୁ ଏକାକି ପାଇ ଗତ ୧୫ ତାରିଖ ରେ ବଳାତ୍କାର କରିଥିଲା । ପୁନର୍ବାର ୨୧ ତାରିଖ ଦିନ ବଳାତ୍କାର କରିଥିବା ନାବାଳିକା ଘରେ ପରିବାର ଲୋକ ଙ୍କୁ କହିଥିଲେ । ଏହା ଜାଣିବା ପରେ ନାବାଳିକା ର ବାପା ଏ ସମ୍ପର୍କରେ ମହୁଲଡିହା ଥାନା ରେ ଅଭିଯୋଗ କରିଥିଲେ ।

## ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ମଦମୁକ୍ତି ଗାଁ ଅଭିଯାନ



ପାଟଣାଗଡ, (ମହାଭାରତ): ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ତମିଆଁ ଗ୍ରାମ ପଞ୍ଚାୟତ ତମିଆଁ ଗାଁ ଠାରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ମଦମୁକ୍ତି ଗାଁ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଥିଲା। ପ୍ରଥମେ ଆଦିବାସୀ ଦେବାଦେବୀ ଠାରେ ପୂଜାର୍ଚ୍ଚନା ସାରି ପାରମ୍ପରିକ ଅଶସ୍ତ୍ର ସଶସ୍ତ୍ର ଧରି ଭୋଭାଯାତ୍ରାରେ ଡକା ବଜାର ତାଳେ ତାଳେ ମଦ ବିରୋଧୀ ସ୍ଲୋଗାନ, ସରକାରର ମଦନିତୀ ବିରୋଧରେ ସ୍ଲୋଗାନ ଦେଇ ଗାଁ ପରିକ୍ରମା କରି ସ୍ଥାନୀୟ ବଜାର ଠାରେ ଅନୁଷ୍ଠିତ ସଭା ସ୍ଥଳ କୁ ପହଞ୍ଚିଥିଲା । ସଭା ପୂର୍ବରୁ ପାଟଣାଗଡ଼ ତହସିଲଦାର ରୁଦ୍ର ମୋହନ ନାୟକ ଉପସ୍ଥିତ ରହି ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେବାକୁ ଥିବା ଦାବୀପତ୍ର ଗ୍ରହଣ କରି ମୁଖ୍ୟମନ୍ତ୍ରୀଙ୍କୁ ପଠେଇ ଏହି ବିଷୟରେ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶୃତି ଦେଇଥିଲେ । ପରେ ତମିଆଁ ପଞ୍ଚାୟତ ସଭାପତି ଶେଷଦେବ ଭୋଇଙ୍କ ସଭାପତିତ୍ୱରେ ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ବ୍ଲକ ସଭାପତି ଭୁବନେଶ୍ୱର କୁଅଁର, ସମ୍ପାଦକ ସାରଥୀ ବାଗ, ବିଭିନ୍ନ ପଞ୍ଚାୟତ ସଭାପତି ଯୋଗେଶ୍ୱର ଭୋଇ,ସହଦେ୍ୱ ଧରୁଆ, କଣ୍ଡୁ ବରିହା, ପ୍ରଦୀପ ବରିହା,ଲଳିତ ମିର୍ଦ୍ଧା, ଭୁଲା ମଲ୍ଲିକ,ବିରଞ୍ଚି ବୁଡ଼େକ, ଜଳ ଧରୁଆ, ମଙ୍ଗଲୁ ବରିହା, ସରୋଜ ଭୋଇ, ଶ୍ରୀମତୀ ହରିପ୍ରିୟା ବରିହା, ଉକିଲ ବରିହା, ମଦନ ମାଝୀ, ରମେଶ କୁମୁରା ପ୍ରମୁଖ ମଦମୁକ୍ତି ଅଭିଯାନ ଓ ସରକାରଙ୍କ ମଦ ମଦନିତୀ ବିରୋଧରେ ଗର୍ଜି ଥିଲେ। ପ୍ରଥମ ପର୍ଯ୍ୟାୟରେ ତମିଆଁ ମଦଭାଟି ବନ୍ଦ କରି ପରେ ପାଟଣାଗଡ଼ର ଖୁଣ୍ଟସମଲେଇ, ଲରମ୍ଭା, ପାଢେଲ, ଯୋଗିମୁଣ୍ଡା, ଭଇଁସା, ବଡ଼ବାବେଜୁରୀ ଓ ପାଟଣାଗଡ଼ ମଦ ଭାଟି ବନ୍ଦ କରି ପାଟଣାଗଡ଼ ଉପଖଣ୍ଡକୁ ମଦମୁକ୍ତି ଉପଖଣ୍ଡ ଘୋଷଣା କରିବାକୁ ଦାବୀ କରିଥିଲେ। ଆଗାମୀ ଦିନରେ ମଦଭାଟି ବନ୍ଦ ନ କଲେ ଆଗକୁ ଆନ୍ଦୋଳନ ତୀବ୍ରତର କରିବାକୁ ଚେତାବନୀ ଦେଇଛନ୍ତି ଆଦିବାସୀ ନେତୃମଣ୍ଡଳୀ । ଶାନ୍ତି ଶୃଙ୍ଖଳା ପାଇଁ ଲରମ୍ଭା ଥାନାଧିକାରୀ ସହିତ ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଥିଲେ । ଆଜିର ଅଭିଯାନରେ ଶତାଧିକ ଆଦିବାସୀ ପୁରୁଷ ମହିଳା ଯୋଗ ଦେଇଥିଲେ । ଶେଷରେ ପିଣ୍ଟୁ ବୁଡ଼େକ ଧନ୍ୟବାଦ ଦେଇଥିଲେ ।

# ପାରାଦୀପ ବନ୍ଦରକୁ ସମ୍ମାନଜନକ 'ମାଲା'୨୦୨୫ ପୁରସ୍କାର

ପାରାଦୀପ, (ମହାଭରତ) : ୧୫ତମ ଅଲ୍ ଇଣ୍ଡିଆ ମେରିଟାଇମ୍ ଆଣ୍ଡ୍ ଲଜିଷ୍ଟିକ୍ସ ପୁରସ୍କାର (ମାଲା) ୨୦୨୫ ରେ ପାରାଦୀପ ବନ୍ଦରକୁ ମର୍ଯ୍ୟାଦାଜନକ 'ବର୍ଷର ପ୍ରମୁଖ ବନ୍ଦର - ଅଣ-କଣ୍ଟେନରାଇଜଡ୍ କାର୍ଗୋ' ପୁରସ୍କାରରେ ସମ୍ମାନିତ କରାଯାଇଛି। ଭାରତୀୟ ସାମୁଦ୍ରିକ ଏବଂ ଲଜିଷ୍ଟିକ୍ସ କ୍ଷେତ୍ରରେ ଉତ୍କର୍ଷତା ଏବଂ ନବସୃଜନକୁ ପାଳନ କରିବା ପାଇଁ ଏକ୍ସିମ୍ ଇଣ୍ଡିଆ ଦ୍ୱାରା ଅଗଷ୍ଟ ୧ ତାରିଖ ରେ ମୁମ୍ବାଇ ଠାରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପୁରସ୍କାର ପାରାଦୀପ ବନ୍ଦରର ଅସାଧାରଣ ପ୍ରଦର୍ଶନ ଏବଂ ଅଣ-କଣ୍ଟେନରାଇଜଡ୍ କାର୍ଗୋ ପରିଚାଳନାରେ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ଦିଏ, ଯାହା ଦେଶର ସାମୁଦ୍ରିକ ବାଣିଜ୍ୟରେ ଏହାର କାର୍ଯ୍ୟକ୍ଷମ ଦକ୍ଷତା ଏବଂ ରଣନୈତିକ




ଗୁରୁତ୍ୱ ପ୍ରଦର୍ଶନ କରେ। ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ର ଟ୍ରାଫିକ୍ ମ୍ୟାନେଜର ଜି.ଏଡିସନ୍ ବନ୍ଦର ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଥିଲେ । ମାଲା ପୁରସ୍କାର ଏକ ଗୁରୁତ୍ୱପୂର୍ଣ୍ଣ ବାର୍ଷିକ କାର୍ଯ୍ୟକ୍ରମ, ଯେଉଁଥିରେ ବିଜେତା ମାନଙ୍କୁ ଶିଳ୍ପ ବିଶେଷଜ୍ଞଙ୍କ ଏକ ବିଶିଷ୍ଟ ଜୁରୀ ଦ୍ୱାରା ଚୟନ କରାଯାଇଛି । ଏହି ପୁରସ୍କାର ହାସଲ କରିବା ଶିଳ୍ପ ମଧ୍ୟରେ ଏକ ପ୍ରମୁଖ ସମ୍ମାନ ଭାବେ ବିବେଚନା କରାଯାଏ ଏବଂ ଉତ୍କର୍ଷତା ପ୍ରତି ବନ୍ଦରର ପ୍ରତିବଦ୍ଧତା ଏବଂ ଅଣ-କଣ୍ଟେନରାଇଜଡ୍ କାର୍ଗୋ ସେଗମେଣ୍ଟରେ ଏହାର ନେତୃତ୍ୱ ଭୂମିକାକୁ ଉଜ୍ଜ୍ୱଳ କରିଥାଏ । ଏହି ସମ୍ମାନ ପାଇବା ପରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ବନ୍ଦରର ସମସ୍ତ ଟିମକୁ ଅଭିନନ୍ଦନ ଜଣାଇ 'ଏହି ଉଲ୍ଲେଖନୀୟ ସଫଳତା ଟିମ୍ ପିପିଏର କଠିନ ପରିଶ୍ରମ, ସମର୍ପଣ ଏବଂ ସହଯୋଗ ମନୋଭାବର ନିଦର୍ଶନ ବୋଲି କହିଛନ୍ତି । ଆମେ ଆମର ଶିଳ୍ପ ସାଥୀମାନଙ୍କ ଦ୍ୱାରା ସ୍ୱୀକୃତି ପାଇ ସମ୍ମାନିତ ଏବଂ ଭାରତର ବୃଦ୍ଧି ପାଉଥିବା ଅର୍ଥନୀତିକୁ ସମର୍ଥନ କରିବା ପାଇଁ ଆମର ସେବାଗୁଡ଼ିକୁ ନିରନ୍ତର ଉନ୍ନତ କରିବା ପାଇଁ ପ୍ରତିବଦ୍ଧ' । ଏହି ସମ୍ମାନ ପାରାଦୀପ ବନ୍ଦରର ରଣନୈତିକ ପଦକ୍ଷେପ ଏବଂ ଦୃଢ଼ ଭିତ୍ତିଭୂମିକୁ ଦର୍ଶାଉଛି, ଯାହା ଶୁଷ୍କ ବଲ୍କ ଏବଂ ତରଳ ବଲ୍କ ସମେତ ବିବିଧ ଅଣ-କଣ୍ଟେନରାଇଜଡ୍ କାର୍ଗୋର ସର୍ବୋଚ୍ଚ ପରିମାଣ ପରିଚାଳନାରେ ଏହାର ସଫଳତାରେ ଅବଦାନ ରଖିଛି ବୋଲି ବନ୍ଦରାଧକ୍ଷ ଶ୍ରୀ ହରନାଦ ଉଲ୍ଲେଖ କରିଛନ୍ତି।

# ସ୍ୱାଧୀନତା ଦିବସ ଉପଲକ୍ଷେ ଚିତ୍ରାଙ୍କନ ଓ ଝୋଟି ପ୍ରତିଯୋଗୀତା

ଦେବଗଡ, (ମହାଭହାରତ) : ସ୍ୱାଧୀନତା ଦିବସ ଉପଲକ୍ଷେ ଜିଲ୍ଲା ପ୍ରଶାସନ ପକ୍ଷରୁ ସଂସ୍କୃତି ଭବନ, ବାଳକ ପ୍ରାଥମିକ ବିଦ୍ୟାଳୟ ଓ ମନ୍ଦାକିନୀ ବାଳିକା ଉନ୍ନିତ ବିଦ୍ୟାଳୟ ଠାରେ ଚିତ୍ରାଙ୍କନ ଓ ଚିତା (ଝୋଟି)ପ୍ରତିଯୋଗୀତା ଆୟୋଜିତ ହୋଇଯାଇଛି । କୃତି ପ୍ରତିଯୋଗୀ ସ୍ୱାଧୀନତା ଦିବସ ପ୍ୟାରେଡ଼ ପଡିଆରୁ ପୁରସ୍କାର ଗ୍ରହଣ କରିବେ । ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମରୁ ତୃତୀୟ ଶ୍ରେଣୀ ମଧ୍ୟରେ ନୋଟାରି ଡେମ ଏକାଡେମୀ ର କିର୍ତ୍ତିକା ଆରକା ୧ମ,ଚିନ୍ମୟ ବିଦ୍ୟାଳୟର ନର୍ମତା ପ୍ରଧାନ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ସୌଲହିକ ସାହୁ୨ୟ, ଡିଭାଇନ୍ ପବ୍ଲିକ ସ୍କୁଲ ସୁମନ ମାଝୀ, ଚିନ୍ମୟ ବିଦ୍ୟାଳୟର ସୌନ୍ଦର୍ଯ୍ୟ ଗୁରୁ ୩ୟ,



ଚତୁର୍ଥ ଶ୍ରେଣୀ ରୁ ପଞ୍ଚମ ଶ୍ରେଣୀ ମଧ୍ୟରେ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରୀୟାନସି ନାୟକ୧ମ, ଚିନ୍ମୟ ବିଦ୍ୟାଳୟର ସିଦ୍ଧିପ୍ରଜ୍ଞା ବେହେରା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ବିଜୟ ଲକ୍ଷ୍ମୀ ପ୍ରଧାନ ୨ୟ, ନୋଟାରି ଡେମ ଏକାଡେମୀ ର ଶ୍ରିଷ୍ଟିମୟୀ ଲାକରା ,କେନ୍ଦ୍ରୀୟ ବିଦ୍ୟାଳୟ ର ଆରାଧ୍ୟା ଶତପଥୀ ୩ୟ, ଷଷ୍ଠ ଶ୍ରେଣୀ ରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ଡିଭାଇନ୍ ପବ୍ଲିକ ସ୍କୁଲ ସୌମ୍ୟା ସିଂ ୧ମ, ବିଦ୍ୟା ବିକାଶ ଏମ.ଇ ସ୍କୁଲ୍ ଜିକ୍ରା ବାଇଡ,ନୋଟାରି ଡେମ ଏକାଡେମୀ ର ପ୍ରିତିପରଣ ପ୍ରଧାନ ୨ୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ଓମ୍ ପ୍ରକାଶ ବେହେରା ୩ୟ, ନବମ ଶ୍ରେଣୀ ରୁ ଦଶମ ଶ୍ରେଣୀ ମଧ୍ୟରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ଶିବାନୀ ବେହେରା ୧ମ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ଆଦ୍ୟାଶା ପାତ୍ର ୨ୟ, ଶୁଭ୍ରଜ୍ୟୋତି ଆବାସିକ ବିଦ୍ୟାଳୟ ର ପ୍ରିତମ କୁମାର ପ୍ରଧାନ, ଶୁଭ୍ରଜ୍ୟୋତି ଆବାସିକ ବିଦ୍ୟାଳୟ ର ସେନୋରିତା ମୁଣ୍ଡା ୩ୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ଚିତା(ଝୋଟି) ପ୍ରତିଯୋଗିତାରେ ଉଚ୍ଚ ବିଦ୍ୟାଳୟ ସ୍ତର ଶୁଭ୍ରଜ୍ୟୋତି ଆବାସିକ ବିଦ୍ୟାଳୟ ର କୁଇନ୍ ପ୍ରଧାନ ୧ମ, ନୋଟାରୀ ଡେମ୍ ଏକାଡେମୀ ର ଅନନ୍ୟା ମିଞ୍ଜ୨ୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ଯୋଗସ୍ମିତା ବେହେରା, ନାଇସ୍ ଦେହୁରୀ ୩ୟ, ମହାବିଦ୍ୟାଳୟ ସ୍ତରରେ ଦେବଗଡ଼ ମହାବିଦ୍ୟାଳୟ ର ସିମ୍ରଲ ରାଣି ବେହେରା ୧ମ, ଆପ୍ରାଇଜ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଦୀପିକା ସାହୁ, ଦେବଗଡ଼ ମହାବିଦ୍ୟାଳୟ ର ପ୍ରିତିନନ୍ଦା ପ୍ରିୟଦର୍ଷନୀ ପୁରୋହିତ ୨ୟ, ଦେବଗଡ଼ ମହାବିଦ୍ୟାଳୟ ର ମୁକେଶ କାରିଗର ୩ୟ ସ୍ଥାନ ଅଧିକାର କରିଛନ୍ତି । ଏଥିରେ ବିଚାରକ ଭାବେ ସମୀର ରଞ୍ଜନ ପ୍ରଧାନ ଓ ଚିତ୍ରକର ଜନ୍ମାଜୟ ନାଏକ୍, ସଦସ୍ୟ ଜିଲ୍ଲା ସଂସ୍କୃତି ପରିଷଦ ସୁମିତ୍ରା ପୁରୋହିତ ଓ ଶିକ୍ଷକ ପଦ୍ମିନିଦାଶ ମହାପାତ୍ର, ବିଚାରକ ଭାବେ କାର୍ଯ୍ୟ ତୁଲାଇଥିଲେ ।

## ଫାଶୀ ଲଗାଇ ଯୁବକଙ୍କ ଆତ୍ମହତ୍ୟା

ଯୋଡ଼ା, (ମହାଭାରତ) : କେନ୍ଦୁଝର ଜିଲ୍ଲା ବାମ୍ବୋରୀ ଥାନା ଅନ୍ତର୍ଗତ ସିଲଯୋଡ଼ା ଗ୍ରାମର ଶୋଷ ବସ୍ତି ରେ ଆଜି ସକାଳୁ ଜଣେ ଫାଶୀ ଲଗେଇ ଆତ୍ମହତ୍ୟା କରିଥିବା ଘଟଣା ସାମ୍ନା କୁ ଆସିଛି। ମୃତକଙ୍କ ପରିଚୟ ଶିବ ସୋଇ ବୟସ (୧୮)ବୋଲି ଜଣାପଡିଛି।ମିଳିଥିବା ସୂଚନା ଅନୁଯାୟୀ ଶିବ ଶୋଇ ତାଙ୍କ ଭଉଣୀ ଙ୍କ ସହିତ ରହୁଥିଲେ।ପ୍ରାୟ ଦେଢ଼ ମାସ ହେବ ତାଙ୍କ ଭଉଣୀ କାମରେ ବାହାରକୁ ଯାଇଥିବାରୁ ଶିବ ଏକୁଟିଆ ରହୁଥିଲେ। ତେବେ ସେ ଗତକାଲି ବିଳମ୍ବିତ ରାତିରେ କୌଣସି କାରଣରୁ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ସକାଳ ୮ ଟା ପାଖା ପାଖି ବସ୍ତି ଲୋକେ ଶିବ ଶୋଇ ଙ୍କ ଝୁଲନ୍ତା ଶରୀର ଦେଖି ପୋଲିସ କୁ ଖବର କରିଥିଲେ। ବାମ୍ବୋରୀ ପୋଲିସ ଖବର ପାଇଁ ଘଟଣା ସ୍ଥଳରେ ପହଞ୍ଚି ଶବ କୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠେଇଛନ୍ତି।ପୋଲିସ ଏହି ଘଟଣାରେ କେସ ନମ୍ବର ୨୩/୨୦୨୫ ରୁଜୁ କରି ପଚରାଉଚରା ଜାରୀରଖିଛି।

## ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଦାବିପତ୍ର



କରଞ୍ଜିଆ,(ମହାଭାରତ) ଠାକୁରମୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଆଗରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ସ୍ଥାନୀୟ ସଂଗଠନ ପକ୍ଷରୁ ଗତକାଲି ୬ ଦଫା ଦାବି ପୂରଣ ନିମନ୍ତେ ଧାରଣ ଦେବା ସହିତ ଗଣଶିକ୍ଷା ମନ୍ତ୍ରୀ ଙ୍କ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଠାକୁରମୁଣ୍ଡା ବ୍ଲକ ଓଷ୍ଟା ସଭାପତି ନାରାୟଣ ମହାନ୍ତିଙ୍କ ସଭାପତିତ୍ୱ ରେ ଆୟୋଜିତ ପ୍ରତିବାଦ ସଭାରେ ପରିଚାଳନା ସଭ୍ୟ ଗୋରାଚାନ୍ଦ ମହାନ୍ତ ସ୍ୱାଗତ ସୂଚନା ଦେଇଥିଲେ । ସମ୍ପାଦକ ସତ୍ୟରଞ୍ଜନ ମହାକୁଡ ବ୍ଲକ ଗ୍ରାଣ୍ଡ ଶିକ୍ଷକ କର୍ମଚାରୀ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କ ରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଧାରଣା ସ୍ଥଳରେ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବ୍ରୁ ପହଞ୍ଚି ଶିକ୍ଷକ ମାନଙ୍କ ପ୍ରତି ସମବେଦନା ଜଣାଇଥିଲେ । ଶିକ୍ଷକ ପାଇଁ ତାଙ୍କ ସରକାର ସମ୍ବେଦନଶିଳ ରହିଥିବା ଏବଂ ଆଗାମୀ ଦିନରେ ନିଶ୍ଚୟ ସମାଧାନର ସୂତ୍ର ବାହାରିବ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ , ଠାକୁରମୁଣ୍ଡା ସମିତି ସଭ୍ୟ , ସରପଞ୍ଚ , ଦିଗଧର ସରପଞ୍ଚ ମଳୟ କୁମାର ପରିମାଣିକ ପ୍ରମୁଖ ଗ୍ରାମାଞ୍ଚଳରେ ଶିକ୍ଷା ର ବିକାଶ ଦିଗରେ ବ୍ଲକ ଗ୍ରା□ ଶିକ୍ଷକଙ୍କ ଭୂମିକା ସମ୍ପର୍କ ରେ ଆଲୋକପାତ କରି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ଆନ୍ଦୋଳନ ରତ ଶିକ୍ଷକ ଓ କର୍ମଚାରୀ ଠାକୁରମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ।

## ୫ ଦିନ ହେଲା ବୃଦ୍ଧ ନିଖୋଜ, ହତ୍ୟା ସନ୍ଦେହ, ପୋଲିସର ତଦନ୍ତ ନେଇ ପରିବାର ଅସନ୍ତୋଷ

ଲାଞ୍ଜିଗଡ଼,(ମହାଭାରତ )କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ଥାନା ଲାଞ୍ଜି ପଞ୍ଚାୟତ ଅନ୍ତର୍ଗତ କାଣ୍ଡାମା ଗାଁର ଜଣେ ବୃଦ୍ଧା ଗତ ୩୦ ତାରିଖରୁ କୌଣସି ପଞ୍ଚା ମିଳୁ ନାହିଁ। ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ତାଙ୍କ ପୁଅ ମୁରଲୀ ପାତ୍ର ଗତ ୩୧ ତାରିଖରେ ବିଶ୍ୱନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ ହେଲେ ଅଭିଯୋଗ ର ପାଞ୍ଚ ଦିନ ବିତି ଯାଇଥିଲେ ସୁଦ୍ଧା ପୋଲିସ ଠିକ ଭାବରେ ତଦନ୍ତ କରୁନଥିବା ନେଇ ପରିବାର ଅସନ୍ତୋଷ ପ୍ରକାଶ କରୁଛନ୍ତି । ସୂଚନା ମତେ କାଣ୍ଡାମ ଗ୍ରାମର ରଘୁ ପାତ୍ର(୬୦) ଗତ ୩୦ ତାରିଖ ସନ୍ଧ୍ୟା ୭ ଘଣ୍ଟା ସମୟରେ କୌଣସି କାରଣରୁ ନିକଟସ୍ଥ ବଣ୍ଡେଲ ଗ୍ରାମକୁ ଯାଉଛି ବୋଲି ପରିବାର ଲୋକଙ୍କୁ କହି ଘରୁ ବାହାରିଥିଲେ। କିନ୍ତୁ ସେଦିନ ସେ ଆଉ ଘରକୁ ଫେରି ନଥିଲେ ।ପରିବାର ଲୋକେ ଆରଦିନ ସକାଳେ ଆଖପାଖ ଗାଁରେ ଖୋଜଖୋଜି କରିଥିଲେ। କିନ୍ତୁ ବୃଦ୍ଧଙ୍କ କୌଣସି ସନ୍ଧାନ ମିଳିନଥିଲା। ୩୧ ତାରିଖରେ ତାଙ୍କ ପୁଅ ମୁରଲୀ ପାତ୍ର ବିଶ୍ୱନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ ହେଲେ ଅଭିଯୋଗର ଦୀର୍ଘ ଦିନ ବିତି ଯାଇଥିଲେ ହେଁ କୌଣସି ସନ୍ଧାନ ମିଳି ପାରିନାହିଁ କି ପୋଲିସ ର କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ତେବେ ପୋଲିସର ତଦନ୍ତ କୁ ନେଇ ପରିବାରରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଆଜି ପୁଣି କାଣ୍ଡାମା ଗ୍ରାମର ୨୦ରୁ ଊର୍ଦ୍ଧ ମହିଳା ମାନେ ବିଶ୍ୱନାଥ ପୁର ଥାନାର ଦ୍ୱାରସ୍ଥ ହୋଇ ସଠିକ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗୁହାରି କରିଛନ୍ତି । ଯଦି ସଠିକ ତଦନ୍ତ ନ କରାଯାଏ ଆସନ୍ତା କାଲି କଳାହାଣ୍ଡି ଏସପି ଙ୍କ ଦ୍ୱାରସ୍ଥ ହେବୁ ବୋଲି ପରିବାର ଲୋକେ ମତପ୍ରକାଶ କରିଛନ୍ତି। ଏନେଇ ବିଶ୍ୱନାଥ ପୁର ଥାନା ଅଧିକାରୀ ତୁଳସୀ ରାମ ଶବର ଙ୍କୁ ପଚାରିବାରୁ ଆଜି ପୁଣି ପରିବାର ଲୋକେ ଆସିଥିଲେ ଓ ଆମେ ଏସଡିପିଓ ଙ୍କୁ ଜଣାଇଛୁ କାଲିକୁ ପୁଣି ତଦନ୍ତ କରିବୁ ବୋଲି ପ୍ରକାଶ କରିଛନ୍ତି

## ସତ୍ୟର ହେଲା ଜୟ, ନିଜ କଲେଜ ରେ କାମ କରିବେ ଡେମୋନଷ୍ଟ୍ରେଟର

ଦଶପଲ୍ଲା,(ମହାଭାରତ): ରଣପୁର କଲେଜ ବଦଳରେ ନିଜ ଲେଜକୁ ହେଡ୍ କ୍ୱାଟର୍ର୍ ବୋଲି ନିର୍ଧାରଣ କରି ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟ ର ଅଧକ୍ଷ ଙ୍କୁ ରିପୋର୍ଟ କରିବା ପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଶ୍ରୀ ଶତପଥି ଙ୍କୁ ଅନ୍ତରୀଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତ। ସମସ୍ତ ଚକ୍ରାନ୍ତ କାରୀ ଖୁବଶୀଘ୍ର ଧରା ପଡ଼ିବେ ଏବଂ ଆଇନ୍ ଅନୁଯାୟୀ ନିଶ୍ଚୟ ଦଣ୍ଡ ପାଇବେ ବୋଲି ପୂର୍ଣ୍ଣ ବିଶ୍ୱାସ ରେ କହିଛନ୍ତି ଡେମୋନଷ୍ଟେଟର ଲକ୍ଷ୍ମୀଧର ଶତପଥୀ।ଦଶପଲ୍ଲା ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟ ରେ କାର୍ଯ୍ୟରତ ପଦାର୍ଥ ବିଜ୍ଞାନ ଡେମୋନଷ୍ଟେଟର ଭିଉକ୍ଷମ ଲକ୍ଷ୍ମୀଧର ଶତପଥୀ ଙ୍କୁ କାର୍ଯ୍ୟରୁ ନିଲମ୍ବନ ଘଟଣାରେ ଦୁଇ ସପ୍ତାହ ମଧ୍ୟ ରେ ଜବାବ ଦାଖଲ ପାଇଁ ହାଇକୋର୍ଟ ନିଲମ୍ବିତ କରିଥିବା ଅବସରପ୍ରାପ୍ତ ପୂର୍ବତନ ଅଧକ୍ଷ ସୁବାସ ଚନ୍ଦ୍ର ନାଏକ ଙ୍କ ସହ ସମସ୍ତ ପକ୍ଷ ଜବାବ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।ଏହାସହ ଡେମୋନଷ୍ଟେଟର ଲକ୍ଷ୍ମୀଧର ଶତପଥୀ ଜଣେ ପୋଲିଓ ଦିବ୍ୟାଙ୍ଗ ହୋଇ ଥିବାରୁ ସେ ନିଜ କଲେଜ ରେ କାଯ୍ୟ କରିବା ପାଇଁ ହାଇ କୋର୍ଟ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ।ନିଲମ୍ବିତ ଡେମୋନ ଷ୍ଟେଟର ଲକ୍ଷ୍ମୀଧର ଶତପଥୀଙ୍କ ଦ୍ୱାରା ହାଇକୋର୍ଟ ରେ ଦାଖଲ ଏକ ରିଟ ପିଟିସନ ର ବିଚାର କରି ଏହି ଅନ୍ତରୀଣ ନିର୍ଦ୍ଦେଶ ଦେଇଥିବା ଜଣା ପଡ଼ିଛି । ସୂଚନା ଯୋଗ୍ୟ ଯେ, ଦୀର୍ଘ ୩୧ ବର୍ଷ ଧରି ଭିନ୍ନ କ୍ଷମ ଲକ୍ଷ୍ମୀଧର ଶତପଥୀ ପଦାର୍ଥ ବିଜ୍ଞାନ ଡେମୋନଷ୍ଟେଟର ଭାବେ କାମ କରି ଆସୁଥିବା ବେଳେ ବିଭିଉ ସମୟ ରେ ମହାବିଦ୍ୟାଳୟ ର ଅନିୟମିତତା ସମ୍ପର୍କ ରେ ଆରଟିଆଇ ମାଧମ ରେ ତଥ୍ୟ ମାଗି ଅନିୟମିତତା କୁ ଲୋକ ଲୋଚନ କୁ ଆଣିବା ସହ ଉଚ୍ଚ ପଦସ୍ଥ ଅଧିକାରୀ ଙ୍କ ଦୃଷ୍ଟି ଗୋଚର କରୁଥିଲେ।ଏଥି ପାଇଁ ତାଙ୍କ ବିରୋଧରେ ପରିଚାଳନା କମିଟି ସଭାପତି ନୟାଗଡ଼ ଉପଜିଲ୍ଲାପାଳ ଙ୍କ ପତ୍ର ପାଇବା ପରେ ଗତ ୨୮ ତାରିଖ ଦିନ ପୂର୍ବତନ ଅଧକ୍ଷ ସୁବାସ ଚନ୍ଦ୍ର ନାଏକ ଲକ୍ଷ୍ମୀଧର ଶତପଥୀ ଙ୍କୁ କାର୍ଯ୍ୟରୁ ନିଲମ୍ବନ କରି। ସହ ରଣପୁର କଲେଜ ରେ ଯୋଗ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଶ୍ରୀ ଶତପଥୀ ଏହାର ପୁନଃ ତଦନ୍ତ ପାଇଁ ଭିଉକ୍ଷମ କମିଶନ, ରାଜ୍ୟପାଳ ଓ ନୟାଗଡ଼ ଜିଲ୍ଲାପାଳ ଙ୍କୁ ପତ୍ର ବିନିମୟ କରିଥିଲେ ।ଏପରି କି ବିନା କାରଣ ଦର୍ଶାଅ ନୋଟିସ ରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯିବା ସହ ରଣପୁର କଲେଜ ରେ ଯୋଗ ଦେବାକୁ ପୂର୍ବତନ ଅଧକ୍ଷ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଲକ୍ଷ୍ମୀଧର ଶତପଥୀ ଙ୍କ ଯୋଗଦାନ ପତ୍ର କୁ ରଣପୁର କଲେଜ ଅଧକ୍ଷ ଗ୍ରହଣ କରି ନଥିଲେ । ଏବେ ଏହି ଘଟଣା ହାଇକୋର୍ଟ ରେ ବିଚାରଧୀନ ଥିବା ବେଳେ ଆଗକୁ ଏହି ଘଟଣା ରେ କୋର୍ଟ କେଉଁ ରାୟ ଦେଉଛନ୍ତି ତାହାଦେଖିବାକୁ ବାକି ରହିଛି।

## ନାରୀ ନିର୍ଯ୍ୟାତନା: ନୟାଗଡ଼ ବିଜେପି ପକ୍ଷରୁ ବିଜେଡ଼ି ଏବଂ କଂଗ୍ରେସ ନେତାଙ୍କ ପୁତ୍ତଳିକା ଦାହ



ନୟାଗଡ଼, ( ମହାଭାରତ ) : ରାଜ୍ୟରେ ନାରୀ ନିର୍ଯ୍ୟାତନା କୁ ନେଇ ନୟାଗଡ଼ ବିଜେପି ପକ୍ଷରୁ ବିଜେଡ଼ି ଏବଂ କଂଗ୍ରେସ ନେତାଙ୍କ ପୁତ୍ତଳିକା ଦାହ କରାଯାଇଛି। ଏଥିସହ ଦଳ ପକ୍ଷରୁ ଗୋଲେଇ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଜେପିର ରାଷ୍ଟ୍ରୀୟ ସଦସ୍ୟ ତଥା ନୟାଗଡ଼ର ବିଜେପି ବିଧାୟକ ପ୍ରାର୍ଥୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଙ୍କ ନେତୃତ୍ୱରେ ନୟାଗଡ଼ ସହରରେ ଶତାଧିକ ବିଜେପି କର୍ମୀ ଏକ ଶୋଭାଯାତ୍ରା କରି ନାରାବାଜି କରିବା ସହ ପ୍ରତିବାଦ କରିଛନ୍ତି। ନୟାଗଡ଼ ପୁରୁଣା ସହର ସ୍ଥିତ ରାଜବାଟୀ ଠାରୁ ଏକ ବାଇକ୍ ରାଲି ମଧମରେ ନୟାଗଡ଼ ସହର ପରିକ୍ରମା କରିବା ସହ ବିଜେଡି ଏବଂ କଂଗ୍ରେସ ନେତାଙ୍କ ଦୁର୍ନୀତି ଏବଂ ନାରୀ ନିର୍ଯ୍ୟାତନା କାରୀ ଙ୍କ ବିରୋଧ ରେ ସ୍ଲୋଗାନ ଦେଇ ନାରାବାଜି କରିଛନ୍ତ। ଶେଷରେ ଗୋଲେଇ ଛକ ନିକଟରେ ବିଜେଡି ଓ କଂଗ୍ରେସ ନେତା ଙ୍କ ବିରୋଧରେ ରଣ ହୁଙ୍କାର ଦବାସହ ନାରୀ ନିର୍ଯ୍ୟାତନାର ରେ ଉଭୟ ଦଳ ବିଜେଡି ଏବଂ କଂଗ୍ରେସ ର ନେତାମାନେ ପ୍ରତିଯୋଗିତା କରୁଥିବା ନେଇ ବିଜେପି ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ କହିଛନ୍ତି। କିନ୍ତୁ ବିଜେପି କେବେ ଏହା କରିବାକୁ ପ୍ରଶୟ ଦେବ ନାହିଁ। ନାରୀଙ୍କୁ ସୁରକ୍ଷା ଦେବାରେ ବିଜେପି ସରକାର ଆଗରେ ଅଛନ୍ତି। ଏବଂ ନାରୀ ସଶକ୍ତିକରଣ ରେ ବିଜେପି ସରକାର ପ୍ରାଧାନ୍ୟ ଦେବା ସହ ବିଗତ ଦିନରେ ନୟାଗଡ଼ ରେ ନାରୀ ନିର୍ଯ୍ୟାତନାର ରେ ନ୍ୟାୟ ପାଇନଥିବା ଝିଅ ଙ୍କୁ ଏହି ବିଜେପି ସରକାର ନ୍ୟାୟ ଦେବ ବୋଲି ବିଜେପି ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ କହିଛନ୍ତି। ନୟାଗଡ଼ ରେ ଭ୍ରଷ୍ଟାଚାର, ଦୁର୍ନିତି, ଅନାୟ ଏବଂ ଅତ୍ୟାଚାରୀ ରଙ୍ଗ ବଦଳାଉଥିବା ନେତା ମାନଙ୍କୁ ତୁରନ୍ତ ଗିରଫ କରି ନୟାଗଡ ରୁ ବିତାଡିତ କରିବା ନେଇ ବିଜେପି ପକ୍ଷରୁ ରଣ ହୁଙ୍କାର ଦବାସହ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ବିଜେଡି କର୍ପୋରେଟର ଅମରେଶ ଜେନା, କଂଗ୍ରେସ ର ରାଜ୍ୟ ଛାତ୍ର ସଭାପତି ଉଦ୍ଧି ପ୍ରଧାନ ଏବଂ କଂଗ୍ରେସ ପିସିସି ସଭାପତି ଭକ୍ତ ଚରଣ ଦାସ ଙ୍କ କୁଶପୁ□ଳିକା ଦାହ କରିଛନ୍ତି।

## ଏମ.ପି.ଭି ୮୩ ରେ କୁମ୍ଭୀର ଆତଙ୍କ: ଦୁଇ ଦିନର ପ୍ରୟାସ ବିଫଳ



ମାଲକାନଗିରରି(ମହାଭାରତ): ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ଏମପିଭି ୮୩ ଗ୍ରାମରେ କୁମ୍ଭୀର ଆତଙ୍କ ଜାରି ରହିଛି। ଗତ ଦୁଇ ଦିନ ହେଲା ଗାଁ ପୋଖରୀରେ ଦୁଇଟି କୁମ୍ଭୀର ଦେଖାଦେଇଥିବା ଜଣାପଡ଼ିବା ପରେ ଗ୍ରାମବାସୀ ପ୍ରଥମେ ଭୟଭୀତ ଥିଲେ। କିନ୍ତୁ ଏବେ ଭୟ ସ୍ଥାନରେ ଉତ୍ସାହ ଦେଖାଦେଇଛି, କାରଣ ଆଖପାଖ ଗାଁର ଲୋକେ କୁମ୍ଭୀର ଧରାଯିବାର ଦୃଶ୍ୟ ଦେଖିବାକୁ ଏକାଠି ହେଉଛନ୍ତି। କୁମ୍ଭୀର ନା' ଶୁଣିଲେ କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର କିମ୍ବା ଅନୁଗୁଳ ଜିଲ୍ଲାର ଟିକରପଡ଼ା ଅଞ୍ଚଳ ମନେ ପଡ଼ିଥାଏୟ ମହାନଦୀ ଅବବାହିକା ଓ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ କୁମ୍ଭୀର ଦେଖାଯିବା ଓ ଆକ୍ରମଣରେ ଜୀବନହାନୀ ଘଟିବାର ନଜିର ରହିଛି। କିନ୍ତୁ ମାଲକାନଗିରି ଜିଲ୍ଲାରେ କୁମ୍ଭୀର ଦେଖାଯିବା ଏକ ବିରଳ ଘଟଣା, ଯାହା ସ୍ଥାନୀୟ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। ଗ୍ରାମବାସୀଙ୍କ ସୂଚନା ପରେ ମୋଟୁ ବନ ବିଭାଗର ରେଞ୍ଜର ରଶ୍ମି ରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଦୁଇ ଦିନରେ ଜାଲ ଓ ପାୱାର ବୋଟ ସାହାଯ୍ୟରେ କୁମ୍ଭୀରକୁ ଧରିବାକୁ ବନ ବିଭାଗ ଓ ଗ୍ରାମବାସୀ ବାରମ୍ବାର ଚେଷ୍ଟା କରିଥିଲେ। ଜିଲ୍ଲାର ସହକାରୀ ବନ ସଂରକ୍ଷଣ ଅଧିକାରୀ (ଇଉରଙ୍ଗ)ଙ୍କ ଉପସ୍ଥିତିରେ ମଧ୍ୟ ଏହି ପ୍ରୟାସ ଜାରି ରହିଛି, କିନ୍ତୁ ଏଯାଏଁ ସଫଳତା ମିଳିନାହିଁ। ପୋଖରୀରେ ପାଣି ଭର୍ତ୍ତି ଥିବାରୁ ଉଦ୍ଧାର କାର୍ଯ୍ୟରେ ଅସୁବିଧା ହେଉଛି। ବନ ବିଭାଗ ଗ୍ରାମବାସୀଙ୍କୁ ପୋଖରୀରେ ଗାଧୋଇବା କିମ୍ବା ପାଣି ବ୍ୟବହାର ନକରିବାକୁ ବାରଣ କରିଛି। ଏବେ ପାଣି ଶୁଖାଇ କୁମ୍ଭୀରକୁ ଉଦ୍ଧାର କରିବାର ଯୋଜନା କରାଯାଉଛି, କାରଣ ଅନ୍ୟ କୌଣସି ବିକଳ୍ପ ଦେଖାଯାଉନାହିଁ। ଗ୍ରାମବାସୀଙ୍କ ମଧ୍ୟରେ ଏବେ ଭୟ ଅପେକ୍ଷା ଉତ୍ସାହ ଅଧିକ। ଆଖପାଖ ଅଞ୍ଚଳର ଲୋକେ ମଧ୍ୟ ଏହି ଅଭାବନୀୟ ଦୃଷ୍କଶ୍ୟ ଦେଖିବାକୁ ପୋଖରୀ ନିକଟରେ ଭିଡ଼ ଜମାଉଛନ୍ତି। ବନ ବିଭାଗର ଉଦ୍ଧାର କାର୍ଯ୍ୟ ଜାରି ରହିଛି, ଏବଂ ସ୍ଥିତି ନିୟନ୍ତ୍ରଣରେ ଆସିବା ପର୍ଯ୍ୟନ୍ତ ସମସ୍ତେ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି।

## ଶିଶୁଅନନ୍ତଙ୍କପୀଠ ରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ



ବାଲିପାଟଣା( ମହାଭାରତ ): ବାଲିପାଟଣାସ୍ଥିତ ୩୦୦ତମ ଶିଶୁ ଅନନ୍ତ ପୀଠରେ ଶ୍ରୀକ୍ଷେତ୍ର ଦୟଣା ସେବା ମଣ୍ଡଳୀ ପକ୍ଷରୁ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହୋଇଯାଇଛି। ସଂଗଠନ ବରିଷ୍ଠ ସେବକ ସୁଜିତ ଦାସଙ୍କ ନେତୃତ୍ୱରେ ବଉଳ, ଫାଶୀ ବୃକ୍ଷ ରୋପଣ ହୋଇଛି। ଅବିଭକ୍ତ ପୁରୀ ଜିଲ୍ଲାର ବିଭିଉ ମଠ, ମନ୍ଦିର, ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ କରାଯିବୟ ଆୟୋଜିତ ସଚେତନତା ସଭାରେ ମୁଖ୍ୟ ଅତିଥିଭାବେ ଚି□ ରଞ୍ଜନ ମହାନ୍ତି ଯୋଗଦାନ କରି କହିଛନ୍ତି ଜଗତର ନାଥ ଜଗଭାଥଙ୍କ ରଥ ପ୍ରସ୍ତୁତ ପାଇଁ ଫାଶୀ ଗଛ ଆଗାମୀ ଦିନରେ ଅଭାବ ନପଡିବା ପାଇଁ ପୁରୀ ନିକଟ ବିଭିଉ ଗ୍ରାମରେ ଇଚ୍ଛୁକ ଯୁବ ବନ୍ଧୁମାନଙ୍କ ସହଯୋଗରେ ଲଗାଯାଇ ସୁରକ୍ଷା ବ୍ୟବସ୍ଥା କରାଯିବ। ସମ୍ମାନିତ ଅତିଥିଭାବେ ଶିଶୁଅନନ୍ତ ସ୍ମୃତି ସଂସଦ ସମ୍ପାଦକ ତନୟା ଦାସ ଗୋସ୍ୱାମୀ କହିଲେ ବୃକ୍ଷ ହିଁ ବିଶ୍ୱ ସୁରକ୍ଷାର ମୁଖ୍ୟ ସେନାପତି। ଅନ୍ୟତମ ଅତିଥିଭାବେ ସଂସଦ ସଭାପତି ଅଭିମନ୍ୟୁ ନାୟକ,ଦ ଜଗନାଥ ସାହୁ ଓ ନିରଞ୍ଜନ ହୋତା ନିଜ ମତ ରଖିଥିଲେ।

## ଜିଲ୍ଲା ସଭାପତି ଙ୍କୁ ଓଡ଼ିଶା ଅମଲା ସଂଘ ନିର୍ବାଚନ ଦାୟିତ୍ୱ

ନବରଙ୍ଗପୁର(ମହାଭାରତ): ଓଡ଼ିଶା ଅମଲା ସଂଘ ନବରଙ୍ଗପୁର ଜିଲ୍ଲା ଶାଖା କର୍ମକର୍ତ୍ତା ଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଥିବା ବେଳେ ଓଡ଼ିଶା ଅମଲା ସଂଘ ର ପ୍ରତିଷ୍ଠା ଦିବସ ପାଳିତ ହେବା ସମୟରେ ସଙ୍ଗମ୍ କଲ୍ୟାଣ ମଣ୍ଡପ ଜୟନଗର ଜୟପୁର ଠାରେ ରାଜ୍ୟ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘ ଶ୍ରୀ ଚିତ୍ତରଞ୍ଜନ ତରାସିଆ ଅତିଶିଘ୍ର ଓଡ଼ିଶା ଅମଲା ସଂଘ ନବରଙ୍ଗପୁର ଜିଲ୍ଲା ର ନିର୍ବାଚନ ଓ ଚୟନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ, ଉକ୍ତ ପ୍ରସ୍ତାବକୁ ଆଗ୍ରାହ୍ୟ କରି ରାଜ୍ୟ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘ ଶ୍ରୀ ଚି□ରଞ୍ଜନ ତରାସିଆ ତାଙ୍କ ପତ୍ର ସଂଖ୍ୟା ୧୩୫ ତା ୨୫.୦୭.୨୦୨୫ ରିଖ ଏକ ଆଦେଶ ଜାରି କରିଥିଲେ ସେଥିରେ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସଭାପତି ଶ୍ରୀ ଶଶୀଭୂଷଣ ଦାଶ୍ ଙ୍କୁ ଓଡ଼ିଶା ଅମଲା ସଂଘ ନବରଙ୍ଗପୁର ଜିଲ୍ଲା ଶାଖା ର ନିର୍ବାଚନ ଦାୟିତ୍ୱ ଦିଆଯାଇଥିବା ସଂଘ ପକ୍ଷରୁ ପ୍ରକାଶ, ଏ ନେଇ ଆଜି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ଏକ ନିର୍ବାଚନ କମିଟି ଗଠନ କରାଯାଇଥିଲା। ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ ସଭାଗୃହ ଠାରେ ଅନୁଷ୍ଠିତ ବୈଠକରେ ଶ୍ରୀ ଶଶୀଭୂଷଣ ଦାଶ୍ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ଙ୍କ ଅଧ୍ୟକ୍ଷତା କରିଥିଲେ ଉକ୍ତ ବୈଠକରେ କୋରାପୁଟ ଜିଲ୍ଲା ଶାଖା ର ବରିଷ୍ଠ କର୍ମକର୍ତ୍ତା ଓ ସଦସ୍ୟ ମାନେ ଯୋଗଦାନ କରିଥିଲେ, ସର୍ବ ସମ୍ମତି କ୍ରମେ ନିର୍ବାଚନ କମିଟି ରେ ଶ୍ରୀ ଶଶୀଭୂଷଣ ଦାଶ୍ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ଅଧ୍ୟକ୍ଷ ରହିଥିବା ବେଳେ, ଶ୍ରୀ ସଞ୍ଜୟ କୁମାର ପଣ୍ଡା, ସମ୍ପାଦକ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, କୈଳାସ ସାମନ୍ତରାୟ ଅଧକ୍ଷ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, ଶ୍ରୀ ବୃନ୍ଦାବନ ପଣ୍ଡା ଉପଦେଷ୍ଟା ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା,ରାଜେନ୍ଦ୍ର ନାରାୟଣ ପାଢ଼ି ସହ ସମ୍ପାଦକ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, ଜଗଭାଥ ଦାଶ ବରିଷ୍ଠ ସଦସ୍ୟ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା,କିଶୋର ଚନ୍ଦ୍ର ଦାଶ୍ ସାଙ୍ଗଠନିକ ସମ୍ପାଦକ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, ଶ୍ରୀ ଶ୍ରୀଧର ହୋତା କାର୍ଯ୍ୟାଳୟ ସମ୍ପାଦକ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, ଶ୍ରୀ ଜଗଭାଥ ମାଝୀ ଉପସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, ଶ୍ରୀ ସଞ୍ଜୟ କୁମାର ରଥ ଉପ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, ଶ୍ରୀ କାଳି ପ୍ରସାଦ ମିଶ୍ର ଉପ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା , ଶ୍ରୀ ଜଗେନ୍ଦ୍ର ଚୈଧୁରି ବରିଷ୍ଠ ସଦସ୍ୟ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, ସତ୍ୟ ରଞ୍ଜନ ତ୍ରିପାଠୀ ବରିଷ୍ଠ ସଦସ୍ୟ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ଓ ଶ୍ରୀ ସଞ୍ଜିବ କୁମାର ପଟ୍ଟନାୟକ ବରିଷ୍ଠ ସଦସ୍ୟ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ନିର୍ବାଚନ କମିଟି ସଦସ୍ୟ ରୂପେ ମନନିତ ହୋଇଥିବା ସଂଘ ପକ୍ଷରୁ ସୂଚନା ମିଳିଥିଲା,।

## ହାତୀ ଗାଁ ମୁଁହା ନହେବା ପାଇଁ ସୃଷ୍ଟି କରାଗଲା ତାଳବଣ

### ଯୁବ ସମାଜସେବୀ ଓ ଯାଦୁକର ଙ୍କ ନିଆରା ପ୍ରୟାସ

ହିନ୍ଦୋଳ(ମହାଭାରତ)ଢ଼େଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳରେ ଦିନକୁ ଦିନ ହାତୀ ଆକ୍ରମଣ ଜନିତ ମୃତ୍ୟୁ ସଂଖ୍ୟା ବଢି ଚାଲିଥିବା ଯୋଗୁଁ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ ବିଗତ ତିନି ବର୍ଷରେ ଢ଼େଙ୍କାନାଳ ଜିଲ୍ଲାରେ ହାତୀ ଆକ୍ରମଣରେ ୧୦୩ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଶତକଡା ୫୦ ଭାଗ ଲୋକ ହିନ୍ଦୋଳ ଅ□ଳରୟ ୨୦୨୨- ୨୩ ବର୍ଷରେ ୩୫ ଜଣ,୨୦୨୩-୨୪ ରେ ୩୨ ଜଣ,୨୦୨୪-୨୫ ରେ ୨୬ ଜଣ ହାତୀ ଆକ୍ରମଣରେ ପ୍ରାଣ ହରାଇଥିବା ବେଳେ ୨୦୨୫ ମସିହାରେ ୧୦ ରୁ ଅଧିକ ଜୀବନ ଗଲାଣିୟ ପରିସ୍ଥିତି ଏମିତି ହେଇଛି ଘରୁ ଗୋଡ଼ କାଢିବା ମାତ୍ରେ ହିଁ ବିପଦ। ହିନ୍ଦୋଳ ବାନାଞ୍ଚଅଳରେ ୨୦୦ ରୁ ଅଧିକ ହାତୀ ଚଳପ୍ରଚଳ କରୁଥିବା ବେଳେ ସନ୍ଧ୍ୟା ସମୟରେ ଓ ଭୋର୍ ସମୟରେ ଲୋକଙ୍କୁ ଜଙ୍ଗଲକୁ ନଯିବା ପାଇଁ ବନ ବିଭାଗ ତରଫରୁ ବାରମ୍ବାର ସଚେତନ କରାଯାଉଥିଲେ ହେଁ ଯେଉଁ ବ୍ୟକ୍ତି ବିଶେଷ ଏହାକୁ ମାନୁ ନାହାନ୍ତି ସେମାନେ ହିଁ ମୃତ୍ୟୁ ମୁଖରେ ପଡ଼ିଥିବା ସ୍ପଷ୍ଟ ପ୍ରମାଣ ହୁଏୟ ମୃତକ ମାନଙ୍କ ମଧ୍ୟରୁ ଅନେକାଂଶ ବୟସ୍କ ବୟସ୍କା ହୋଇଥିବା ଜଣାଯାଏ। ଜଙ୍ଗଲରେ ଖାଦ୍ୟାଭାବ କୁ ନେଇ ହାତୀ ମାନେ ଗ୍ରାମାଭିମୁଖୀ ହେଉଥିବା ଯୋଗୁଁ କିଛି ମାତ୍ରାରେ ହାତୀ ଭୟ ସୃଷ୍ଟି ହୋଇଥାଏ। ହାତୀ ମାନଙ୍କ ଖାଦ୍ୟାଭାବ କୁ ଦୂର କରିବା ପାଇଁ ହିନ୍ଦୋଳ ଉପଖଣ୍ଡର ଗୁଳେହି ପଞ୍ଚାୟତର ବଙ୍ଗୁ ଗ୍ରାମର ଯାଦୁକର ବିମଳ ବିଶ୍ୱାଳ ଓ ଯୁବ ସମାଜ ସେବୀ ତଥା ସାମ୍ବାଦିକ ପ୍ରଶାନ୍ତ ଜେନାମଣି ନିଜସ୍ ଉଦ୍ୟମରେ ଆଜି ଗୁଳେହି ପଞ୍ଚାୟତ ବଙ୍ଗୁ ଗ୍ରାମ୍ୟ ଜଙ୍ଗଲରେ ତାଳ ଟାକୁଆ ପୋତି ତାଳ ଜଙ୍ଗଲ ସୃଷ୍ଟି କରିବାର ଲକ୍ଷ୍ୟ ରଖିଛନ୍ତି। ପାଖାପାଖି ୭୦୦ ତାଳ ଟାକୁଆ ପୋତା ଯାଇଅଛି। ଏହି ପରିପ୍ରେକ୍ଷୀରେ ହିନ୍ଦୋଳର ସମସ୍ତ ଜନସାଧାରଣ ଙ୍କୁ ଉଭୟ ଅନୁରୋଧ ରଖିଛନ୍ତି ନିଜ ଗ୍ରାମରେ ଥିବା ଜଙ୍ଗଲ ଗୁଡିକରେ ବିନା ଖର୍ଚ୍ଚରେ ତାଳ ଟାକୁଆ ପୋତିବା ପାଇଁ। ତାଳ ଗଛ ଅଧିକରୁ ଅଧିକ ସୃଷ୍ଟି ହେଲେ ହାତୀ ମାନଙ୍କର ଖାଦ୍ୟାଭାବ କେତେକାଂଶରେ ଦୂର ହୋଇ ପାରିବ ବୋଲି ଦୁଇ ଯୁବ ବନ୍ଧୁ ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ତାଳ ବୃକ୍ଷ ରୋପଣ କରିବା ଦ୍ୱାରା ବଜ୍ରପାତ ରୁ ରକ୍ଷା ମିଳି ପାରିବା ସହିତ ତାଳରୁ ଗୁଡ଼ ପ୍ରସ୍ତୁତି କରାଯାଇ ଖାଦ୍ୟ ରୂପେ ବ୍ୟବହାର କରାଯାଇ ପାରିବ ତାଳ ଗଛର ପତ୍ର କୁ ଘର ଛପର ପାଇଁ ବ୍ୟବହାର କରାଯାଇ ପାରିବ ଓ ତାଳ ପତ୍ରରେ ଟୋକେଇ, ଆସନ, ଓ ଅନ୍ୟାନ୍ୟ ସାମଗ୍ରୀ ମାନ ପ୍ରସ୍ତୁତ କରାଯାଇ ଗରିବ ଲୋକଙ୍କୁ ଅର୍ଥ ରୋଜଗାର କରିବାର ଏହା ଏକ ମାଧ୍ୟମ ହୋଇ ପାରିବ ବୋଲି ଶ୍ରୀ ବିଶ୍ୱାଳ ଓ ଶ୍ରୀ ଜେନାମଣି ପ୍ରକାଶ କରିଛନ୍ତି।

## ଭରାଣ୍ଡିଆ ସିଆରସିସି ଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା

କରଞ୍ଜିଆ,(ମହାଭାରତ) ଠାକୁରମୁଣ୍ଡା ବ୍ଲକ ଗମ୍ଭାରିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ଗହଣରେ ସିଆରସିସି ଶ୍ୟାମସୁନ୍ଦର ଜେନା ଙ୍କୁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପଦବୀ ତାଙ୍କ କାର୍ଯ୍ୟକାଳ ସମୟ ଭିତରେ ସୁଚାରୁରୂପେ ସଂମ୍ପାଦନା କରି ଥିବାରୁ ତାଙ୍କ ପାଇଁ ଆଜି ବିଦାୟ କାଳୀନ ସମ୍ବର୍ଦ୍ଧନା ଆୟୋଜନ ହୋଇଥିଲା।ଏହି ସଭାରେ ମୂଖ୍ୟ ଅତିଥି ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ କାଞ୍ଚିବିହାରି ପ୍ରଧାନ ଯୋଗଦେଇ ଥିଲାବେଳେ ସମ୍ମାନିତ ଅତିଥି ଭାବେ ଏବିଇଓ ଦିଲ୍ଲୀପ କୁମାର ଧଳ, ପଞ୍ଚଶଖା ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରତାପ ଚନ୍ଦ୍ର ମହାନ୍ତ, ବାଉଁଶଡିହା ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ବାନାରା ପ୍ରମୁଖ ଯୋଗ ବିଦାୟ ସିଆରସିସି ଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରିଥିଲେ । ବର୍ତ୍ତମାନ ତଥା ନୂତନ ଭାବେ ଯୋଗଦାନ କରିଥିବା ସିଆରସିସି ସୁଶାନ୍ତ ସେଠୀଙ୍କୁ ସ୍ୱାଗତ କରିଥିଲେୟ ଏଥିରେ ଭରାଣ୍ଡିଆ କ୍ଲଷ୍ଟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲା ବେଳେ ଗମ୍ଭାରିଆ ସ୍କୁଲର ପ୍ରଧାନଶିକ୍ଷକ ବିଦ୍ୟାଧର ମହାନ୍ତ ସମସ୍ତ ଙ୍କୁ ଧନ୍ୟବାଦ ଦେଇଥିଲେ।

## ମଲା ପରେବି ନିଜ ମାଟିରୁ ୬ ହାତ ଜାଗା ପାଇବାକୁ ବଞ୍ଚିତ ଅଞ୍ଚଳବାସୀ

କଳିଙ୍ଗନଗର( ମହାଭାରତ) ଯାଜପୁର କଳିଙ୍ଗନଗର ରେ ବିସ୍ଥାପିତଙ୍କ ସମସ୍ୟା ଲାଗିରହିଥିବାବେଳେ ଜମିହରା ଶିଳ୍ପ ବିସ୍ଥାପିତ ଙ୍କ ଶେଷ ସମୟ ରେ ଶ୍ମଶାନ ଟିଏ ନ ଜୁଟିବା ପରି ଏକ ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି । ନିଜ ଗାଁ ମଶାଣି ବଦଳରେ ମୃତ ଦେହକୁ ସଂସ୍କାର ପାଇଁ ପୁରୀ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ଯିବାକୁ ପଡିଛି। ଇଡ଼କୋ ଦ୍ୱାରା ବିସ୍ଥାପିତ ହୋଇ ଦାନଗଦି ବ୍ଲକ ଚାନ୍ଦିଆ ଗ୍ରାମ ର ଦୟାନିଧି ପଢ଼ିହାରୀ (୬୫) ଦାନଗଦି ବ୍ଲକ ତ୍ରିଜଙ୍ଗା କଲୋନୀ ରେ ରହୁଥିଲେ । ଶନିବାର ପୂର୍ବାହ୍ନରେ ଦୟାନିଧି ଙ୍କର ମୃତ୍ୟୁ ଘଟିଥିଲା । ତାଙ୍କ ପରିବାର ଲୋକେ ମୃତ ଦେହକୁ ଏଠାରେ ସଂସ୍କାର କରିବାକୁ ଇଚ୍ଛା କରିଥିଲେ । ମାତ୍ର ଏଠାରେ ମଶାଣି ର ସୁବିଧା ନଥିବାରୁ ପରିବାର ଲୋକେ ଅପରାହ୍ନରେ ମୃତଦେହ କୁ ପୁରୀ ସ୍ୱର୍ଗଦ୍ୱାର ନେବାକୁ ବାଧ୍ୟ ହୋଇଥିଲେ । ପରିବାର ଲୋକେ ନିଜ ଖର୍ଚ୍ଚ ରେ ମୃତ ଦେହ ପୁରୀ ସ୍ୱର୍ଗଦ୍ୱାର କୁ ନେଇ ସେଠାରେ ସନ୍ଧ୍ୟା ସମୟରେ ସଂସ୍କାର କରିଥିବା ଜଣାପଡିଛି ।ଦୀର୍ଘ ବର୍ଷ ଧରି ଏଠାରେ ବୃହତ ପୁନର୍ବାସ କଲୋନୀ ଗଢି ଉଠିଥିବା ବେଳେ ଶ୍ମଶାନ ର ଆବଶ୍ୟକତା ରହିଥିଲେ ମଧ୍ୟ ଏହାକୁ ପ୍ରଶାସନ ନଜର ଅନ୍ଦାଜ କରି ଚାଲିଛି । ଫଳରେ ବିସ୍ଥାପନ ର ବୋଝ ବୋହୁଥିବା ଲୋକେ ମଲା ପରେ ବି ନିଜ ମାଟିରେ ୬ ହାତ ଜାଗା ପାଇବାରୁ ବଞ୍ଚିତ ହେଉଛନ୍ତି । ଯାହାକି ନିହାତି ଦୁର୍ଭାଗ୍ୟଜନକ ଅଟେ।

## ଖଜୁରୀପଡା ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା କାର୍ଯ୍ୟକ୍ରମ

କନ୍ଧମାଳ:(ମହାଭାରତ): କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ସଦରମହକୁମା ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସଭାପତି ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ତ୍ରିପାଠି ଓ ସମ୍ପାଦକ ଶ୍ରୀଯୁକ୍ତ ଅଶୋକ କୁମାର ସାହୁ ଯୋଗଦେଇ ଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ପାର୍ଥସାରଥୀ ପ୍ରଧାନଙ୍କ ସମେତ ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ଶ୍ରୀମତୀ ସସ୍ମିତା ସାହୁ ଅଧକ୍ଷତାରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଓ ଗୁରୁମା ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଶ୍ରୀଯୁକ୍ତ ଯୋତିନ୍ଦ୍ରନାଥ ମାଝୀ ବିଚାରକ ଭାବେ ମୂଲ୍ୟାଙ୍କନ କରିଥିଲେ । ବିଦ୍ୟାଳୟର ୪୫ ଜଣ କୁନି କୁନି ବୈଜ୍ଞାନିକ ଏଥିରେ ଅଂଶଗ୍ରହଣ କରିଥିଲେ ।ଶେଷରେ ଜ୍ଞାନ ବିଜ୍ଞାନ ମେଳା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

## ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ କଲେ ତାଳ ଗୋଟମା ରୋପଣ

କାକଟପୁର (ମହାଭାରତ) :କାକଟପୁର ବ୍ଲକ ଅନ୍ତର୍ଗତ ବାଙ୍ଗୁରିଗାଁ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ୟୁଥ ଆଣ୍ଡ ୟୁକୋ କ୍ଲବ ତରଫରୁ ଆଜି ସକାଳ ୮ଘଟିକା ସମୟରେ ପ୍ରାଚୀନଦୀ ପଠାରେ ୧୫୦ ରୁ ଊର୍ଦ୍ଧ ଗଜା ତାଳ ଗୋଟମା ରୋପଣ କାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟ କୁ ସଫଳ କରିବା ନିମନ୍ତେ ପ୍ରଧାନ ଶିକ୍ଷକ ଜ୍ୟୋତି ରଞ୍ଜନ ସାହୁ,କ୍ଲବ ଦାୟିତ୍ୱରେ ଥିବା ସହକାରୀ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ,ଶଙ୍କର ମାହାଲି, ଜ୍ଞାନ ରଞ୍ଜନ ମିଶ୍ର, ସମାଜ ସେବୀ ବିପିନ କୁମାର ବାରିକ, ୟୁଥ ଆଣ୍ଡ ୟୁକୋ କ୍ଲବ ର ସମସ୍ତ ସଭ୍ୟା ଓ ସମସ୍ତ ଛାତ୍ର ଛାତ୍ରୀ ପ୍ରତ୍ୟକ୍ଷ ସହଯୋଗ କରିଥିଲେ, ବଜ୍ରା ଘାତ ରେ ଅକାଳ ରେ ବହୁ ଜୀବନ ଚାଲି ଯାଉଥିବାରୁ ତାଳ ଗଛ ଆମକୁ ବଜ୍ରାଘାତ ରୁ ରକ୍ଷା କରିବାରେ ବିକଳ୍ପ ବୋଲି ବୈଜ୍ଞାନିକ ମତୟ ତେଣୁ ସମସ୍ତେ ଖୋଲା ଜାଗା,ନଦୀ ପଠା ଓ ଜମି ହିଡ଼ ରେ ତାଳ ଗଛ ରୋପଣ କରନ୍ତୁ ଓ ପରିବେଶକୁ ସନ୍ତୁଳିତ ରଖନ୍ତୁ ସ୍ଲୋଗାନ ଦେଇ ସ୍କୁଲ ରୁ ବାଙ୍ଗୁରିଗାଁ ମୁଖ୍ୟ ବଜାର ଦେଇ ପ୍ରାଚୀ ନଦୀ ପଠା ପର୍ଯ୍ୟନ୍ତ ପିଲାମାନେ ସୋଭା ଯାତ୍ରା ରେ ଯାଇ ସେଠାରେ ରୋପଣ କାର୍ଯ୍ୟକ୍ରମ କରି ଏହି ତାଳ ଗୋଟମା କିପରି ବିଶାଳ ବୃକ୍ଷ ରେ ପରିଣତ ହେବ ସେଠାରେ ସମସ୍ତେ ପ୍ରାଥନା କରଥିଲେ। ଏପରି ନିଆରା କାର୍ଯ୍ୟକ୍ରମ ଅଂଚଳ ବାସୀ ଙ୍କୁ ପ୍ରଭାବିତ କରିଛି ।

## ପଥର ଖଣିରେ ବିସ୍ଫୋରଣ ୬ ଓଡ଼ିଆ ଶ୍ରମିକ ମୃତ

ଆନ୍ଧ୍ରପ୍ରଦେଶ : ଆନ୍ଧ୍ରପ୍ରଦେଶର ବାପଟଲା ଗ୍ରାନାଇଟ ଖଣିରେ ଅଘଟଣ । ୬ ଓଡ଼ିଆ ଶ୍ରମିକ ମୃତ । ଅନ୍ୟ ଆହତ ୮ଜଣଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି । ଖବର ମୁତାବକ, ବାପଟଲା ଜିଲ୍ଲା ବାଲିକୁରଭା ନିକଟରେ ଗ୍ରାନାଇଟ ଖଣିରେ ଆଜି ୧୫ରୁ ୨୦ ଜଣ ଶ୍ରମିକ କାମ କରୁଥିଲେ । ବ୍ଲାଷ୍ଟିଂ ଅପରେସନ ଚାଲିଥିବା ବେଳେ ହଠାତ ଏକ ବଡ଼ ପଥର ଖଣ୍ଡ ଧସିଥିଲା । ଏଥିରେ ୬ ଜଣ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ୮ଜଣ ଗୁରୁତରଙ୍କୁ ନରସାରାଓପେଟା ହସପିଟାଲରେ ଭର୍ତ୍ତି କରାଯାଇଛି । ଆନ୍ଧ୍ରପ୍ରଦେଶ ପୋଲିସ କହିବା ଅନୁସାରେ ବାପଟାଲା ଜିଲ୍ଲା ବାଲିକୁରୁଭା ନିକଟ ସତ୍ୟକ୍ରିଷ୍ଣା ଗ୍ରାନାଇଟ ଖଣିରେ ଶ୍ରମିକମାନେ କାମ କରୁଥିଲେ । ଏହି ସମୟରେ ବିସ୍ଫୋରଣ ଘଟିଥିଲା । ବିସ୍ଫୋରଣ ପରେ ଘଟଣାସ୍ଥଳରୁ ୪ ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଥିଲା । ପଥରଖଣି ତଳେ ଚାପି ହୋଇଥିବା ଶ୍ରମିକମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ୨ ଜଣଙ୍କର ମୃତ୍ୟୁ ଘଟିଥିଲା । ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି ବରିଷ୍ଠ ଅଧିକାରୀ । ବର୍ତ୍ତମାନ ସୁଦ୍ଧା ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ମୃତ୍ୟୁ ସଂଖ୍ୟା ବଢିବାର ସମ୍ଭାବନା ରହିଛି । ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ଆହତମାନଙ୍କୁ ଉନ୍ନତ ଚିକିତ୍ସା ଯୋଗାଇ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଲା ତାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଚନ୍ଦ୍ରବାବୁ ନାଇଡୁ ।

## ଶିବଙ୍କୁ ଜଳାଭିଷେକ ପାଇଁ ଯାଉଥିଲେ, ନିଜେ ପାଣିରେ ବୁଡ଼ିଗଲେ, ୧୧ ମୃତ

ଉତ୍ତର ପ୍ରଦେଶ : ଉତ୍ତର ପ୍ରଦେଶ ଗୋଣ୍ଡାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଦୁର୍ଘଟଣାରେ ୧୧ ଜଣଙ୍କ ଜୀବନ ଚାଲିଯାଇଛି । ଘଟଣାରେ ଅନ୍ୟମାନେ ଆହତ ହୋଇଛନ୍ତି । ଗାଡ଼ିରେ ଥିବା ସମସ୍ତ ଲୋକ ପୃଥ୍ୱୀନାଥ ମନ୍ଦିରକୁ ଦର୍ଶନ ପାଇଁ ଯାଉଥିବା ସମୟରେ ଗାଡ଼ି ହଠାତ୍ ନାଳରେ ଖସିପଡିଥିଲା । ତେବେ ବର୍ତ୍ତମାନ ଘଟଣା ସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁଃଖ ପ୍ରକାଶ କରିବା ସହିତ ଅଧିକାରୀମାନଙ୍କୁ ଘଟଣା ସ୍ଥଳରେ ପହଞ୍ଚିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସ୍ଥାନୀୟ ଲୋକ କହିବା ମୁତାବକ, ଗାଡ଼ିରେ ୧୫ ଜଣ ଲୋକ ଥିଲେ, ଏମାନେ ସମସ୍ତେ ଗୋଣ୍ଡାର ପ୍ରସିଦ୍ଧ ପୃଥ୍ୱୀନାଥ ମନ୍ଦିରକୁ ଜଳାଭିଷେକ କରିବା ପାଇଁ ଯାଉଥିଲେ । ହେଲେ ବାଟରେ ଗାଡ଼ିଟି ଅନିୟନ୍ତ୍ରିତ ହୋଇ ରାସ୍ତା କଡ଼ରେ ଥିବା ନାଳରେ ଖସିପଡିଥିଲା । ଘଟଣା ସ୍ଥଳରେ ୧୧ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ଅନ୍ୟମାନେ ଆହତ ହୋଇଛନ୍ତି । ସେମାନଙ୍କୁ ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରାଯାଇଛି । ଘଟଣା ବିଷୟରେ ସୂଚନା ମିଳିବା ପରେ ହାଟିୟାଥୋକ ଥାନା ପୋଲିସ, ଏନଡିଆରଏଫ ଏବଂ ସ୍ଥାନୀୟ ପ୍ରଶାସନ ଟିମ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଛି । ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଆହତଙ୍କୁ ଚିକିତ୍ସା କରିବା ପାଇଁ ଯଥାସମ୍ଭବ ପ୍ରୟାସ ଜାରି ରଖିଛନ୍ତି । ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ପୃଥ୍ୱୀନାଥ ମନ୍ଦିର ଗୋଣ୍ଡା ଜିଲ୍ଲାର କରନେଲଗଂଜ କ୍ଷେତ୍ରରେ ରହିଛି । ଏହା ଏସିଆର ସବୁଠୁ ବଡ଼ ଶିବଲିଙ୍ଗ ମଧ୍ୟରେ ଅନ୍ୟତମ । ଶ୍ରାବଣ ମାସରେ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁ ଦର୍ଶନ ପାଇଁ ଆସନ୍ତି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଦୁର୍ଘଟଣାକୁ ନେଇ ଶୋକ ପ୍ରକାଶ କରିଛନ୍ତି । ଆହତଙ୍କ ଉତ୍ତମ ଚିକିତ୍ସା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି ।

## ରୁଷ ପରେ ଆମେରିକାରେ ଭୂକମ୍ପ

ଆମେରିକା : ରୁଷ ପରେ ପୁଣି ଆମେରିକାର ନ୍ୟୁୱର୍କରେ ଭୂକମ୍ପ ଝଟକା । ଭୂକମ୍ପର ତୀବ୍ରତା ୩.୦ ରହିଛି । ଯାହାର କେନ୍ଦ୍ରସ୍ଥଳ ସେଣ୍ଟ୍ରାଲ ପାର୍କଠାରୁ ୧୩ କିଲୋମିଟର ଗଭୀରତାରେ ଅନୁଭୂତ ହୋଇଥିଲା । ପଶ୍ଚିମ ନ୍ୟୁ ଜର୍ସିର ଉପନଗର ହାସବ୍ରକ୍ ହାଇଟ୍ସରେ ମଧ୍ୟ ଭୂକମ୍ପ ଅନୁଭୂତ ହୋଇଥିଲା । ଶନିବାର ଦିନ ବିଳମ୍ବିତ ରାତିରେ ଆମେରିକାରେ ଭୂକମ୍ପ ଅନୁଭୂତ ହୋଇଥିଲା । ଭୂକମ୍ପ ଯୋଗୁଁ ଲୋକେ ଆତଙ୍କିତ ହୋଇଯାଇଥିଲେ । କିନ୍ତୁ ଏଥିରେ କାହାର କ୍ଷୟକ୍ଷତି ଘଟିଥିବା ସୂଚନା ମିଳିନାହିଁ । ଭୂକମ୍ପ ଅଳ୍ପ ସମୟ ପାଇଁ ଅନୁଭବ ହୋଇଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ପ୍ରଥମେ କିଛି ଶବ୍ଦ ଶୁଣିବାକୁ ମିଳିଥିଲା । ପରେ ଘରର କାନ୍ଥରେ ଥରିବା ଭଳି କିଛି ଅନୁଭବ କରିଥିଲେ । ପ୍ରଥମେ ସେ ବୁଝି ପାରି ନଥିଲେ ହେଲେ କିଛି ସମୟ ପରେ ବୁଝି ପାରିଥିଲେ । କିନ୍ତୁ ଏଥିରେ କୌଣସି କ୍ଷୟକ୍ଷତି ଘଟିଥିବା ଖବର ନାହିଁ । ଅନ୍ୟପଟେ ଏଥିରେ ବଡ଼ କ୍ଷତି ହେବାର ସମ୍ଭାବନା ନାହିଁ ବୋଲି ଟଝଏଝ କହିଛନ୍ତି । ତଥାପି ଲୋକଙ୍କ ବିପର୍ଯ୍ୟୟ ପାଇଁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ।

## ପାକିସ୍ତାନରେ ଘଟିଛି ଭୟଙ୍କର ବିସ୍ଫୋରଣ : ୫ ମୃତ



ପେଶାୱାର : ପାକିସ୍ତାନ ଅଶାନ୍ତ ଖାଇବର ପଖ୍ତୁନଖ୍ୱା ପ୍ରଦେଶର ଲକ୍କି ମରୱତ ଜିଲ୍ଲାରେ ଗତକାଲି ଭୟଙ୍କର ବିସ୍ଫୋରଣ ଘଟିଛି । ଏହି ଦୁର୍ଘଟଣାରେ ୫ଜଣ ଶିଶୁଙ୍କ ସମେତ ଅନ୍ୟ ୧୨ ଜଣ ଆହତ ହୋଇଛନ୍ତି । ଯାହା ଦ୍ୱାରା ଦୁର୍ଘଟଣା ଅଞ୍ଚଳରେ ଆତଙ୍କର ବାତାବରଣ ଖେଳିଯାଇଛି । ଯାହାର ସୂଚନା ପାକିସ୍ତାନ ପୋଲିସ ଦେଇଛି । ସୂଚନାନୁଯାୟୀ, କିଛି ପିଲାମାନେ ମିଶି ପାହାଡ଼ ନିକଟରୁ ବିସ୍ଫୋରଣ ହୋଇ ନଥିବା ଗୋଟିଏ ମୋର୍ଟାର ସେଲ୍ ଗାଁକୁ ନେଇ ଆସିଥିଲେ । ସେଇଟା ଗୋଟିଏ ବୋମା ବୋଲି ସେମାନେ ଜାଣି ନଥିଲେ । ଖେଳୁଥିବା ସମୟରେ ବିସ୍ଫୋରଣ ଘଟିଥିଲା । ଫଳରେ ଘଟଣାସ୍ଥଳରେ ୫ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୧୨ ଜଣ ଆହତ ହୋଇଥିଲେ । ଅନ୍ୟପଟେ ସୂଚନା ପାଇ ତୁରନ୍ତ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ । ଚିକିତ୍ସା ପାଇଁ ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଆହତ ପିଲାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ଜଣାପଡିଛି ।

# ନିର୍ଦ୍ଧାରିତ ସମୟର ୧ ସପ୍ତାହ ପୂର୍ବରୁ ଅମରନାଥ ଯାତ୍ରା ବନ୍ଦ



ଜମ୍ମୁ କାଶ୍ମୀର : ସାରା ଦେଶରେ ମୌସୁମୀଜନିତ ବର୍ଷା ଯୋଗୁଁ ବନ୍ଦ ହେଲା ଅମରନାଥ ଯାତ୍ରା । ଧାର୍ଯ୍ୟ ହୋଇଥିବା ସମୟର ୧ ସପ୍ତାହ ପୂର୍ବରୁ ଅମରନାଥ ଯାତ୍ରାକୁ ବନ୍ଦ କରିଦିଆଯାଇଛି । ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ ଏବଂ ପଞ୍ଜାବରେ ପରିସ୍ଥିତି ସଙ୍ଗୀନ ରହିଛି । ଲଗାଣ ବର୍ଷା ଯୋଗୁଁ ଅମରନାଥ ଯାତ୍ରାକୁ ଏକ ସପ୍ତାହ ପୂର୍ବରୁ ବନ୍ଦ କରିଦିଆଯାଇଛି । ଅମରନାଥ ଯାତ୍ରା ଅଗଷ୍ଟ ୯ରେ ରାକ୍ଷୀ ପୂର୍ଣ୍ଣିମାରେ ବନ୍ଦ ହେବାର ଥିଲା । କିନ୍ତୁ ଏକ ସପ୍ତାହ ପୂର୍ବରୁ ଏହାକୁ ବନ୍ଦ କରିଦିଆଯାଇଛି । ଜମ୍ମୁ-କଶ୍ମୀରରେ ଲଗାଣ ବର୍ଷା ଏବଂ ଖରାପ ପାଗ ଯୋଗୁଁ ଅମରନାଥ ଯାତ୍ରାକୁ ସୋମବାର ଦିନ ନିର୍ଦ୍ଧାରିତ ସମୟର ଏକ ସପ୍ତାହ ପୂର୍ବରୁ ସମାପ୍ତ ଘୋଷଣା କରାଯାଇଛି । ଶ୍ରୀ ଅମରନାଥଜୀ ଶ୍ରାଇନ ବୋର୍ଡ (ଝଇଝଇ) ପକ୍ଷରୁ କୁହାଯାଇଛି ଯେ, ତୀର୍ଥଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି । ପବିତ୍ର ଗୁମ୍ଫାକୁ ଯାଉଥିବା ରାସ୍ତାଗୁଡ଼ିକ ପ୍ରବଳ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ବେଳେ ପାହାଡ଼ରୁ ପଥର ଖସିବାର ଆଶଙ୍କା ମଧ୍ୟ ରହିଛି । ସ୍ଥାନୀୟ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ୩ ଦିନ ପୂର୍ବରୁ ତୀର୍ଥଯାତ୍ରୀଙ୍କୁ ଅସ୍ଥାୟୀ ରୂପେ ବନ୍ଦ କରାଯାଇଥିଲା । କଶ୍ମୀରର ଡିଭିଜନାଲ କମିଶନର ବିଜୟ କୁମାର ବିଧୁରୀ କହିଛନ୍ତି ଯେ, ବର୍ଷା ଯୋଗୁଁ ଯାତ୍ରା ରୁଟ୍ ଗୁଡିକରେ ବହୁତ କ୍ଷତି ହୋଇଛି । ବାଲତାଲ ଏବଂ ପହଲଗାମ୍ ଉଭୟ ରୁଟରେ ମରାମତି କାର୍ଯ୍ୟ କରାଯିବ, ତେଣୁ ଯାତ୍ରାକୁ ବନ୍ଦ କରିବାକୁ ପଡିଛି । ସେ କହିଛନ୍ତି ଯେ, ରୁଟ୍ ଗୁଡିକରେ ମେସିନ ଏବଂ କର୍ମଚାରୀଙ୍କ ନିରନ୍ତର ନିୟୋଜିତ ଯୋଗୁଁ ଯାତ୍ରା ପୁନଃ ଆରମ୍ଭ କରିବା ସମ୍ଭବ ନୁହେଁ । ଆସନ୍ତା ୯ ଅଗଷ୍ଟ ପର୍ଯ୍ୟନ୍ତ ଯାତ୍ରା ଚାଲିବାର ଥିଲା, କିନ୍ତୁ ପ୍ରବଳ ବର୍ଷା ଯୋଗୁଁ ରାସ୍ତା ଖରାପ ଥିବାରୁ ୩ ଅଗଷ୍ଟରେ ହିଁ ଏହାକୁ ବନ୍ଦ କରାଯାଇଥିଲା । ଚଳିତ ବର୍ଷ ୫୨ ଦିନିଆ ଅମରନାଥ ଯାତ୍ରା ଜୁନ୍ ୨୯ ତାରିଖରୁ ଆରମ୍ଭ ହୋଇଥିଲା ଏବଂ ଏହା ଅଗଷ୍ଟ ୯ ତାରିଖରେ ଶେଷ ହେବାର ଥିଲା । କିନ୍ତୁ ଖରାପ ପାଗ ଯୋଗୁଁ ଏହାକୁ ବାରମ୍ବାର ସ୍ଥଗିତ ରଖିବାକୁ ପଡ଼ିଥିଲା । ଚଳିତ ବର୍ଷ ୪.୫ ଲକ୍ଷରୁ ଅଧିକ ତୀର୍ଥଯାତ୍ରୀ ପବିତ୍ର ଗୁମ୍ଫାର ଦର୍ଶନ କରିସାରିଛନ୍ତି । ପ୍ରବଳ ବର୍ଷା ଯୋଗୁଁ ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ ଏବଂ ପଞ୍ଜାବରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଭାରତୀୟ ପାଣିପାଗ ବିଭାଗ (ଓଗଡ) ଆଗାମୀ କିଛି ଦିନ ପାଇଁ ଉତ୍ତର ଭାରତର ଅନେକ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ନେଇ ରେଡ୍ ଆଲର୍ଟ ଜାରି କରିଛି ।

# ଶ୍ରୀନଗର ଏୟାରପୋର୍ଟରେ ଆର୍ମି ଅଫିସରଙ୍କ ଉତ୍ପାତ




ଶ୍ରୀନଗର : ଶ୍ରୀନଗରରୁ ଦିଲ୍ଲୀ ଯାଉଥିବା ଝଏ-୩୮୬ ବିମାନର ବୋର୍ଡିଂ ଗେଟରେ ଜଣେ ଯାତ୍ରୀ ସ୍ପାଇସଜେଟର ଚାରି ଜଣ କର୍ମଚାରୀଙ୍କୁ ଆକ୍ରମଣ କରିଛନ୍ତି । ଶ୍ରୀନଗରରୁ ଦିଲ୍ଲୀ ଯାଉଥିବା ଝଏ-୩୮୬ ଏହି ଆକ୍ରମଣ ଶ୍ରୀନଗର ବିମାନବନ୍ଦରରେ ଏହି ଘଟଣା ଘଟିଛି । ଯାତ୍ରୀ ଜଣକ ସ୍ପାଇସଜେଟର କର୍ମଚାରୀଙ୍କୁ ଗୋଇଠା ଏବଂ ମୁଥା ମାରି ଆକ୍ରମଣ କରିଛନ୍ତି । ଫଳରେ ଜଣେ କର୍ମଚାରୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଥିବା ବେଳେ ଗୁରୁତର ଆଘାତ ଲାଗିଛି ବୋଲି ଜଣାପଡିଛି । ସ୍ପାଇସଜେଟର ଜଣେ କର୍ମଚାରୀଙ୍କ କହିବା ମୁତାବକ, ଶ୍ରୀନଗରରୁ ଦିଲ୍ଲୀ ଯାଉଥିବା ଝଏ-୩୮୬ ବିମାନର ବୋର୍ଡିଂ ଗେଟରେ ଜଣେ ଯାତ୍ରୀଙ୍କ ପାଖରେ ଦୁଇଟି କ୍ୟାବିନ୍ ବ୍ୟାଗ୍ ଥିଲା । ଯାହାର ଓଜନ ୧୬ କେଜି ଥିଲା । କିନ୍ତୁ କ୍ୟାବିନ ଭିତରକୁ ୭ କେଜି ଜିନିଷ ନେବାର ଅନୁମତି ଥିଲା । ଫଳରେ ସ୍ପାଇସଜେଟର କର୍ମଚାରୀ ଜଣକ ବିନମ୍ରତାର ସହିତ ଚାର୍ଜ ଭରିବାକୁ କହିଥିଲେ । ହେଲେ ଯାତ୍ରୀ ଜଣକ ମନା କରିବା ସହିତ ଜବରଦସ୍ତି ଏରୋବ୍ରିଜରେ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ । ଯାହା ବିମାନ ସୁରକ୍ଷା ପ୍ରୋଟୋକଲ୍ ଉଲ୍ଲଂଘନ । ଏହାପରେ ସିଆଇଏସଏଫ ଅଧିକାରୀ ତାଙ୍କୁ ପୁଣି ଥରେ ଗେଟ ନିକଟକୁ ନେଇ ଗଲେ । ଆଉ ଏଥିରେ ରାଗିଯାଇ ଯାତ୍ରୀ ଜଣକ ସ୍ପାଇସଜେଟର କର୍ମଚାରୀଙ୍କୁ ମାଡ଼ ମାରିବା ଆରମ୍ଭ କରିଥିଲେ । ଏଥିରେ କର୍ମଚାରୀ ତଳେ ଚେତାଶୂନ୍ୟ ହୋଇ ପଡିଥିଲେ ସୁଦ୍ଧା ଗୋଇଠା ଏବଂ ମୁଠା ମାରି ଚାଲିଥିଲେ । ଚେତାଶୂନ୍ୟ କର୍ମଚାରୀଙ୍କୁ ସାହାଯ୍ୟ କରିବାକୁ ଯାଇଥିବା ଜଣେ ବ୍ୟକ୍ତି ମଧ୍ୟ ମାଡ଼ ଖାଇଥିଲେ । ଆକ୍ରମଣ କରିଥିବା ଯାତ୍ରୀ ଜଣକ ସାମରିକ ଅଧିକାରୀ ଥିଲେ । ଯାହାର ଭିଡିଓ ଭାଇରଲ ହେଉଛି । ସ୍ଥାନୀୟ ପୋଲିସରେ ଏକ ଏଫଆଇଆର ଦାୟର କରାଯାଇଛି । ବିମାନ କମ୍ପାନୀ ଏବେ ବେସାମରିକ ବିମାନ ଚଳାଚଳ ନିୟମ ଅନୁଯାୟୀ ଯାତ୍ରୀଙ୍କୁ ନୋ-ଫ୍ଲାଏ ତାଲିକାରେ ରଖିବା ପ୍ରକ୍ରିୟା ଆରମ୍ଭ କରିଛି । ଏହା ପରେ, ଯାତ୍ରୀ ଆଉ ବିମାନରେ ଯାତ୍ରା କରିପାରିବେ ନାହିଁ । ଅଧିକାରୀ କହିଛନ୍ତି ଯେ ସ୍ପାଇସଜେଟ୍ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ଏକ ଚିଠି ଲେଖି ତାର କର୍ମଚାରୀଙ୍କ ଉପରେ ହୋଇଥିବା ମାରାତ୍ମକ ଆକ୍ରମଣ ବିଷୟରେ ଅବଗତ କରିଛି । ଏହାସହିତ ଯାତ୍ରୀଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନ୍ତ୍ରଣାଳୟକୁ ଅନୁରୋଧ କରିଛନ୍ତି ।

## ରୁଷରେ ପୁଣିଥରେ ଭୟଙ୍କର ୭.୦ ତୀବ୍ରତାର ଭୂକମ୍ପ, ଫାଟିଲା ଜ୍ୱାଳାମୁଖୀ

ରୁଷ : ଭୂକମ୍ପରେ ପୁଣି ଥରିଲା ରୁଷ । ରୁଷର ସେବେରୋ କୁରିଲ ଦ୍ୱୀପପୁଞ୍ଜରେ ଭୂମିକମ୍ପ ଝଟକା ଅନୁଭୂତ । ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ କୁରିଲ ଦ୍ୱୀପପୁଞ୍ଜର ପୂର୍ବରେ ୭.୦ ତୀବ୍ରତାର ଏକ ଭୂମିକମ୍ପ ରେକର୍ଡ କରାଯାଇଛି । ଭାରତୀୟ ସମୟଅନୁସାରେ ସକାଳ ୧୧ଟାରେ ଭୂକମ୍ପ ଆସିଛି । ଭୂକମ୍ପ ପରେ କାମଚଟକା ଦ୍ୱୀପରେ କ୍ରସୋନିନିକୋଭ ଜ୍ୱାଳାମୁଖୀ ଉଦ୍ଗୀରଣ ହୋଇଛି । ଏପର୍ଯ୍ୟନ୍ତ ଏହି ଭୂମିକମ୍ପରେ କୌଣସି ଜୀବନ କିମ୍ବା



ସମ୍ପତ୍ତି କ୍ଷତିର ଖବର ମିଳିନାହିଁ । ଭୂକମ୍ପ ଯୋଗୁଁ କାମଚଟକା ଦ୍ୱୀପରେ କ୍ରସୋନିନିକୋଭ ଜ୍ୱାଳାମୁଖୀ ଫାଟିଛି । କଠରଜଞ୍ଝ ମୁତାବକ, ୧୮୫୬ ମିଟର ଉଚ୍ଚ ଜ୍ୱାଳାମୁଖୀ ପାଖାପାଖି ୬ ହଜାର ମିଟର ଉଚ୍ଚ ଧୂଆଁ ଉଠୁଥିବା ଦେଖିବାକୁ ମିଳିଛି । ଏହା ୬୦୦ବର୍ଷ ମଧ୍ୟରେ କ୍ରସୋନିନିକୋଭର ପ୍ରଥମ ବିସ୍ଫୋରଣ ବୋଲି କଠରଜଞ୍ଝ ମୁଖ୍ୟ ଓଲଗା ଗିରିନା ଜଓଇ ନୋଭୋଷ୍ଟିଙ୍କୁ କହିଛନ୍ତି । ସେ କହିଛନ୍ତି ଯେ, ପେଟ୍ରୋପାଭଲୋଭସ୍କ-କାମଚାଟସ୍କି ଠାରୁ ପ୍ରାୟ ୫୦ କିମି ଦୂରରେ ଉଦ୍ଗୀରଣ ହୋଇଛି । କ୍ରସୋନିନିକୋଭରରେ ଶେଷ ଲାଭା ଉଦ୍ଗୀରଣ ପ୍ରାୟ ୧୪୬୩ ମସିହାରେ ହୋଇଥିଲା । ୧୯୬୩ ମସିହାରେ ଫ୍ୟୁମାରୋଲିକ୍ କାର୍ଯ୍ୟକଳାପ ରେକର୍ଡ କରାଯାଇଥିଲା, କିନ୍ତୁ କୌଣସି ଉଦ୍ଗୀରଣ କିମ୍ବା ଉଦ୍ଗୀରଣ ରିପୋର୍ଟ ହୋଇନଥିଲା। ଏହା ପୂର୍ବରୁ ବୁଧବାର ଦିନ ରୁଷିଆର କାମଚଟକାରେ ୮.୮ ତୀବ୍ରତାର ଏକ ଶକ୍ତଶାଳୀ ଭୂମିକମ୍ପ ହୋଇଥିଲା । ଏହା ଏପର୍ଯ୍ୟନ୍ତ ସବୁଠାରୁ ଶକ୍ତିଶାଳୀ ଭୂମିକମ୍ପ ଥିଲା । ଏହି ବିପର୍ଯ୍ୟୟରେ କେହି ଆହତ ହୋଇ ନାହାଁନ୍ତି । ଆମେରିକୀୟ ଭୂତତ୍ତ୍ୱ ସର୍ବେକ୍ଷଣର ତଥ୍ୟ ଅନୁଯାୟୀ, ଉପକୂଳରେ ୮.୮ ତୀବ୍ରତାର ଭୂମିକମ୍ପ ଆସିବା ପରଠାରୁ ୧୬ ଘଣ୍ଟାରୁ ଅଧିକ ସମୟ ମଧ୍ୟରେ ରୁଷ ନିକଟରେ ୪.୪ କିମ୍ବା ତା'ଠାରୁ ଅଧିକ ତୀବ୍ରତାର ପ୍ରାୟ ୧୨୫ ଟି ଭୂମିକମ୍ପ ଅନୁଭୂତ ହୋଇଛି ।

## ବଏଫ୍ରେଣ୍ଡକୁ ହତ୍ୟା କରି ୭ ଲକ୍ଷ ଟଙ୍କା ନେଇ ଫେରାର ଲିଭ୍-ଇନ୍ ପାର୍ଟନର

ଗୁରୁଗ୍ରାମ : ଗୁରୁଗ୍ରାମର ବାଲିୟାଭାସ ନିବାସୀ ୪୨ ବର୍ଷୀୟ ହରିଶଙ୍କୁ ତାଙ୍କ ଲିଭ୍-ଇନ୍ ପାର୍ଟନର ୨୭ ବର୍ଷୀୟ ଯଶମୀତ କୌର ଛୁରୀରେ ଆକ୍ରମଣ କରି ହତ୍ୟା କରିଛନ୍ତି। ଏହି ଘଟଣା ଶନିବାର ଡିଏଲଏଫ ଫେଜ-୩ରେ ଘଟିଛି, ଯେଉଁଠାରେ ଉଭୟ ଗତ ଏକ ବର୍ଷରୁ ଏକାଠି ରହୁଥିଲେ। ହରିଶ, ଯିଏ ବିବାହିତ ଓ ସନ୍ତାନର ପିତା ଥିଲେ, ତାଙ୍କ ପତ୍ନୀ ଓ ପିଲାମାନଙ୍କୁ ଭେଟିବାକୁ ଯିବା ନେଇ ଯଶମୀତଙ୍କ ସହ ପ୍ରାୟତଃ ଝଗଡ଼ା ହେଉଥିଲା। ଶନିବାର ଏକ ଏଭଳି ଝଗଡ଼ା ତୀବ୍ର ହେବାରୁ ଯଶମୀତ ହରିଶଙ୍କୁ ଛୁରୀରେ ଆକ୍ରମଣ କରିଥିଲେ। ଗୁରୁଗ୍ରାମର ଏକ ହସ୍ପିଟାଲରେ ଚିକିତ୍ସା ସମୟରେ ହରିଶଙ୍କ ମୃତ୍ୟୁ ହୋଇଥିଲା। ଘଟଣାର କିଛି ଘଣ୍ଟା ପୂର୍ବରୁ ହରିଶ ଫରିଦାବାଦରୁ କାମ ସାରି ଘରକୁ ଫେରି ତାଙ୍କ ଭଣଜା ଭାରତଙ୍କଠାରୁ ୭ ଲକ୍ଷ ଟଙ୍କା ନେଇ ଅନ୍ୟ ଅଭିଯୁକ୍ତ ବିଜୟଙ୍କ ସହ ଗାଡ଼ିରେ ବାହାରି ଯାଇଥିଲେ। ରାତି ୧୦ଟା ବେଳେ ହରିଶ ଭାରତଙ୍କୁ ଫୋନ କରି ଖାଦ୍ୟ ଅର୍ଡର ଗ୍ରହଣ ଓ ପେମେଣ୍ଟ କରିବାକୁ କହିଥିଲେ। ପରଦିନ ସକାଳ ୭ଟାରେ ଯଶମୀତ ଭାରତଙ୍କୁ ଫୋନ କରି ହରିଶଙ୍କ ମୃତ୍ୟୁ ଖବର ଦେଇଥିଲେ। ଭାରତ ଜଣାଇଛନ୍ତି ଯେ, ହରିଶଙ୍କ ଛାତିରେ ଛୁରୀ ଆଘାତର ଚିହ୍ନ ଥିଲା। ପୋଲିସ ଏକ ମାମଲା ରୁଜୁ କରି ଯଶମୀତଙ୍କୁ ଗିରଫ କରିଛି ଏବଂ ହତ୍ୟାରେ ବ୍ୟବହୃତ ଛୁରୀ ଜବତ କରିଛି। ବିଜୟଙ୍କୁ ପୋଲିସ ଜେରା କରୁଛି ଏବଂ ହରିଶ ୭ ଲକ୍ଷ ଟଙ୍କା କାହିଁକି ନେଇଥିଲେ, ତାହାର କାରଣ ଅନୁସନ୍ଧାନ କରୁଛି। ଘଟଣାର ତଦନ୍ତ ଜାରି ରହିଛି।



## କେନାଲକୁ ଖସିଲା ତୀର୍ଥଯାତ୍ରୀ ଗାଡ଼ି, ଚାଲିଗଲା ୧୧ ଜୀବନ

ଲକ୍ଷ୍ନୌ : ଉତ୍ତରପ୍ରଦେଶ ଗୋଣ୍ଡାର ଇଟିଆ ଥୋକ୍? ଥାନା ଅନ୍ତର୍ଗତ ଏକ କେନାଲରେ ରବିବାର ତୀର୍ଥଯାତ୍ରୀ ଗାଡ଼ି ଖସି ପଡ଼ିବାରୁ ୧୧ ଜଣଙ୍କର ମୃତ୍ୟୁ ଘଟିଛି। ଉକ୍ତ ଗାଡ଼ିରେ ୧୫ ଜଣ ଯାତ୍ରୀ ଥିଲେ ଏବଂ ସେମାନେ ପୃଥ୍ୱୀନାଥ ମନ୍ଦିର ଦର୍ଶନ କରିବାକୁ ଯାଉଥିଲେ। ଅନ୍ୟମାନଙ୍କ ଅବସ୍ଥା ଗୁରୁତର ରହିଛି। କୁହାଯାଉଛି, ଏକ ବୋଲେରୋ ନିୟନ୍ତ୍ରଣ ହରାଇ କେନାଲ ମଧ୍ୟକୁ ଖସିପଡ଼ିଥିଲା। ଫଳରେ ଏପରି ଅଘଟଣ ଘଟିଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୃତକଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇବା ସହ ଦୁର୍ଘଟଣାର ସମ୍ପର୍କରେ ତୁରନ୍ତ ଅବଗତ ହୋଇଛନ୍ତି। ସେ ଅଧିକାରୀମାନଙ୍କୁ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଘଟଣାସ୍ଥଳରେ ପହଞ୍ଚିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ପ୍ରଶାସନ, ଜରୁରୀକାଳୀନ ଦଳ ସହିତ, ଦୁର୍ଘଟଣାର ପରବର୍ତ୍ତୀ ପରିସ୍ଥିତିକୁ ପରିଚାଳନା କରିବା ଏବଂ ପୀଡିତଙ୍କ ପରିବାରକୁ ସହାୟତା କରିବା ପାଇଁ ଘଟଣାସ୍ଥଳରେ କାର୍ଯ୍ୟ ଜାରି ରଖିଛି।

## ଗାଜାରେ ଭୋକର ଭୟଙ୍କର ପରିସ୍ଥିତି

ଗାଜା : ଗାଜାରେ ଖାଦ୍ୟ ନାହିଁ । ଅନାହାରରେ ଲୋକଙ୍କ ହାଡ଼କଙ୍କାଳ ଦିଶିଲାଣି । ଶିଶୁମାନଙ୍କ ଅବସ୍ଥା ସାଙ୍ଘାତିକ୍ । ଅପପୁଷ୍ଟିର ଶିକାର ହେଉଛନ୍ତି ଗାଜାର ଶିଶୁ । ରିପୋର୍ଟ ଅନୁସାରେ ପ୍ରାୟତଃ ୨୦ହଜାର ଶିଶୁ ଏବେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ଏଥିସହିତ ୧୧୧ ଜଣଙ୍କ କେବଳ ଖାଦ୍ୟାଭାବ ଯୋଗୁ ମୃତ୍ୟୁ ଘଟିଛି । ଗାଜାରେ ଦୁର୍ଭିକ୍ଷର ଆଶଙ୍କା ବଢୁଥିବା ବେଳେ ଇସ୍ରାଏଲ ଏକ ଭାବପ୍ରବଣ ପଦକ୍ଷେପ ନେଇଛି । ହମାସ ଦ୍ୱାରା ବନ୍ଦୀ ଥିବା ଜଣେ ଇସ୍ରାଏଲୀ ନାଗରିକଙ୍କ ଶୀର୍ଣ୍ଣ ଏବଂ ଦୁର୍ବଳ ଶରୀରର ଫଟୋ ଜାରି କରି ଇସ୍ରାଏଲ କହିଛି ଯେ, ଏହା ହିଁ 'ଗାଜାର ଅସଲି ଭୋକମରା' । ଏହି ଘଟଣା ଏକ ନୂଆ ବିତର୍କ ସୃଷ୍ଟି କରିଛି, ଯେଉଁଠି ଗୋଟିଏ ପଟେ ଗାଜାରେ ମାନବୀୟ ସଙ୍କଟ ଏବଂ ଅନ୍ୟପଟେ ଇସ୍ରାଏଲର ବନ୍ଧକଙ୍କ ଦୁର୍ଦ୍ଦଶା ରହିଛି । ଅନ୍ୟପଟେ, ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ଗାଜାରେ ଏକ ଭୟଙ୍କର ମାନବୀୟ ସଙ୍କଟ ନେଇ ଚେତାବନୀ ଦେଇଛନ୍ତି । ଦୁର୍ଭିକ୍ଷର ଆଶଙ୍କା : ମିଳିତ ଜାତିସଂଘ (ଟଘ) ଏବଂ ଅନ୍ୟ ସହାୟତା ସଂସ୍ଥାଗୁଡ଼ିକର ଏକ ସମୂହ (ଓଚଡ) ସ୍ପଷ୍ଟ କରିଛି ଯେ 'ଗାଜାରେ ଦୁର୍ଭିକ୍ଷର ସବୁଠାରୁ ଖରାପ ସ୍ଥିତି ବର୍ତ୍ତମାନ ଦେଖାଯାଉଛି' । ଅନାହାର ମୃତ୍ୟୁ: ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ଅନାହାର କାରଣରୁ ଅନେକ ଲୋକଙ୍କର ମୃତ୍ୟୁ ଘଟିଛି । ଯେଉଁମାନଙ୍କ ମଧ୍ୟରେ ୯୩ ଜଣ ଶିଶୁ ଅଛନ୍ତି । ଟଘଜଡଇ ଗାଜାର ପିଲାମାନଙ୍କୁ 'ଚାଲୁଥିବା ଶବ' ବୋଲି ବର୍ଣ୍ଣନା କରିଛି । ଇସ୍ରାଏଲର ସାମରିକ କାର୍ଯ୍ୟାନୁଷ୍ଠାନ ଯୋଗୁଁ ୨୦ ଲକ୍ଷରୁ ଅଧିକ ପାଲେଷ୍ଟାଇନୀଙ୍କ ପାଇଁ ସୁରକ୍ଷିତ ଭାବେ ଖାଦ୍ୟ ପହଞ୍ଚାଇବା ପ୍ରାୟ ଅସମ୍ଭବ ହୋଇପଡିଛି । ଗାଜାରେ ଦୁର୍ଭିକ୍ଷର ଆଶଙ୍କା ବଢୁଥିବା ବେଳେ ଇସ୍ରାଏଲ ପକ୍ଷରୁ ଏକ ଫଟୋ ସେୟାର କରିଛି ।

# ଶ୍ରୀରାମ ମନ୍ଦିର ଉଡାଇବାକୁ ପାକିସ୍ତାନରୁ ଆସିଲା ଧମକ, ରୁଜୁ ହେଲା ମାମଲା



ମହାରାଷ୍ଟ୍ର : ମହାରାଷ୍ଟ୍ର ବୀଡ ଜିଲ୍ଲାରୁ ଗୋଟିଏ ଆଶ୍ଚର୍ଯ୍ୟକର ଘଟଣା ସାମ୍ନାକୁ ଆସିଛି । ଅଯୋଧ୍ୟାର ଶ୍ରୀରାମ ମନ୍ଦିରକୁ ଉଡାଇବାର ଧମକ ମିଳିଛି । ବୀଡ ଶିରୁର କସାର ଅଞ୍ଚଳର ଜଣେ ଯୁବକଙ୍କୁ ସୋସିଆଲ ମିଡିଆ ମାଧ୍ୟମରେ ଧମକ ମିଳିଥିବା ପୋଲିସ୍ ସୂତ୍ରରୁ ଜଣାପଡିଛି । ଧମକ ଦେଇଥିବା ଅଭିଯୁକ୍ତ ପାକିସ୍ତାନର ବାସିନ୍ଦା ବୋଲି ସ୍ୱୀକାର କରିଛି । ଏଥି ସହିତ ଷଡଯନ୍ତ୍ରରେ ସାମିଲ ହେବାକୁ ଯୁବକଙ୍କୁ ଏକ ଲକ୍ଷ ଟଙ୍କା ଅର୍ଥରାଶିର ପ୍ରଲୋଭନ ଦେଖାଇଛି ଅଭିଯୁକ୍ତ । ସୂଚନାନୁଯାୟୀ, ଯୁବକ ଜଣକ ତାଙ୍କ ସୋସିଆଲ ମିଡିଆ ପେଜ ଚଲାଉଥିବା ସମୟରେ ତାଙ୍କୁ ଏକ ପାକିସ୍ତାନୀ ଆକାଉଣ୍ଟରୁ ସନ୍ଦିଗ୍ଧ ଜଣଙ୍କର ମେସେଜ୍ ଆସିଥିଲା । ଯେଉଁଥିରେ ସନ୍ଦିଗ୍ଧ ଜଣକ କହିଥିଲେ ଯେ, ଜଉଢ ସାହାଯ୍ୟରେ ଅଯୋଧ୍ୟା ଶ୍ରୀରାମ ମନ୍ଦିର ଉଡାଇବାକୁ ଚାହାଁନ୍ତି । ଏହି ଷଡଯନ୍ତ୍ରରେ ସାମିଲ ହେବା ପାଇଁ ୫୦ ଜଣ ଲୋକ ଆବଶ୍ୟକ । ଏଥିରେ ଯେଉଁମାନେ ସାହାଯ୍ୟ କରିବେ ପ୍ରତ୍ୟେକଙ୍କୁ ୧ଲକ୍ଷ ଟଙ୍କା ଦିଆଯିବ । ଯଦି ଯୁବକ ଜଣକ ନିଜେ ଏହି କାମ କରିପାରିବେ ନାହିଁ ତେବେ ଅନ୍ୟ କାହାର ନମ୍ବର ଦେବାକୁ ସନ୍ଦିଗ୍ଧ ତାଙ୍କୁ କହିଥିଲେ । ଭାବିକି କୁହନ୍ତୁ, ଆମର ସାଥି ଦିଅନ୍ତୁ ଯଦି ଅଧିକ ଦରକାର ମୁହଁ ଖୋଲି କୁହନ୍ତୁ ବୋଲି ମଧ୍ୟ ସନ୍ଦିଗ୍ଧ କହିଥିଲେ । ଯାହାର ଅଡିଓ କ୍ଲିପ୍ ମଧ୍ୟ ଭାଇରଲ ହେଉଛି । ଅନ୍ୟପଟେ ଶିରୁର ପୋଲିସ ଷ୍ଟେସନରେ ଏହି ମାମଲା ରୁଜୁ ହୋଇଛି । ରାମ ମନ୍ଦିର ପାଇଁ ଚାଲିଥିବା ପ୍ରସ୍ତୁତି ଏବଂ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଏହି ବିପଦକୁ ଗମ୍ଭୀର ବୋଲି ବିବେଚନା କରାଯାଉଛି । ସୋସିଆଲ ମିଡିଆ ପେଜରେ ଆସିଥିବା ମେସେଜ୍ ଏବଂ ଅଡିଓ ରେକର୍ଡ ଶୁଣି ଏହା ସତ ବୋଲି ନିଶ୍ଚିତ ହୋଇଛି ପୋଲିସ । ଏନେଇ ବର୍ତ୍ତମାନ ସାଇବର ସେଲ୍ ସମେତ ଅନ୍ୟାନ୍ୟ ଏଜେନ୍ସି ମଧ୍ୟ ତଦନ୍ତ ଆରମ୍ଭ କରିଛନ୍ତି । ସନ୍ଦିଗ୍ଧ ବ୍ୟକ୍ତି କରାଚୀର ସ୍ଥାନ ପଠାଇ ନିଜକୁ ପାକିସ୍ତାନୀ ପ୍ରମାଣିତ କରିବାକୁ ଚେଷ୍ଟା କରିଛି । କିନ୍ତୁ ସେ ପ୍ରକୃତରେ ପାକିସ୍ତାନର ନାଗରିକ କି ନାହିଁ, ତାହା ତଦନ୍ତ ପରେ ହିଁ ଜଣାପଡିବ ।

### କେନ୍ଦୁଝରରେ ୬୪ତମ ବରିଷ୍ଠ ପୁରୁଷ ଆନ୍ତଃ ଜିଲ୍ଲା ଫୁଟବଲ ଚାମ୍ପିଅନସିପ ସାହାଣୀ କପ ଉଦ୍ଯାପିତ

# ବିଜେତା, ଉପବିଜେତାଙ୍କୁ ପୁରସ୍କୃତ କଲେ ମୁଖ୍ୟମନ୍ତ୍ରୀ






ଭୁବନେଶ୍ୱର/କେନ୍ଦୁଝର,୩।୮: ଆଜି କେନ୍ଦୁଝର ଜିଲ୍ଲା ଷ୍ଟାଡିଅମ ଠାରେ କଟକ ଓ ସମ୍ବଲପୁର ମଧ୍ୟରେ ହେଉଥିବା ୬୪ତମ ବରିଷ୍ଠ ପୁରୁଷ ଆନ୍ତଃ ଜିଲ୍ଲା ଫୁଟବଲ ଚାମ୍ପିଅନସିପ ସାହାଣୀ କପ ୨୦୨୫ ଉଦଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ଯୋଗଦାନ କରି 'ସାହାଣୀ କପ' କୁ ଏକ ସ୍ମୃତିଗତ ଏବଂ ଐତିହାସିକ ଅଭିଯାନ ବୋଲି କହିଛନ୍ତି।

ସୂଚନା ଯୋଗ୍ୟ ଫାଇନାଲ ମ୍ୟାଚରେ କଟକ ଟିମ ବିଜୟୀ ହେଲେ। ମୁଖ୍ୟମନ୍ତ୍ରୀ ବିଜେତା ଓ ଉପବିଜେତାଙ୍କୁ ପୁରସ୍କୃତ କରିବା ସହିତ ଶହୀଦ ରାଜକିଶୋର ମୁଣ୍ଡାଙ୍କ ପତ୍ନୀ ସୁନିତା ମୁଣ୍ଡାଙ୍କୁ ସହାୟତା ରାଶି ପ୍ରଦାନ କରିଛନ୍ତି।

ସେ ଏହା ମଧ୍ୟ କହିଛନ୍ତିଯେ ଏହି 'ସାହାଣୀ କପ' ନାମଟି କେବଳ ଜୟ ବା ପରାଜୟ ସହିତ ନୁହେଁ, ବରଂ ଶ୍ରମ, ସଂଘର୍ଷ, ଏବଂ ଦଳୀୟ ଆତ୍ମାର ସମ୍ମିଳିତ ପରିଣାମ। କଟକ ଓ ସମ୍ବଲପୁର ଜିଲ୍ଲା ମଧ୍ୟରେ ଅନୁଷ୍ଠିତ ହେଉଥିବା ଏହି ଫାଇନାଲ କେବଳ ଏଇ ଫୁଟବଲ ଗ୍ରାଉଣ୍ଡରେ ସୀମିତ ହୋଇ ରହି ନାହିଁ । ଏହି ପ୍ରତିଯୋଗିତା କେବଳ ଆମର ଯୁବ ଖେଳାଳିମାନଙ୍କର ଅବିଶ୍ୱସନୀୟ ପ୍ରତିଭା ଏବଂ ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁନାହିଁ ବରଂ ଆମ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ଏବଂ ଶାରୀରିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ପାଇଁ ଆମର ସାମୂହିକ ପ୍ରତିବଦ୍ଧତାକୁ ମଧ୍ୟ ପ୍ରତିଫଳିତ କରୁଛି।

ସାହାଣୀ କପ ର ଏହି ୬୪ ବର୍ଷର ଯାତ୍ରା ଆମ ରାଜ୍ୟର ଖେଳ ପ୍ରତି ଅଗାଧ ଭଲପାଇବା, ସଂଘଟିତ ଚେଷ୍ଟା ଓ ଯୁବ ଶକ୍ତିର ଜ୍ୱଳନ୍ତ ଉଦାହରଣ। ଏହି ପ୍ରତିଯୋଗିତା ଦ୍ୱାରା ବହୁତ ଅନୁଭବୀ ଓ ଉଦୀୟମାନ ଖେଳାଳି ରାଜ୍ୟ ଓ ଜାତୀୟ ସ୍ତରରେ ପରିଚିତି ହାସଲ କରିଛନ୍ତି। ତୃଣମୂଳ ସ୍ତରରେ କ୍ରୀଡାର ବିକାଶ ନିମନ୍ତେ ୩୧୪ ଟି ବ୍ଲକ ସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ୪ ହଜାର ୧୨୪ କୋଟି ଟଙ୍କା ବ୍ୟୟବରାଦ ହୋଇଛି ଏବଂ ବ୍ଲକସ୍ତରୀୟ ଷ୍ଟାଡିୟମ ସମୂହର ଭିତ୍ତିପ୍ରସ୍ତର ସ୍ଥାପନ ମଧ୍ୟ ହୋଇଛି। ଦୁଃସାହସିକ କ୍ରୀଡାକୁ ପ୍ରୋତ୍ସାହନ ଦେବାକୁ, ମନାଲିରେ ଆୟୋଜିତ ଶୀତକାଳୀନ ଦୁଃସାହସିକ କ୍ରୀଡା ଶିବିରରେ ୧୦୦ ରୁ ଅଧିକ ଯୁବ ପ୍ରତିଭାଙ୍କ ଅଂଶଗ୍ରହଣ ଆମ ପାଇଁ ନିଶ୍ଚିତ ଭାବେ ଗୌରବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ପୁଣି କହିଥିଲେଯେ, କେନ୍ଦୁଝର, ସମ୍ବଲପୁର, ବ୍ରହ୍ମପୁର ଓ କୋରାପୁଟକୁ ସ୍ପୋର୍ଟସ ହବ୍ ଭାବେ ବିକଶିତ କରାଯିବା ସହ ସାରା ରାଜ୍ୟରେ ବିଶ୍ୱସ୍ତରୀୟ ସୁବିଧା ଉପଲବ୍ଧ କରାଯାଉଛି। ତୃଣମୂଳ ସ୍ତରରୁ ପ୍ରତିଭାକୁ ଚିହ୍ନଟ ଓ ପ୍ରୋତ୍ସାହନ ଏବଂ ରାଜ୍ୟ ଫୁଟବଲ୍ ଦଳ ଗଠନ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଟ୍ରଫି ୧୫ ବର୍ଷରୁ କମ୍ ଫୁଟବଲ୍ ଚାମ୍ପିଅନସିପ୍ ଆରମ୍ଭ ହୋଇଛି। ରାଜ୍ୟ ସରକାର ରାଜ୍ୟରେ କ୍ରୀଡ଼ାର ଉନ୍ନତି ପାଇଁ ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି। କ୍ରୀଡ଼ାକୁ ଯୁବସମାଜର ଜୀବନଶୈଳୀର ଅବିଚ୍ଛେଦ୍ୟ ଅଙ୍ଗରେ ପରିଣତ କରିବା ପାଇଁ ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରାଯାଉଛି ।ଉକ୍ତ କାର୍ଯ୍ୟକ୍ରମରେ, ବିଧାୟକ ଶ୍ରୀ ଅଖିଳ ଚନ୍ଦ୍ର ନାଏକ, ଡକ୍ଟର ଫକୀର ମୋହନ ନାଏକ, ଝାରସୁଗୁଡା ବିଧାୟକ ତଥା ଓଡିଶା ଫୁଟବଲ ସଂଘର ସଭାପତି ଶ୍ରୀ ଟଙ୍କଧର ତ୍ରିପାଠୀ, ଜିଲ୍ଲାପାଳ, ଶ୍ରୀ ବିଶାଲ ସିଂହ, ଓଡିଶା ଅଲମ୍ପିକ ଆସୋସିଏସନର ସାଧାରଣ ସମ୍ପାଦକ ଶ୍ରୀ ଅଭିଜିତ ପାଲଏବଂ ସାହାଣୀ କପ୍ ର ସଂଯୋଜକ, ଜିଲ୍ଲା ଜିଲ୍ଲା ଆଥଲେଟିକ ସଂଘର କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।



## ଡି.ଏ.ଭି ପବ୍ଲିକ ସ୍କୁଲ,ପାରାଦୀପ ଚମ୍ପିୟନ

ପାରାଦ୍ୱୀପ – ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଦ୍ୱାରା ପାରାଦ୍ୱୀପ ଠାରେ ଆୟୋଜିତ ଆନ୍ତଃବିଦ୍ୟାଳୟ କ୍ରିକେଟ୍ ପ୍ରତିଯୋଗିତାରେ ଡି.ଏ.ଭି. ପବ୍ଲିକ୍ ସ୍କୁଲ, ପାରାଦ୍ୱୀପ ପୋର୍ଟ ଚମ୍ପିଅନ ହୋଇଛି । ଫାଇନାଲ୍ ମ୍ୟାଚରେ ଡି.ଏ.ଭି. ପବ୍ଲିକ୍ ସ୍କୁଲ, ପାରାଦ୍ୱୀପ ପୋର୍ଟ, ବେଥାନୀ କନ୍‌ଭେଣ୍ଟ ସ୍କୁଲକୁ ୭ିକେଟରେ ହରାଇ ବିଜୟ ଲାଭ କରିଛି । ପ୍ରଥମେ ବେଥାନୀ କନ୍‌ଭେଣ୍ଟ ସ୍କୁଲ ବ୍ୟାଟିଂ କରି ୨୮.୪ ଓଭର୍ ରେ ୧୦ ୱିକେଟ୍ ବିନିମୟରେ ୯୩ ରନ୍ ସଂଗ୍ରହ କରିଥିଲା। ପ୍ରତିପକ୍ଷ ଦଳ ଡି.ଏ.ଭି. ପବ୍ଲିକ୍ ସ୍କୁଲ, ପାରାଦ୍ୱୀପ ପୋର୍ଟ ୧୮.୪ ଓଭର୍ ରେ ୩ ୱିକେଟ୍ ହରାଇ ୯୬ ରନ୍ କରି ସଫଳତା ହାସଲ କରିଛି । ଡି.ଏ.ଭି. ପବ୍ଲିକ୍ ସ୍କୁଲ, ପାରାଦ୍ୱୀପ ପୋର୍ଟର ସମସ୍ତ ଖେଳାଳି ଉଭୟ ବ୍ୟାଟିଂ ଓ ବୋଲିଂରେ ଉନ୍ନତ ଖେଳ ପ୍ରଦର୍ଶନ କରିଥିଲେ। ଡି.ଏ.ଭି. ପବ୍ଲିକ୍ ସ୍କୁଲ, ପାରାଦ୍ୱୀପ ପୋର୍ଟର ଛାତ୍ର ଆୟୁଷ ପରିଡ଼ାଙ୍କର ଚମତ୍କାର ପ୍ରଦର୍ଶନ ପାଇଁ ତାଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ରୂପେ ପୁରସ୍କୃତ କରାଯାଇଥିଲା।

## ୨୦ରେ ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା

ଯାଜପୁର, ୩।୮: ୧୮.୦୭.ଆସନ୍ତା ୨୦.୦୭.୨୦୨୫ ରିଖ ରବିବାର କୁସୁମା ନିକଟସ୍ଥ ବିଜୁ ପଟ୍ଟନାୟକ ସନ୍ତରଣ ଗାରରେ ଜିଲ୍ଲା ସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହେବ ଏହି ପ୍ରତିଯୋଗିତାରେ ବିଭିନ୍ନ ବର୍ଗର ଯଥା: ୫ ରୁ ୭ ବର୍ଷ – ଗ୍ରୁପ ୫, ୮ ରୁ ୯ ବର୍ଷ – ଗ୍ରୁପ ୪, ୧୦ ରୁ ୧୧ ବର୍ଷ – ଗ୍ରୁପ ୩, ୧୨ ରୁ ୧୪ ବର୍ଷ – ଗ୍ରୁପ ୨, ୧୫ ରୁ ୧୭ – ଗ୍ରୁପ ୧ ଓ ୧୮ ବର୍ଷରୁ ଉର୍ଦ୍ଧ୍ୱ ମୁକ୍ତ ବର୍ଗରେ ପରିଗଣିତ ହେବ ଇଚ୍ଛୁକ ପ୍ରତିଯୋଗୀ ମାନେ ଜନ୍ମଗତ ପ୍ରମାଣ ପତ୍ର ସାଙ୍ଗରେ ଆଣି ସକାଳ ୬.୦୦ ଘଟିକା ସୁଦ୍ଧା ଉପସ୍ଥିତ ରହିବାକୁ ଅନୁରୋଧ ସବିଶେଷ ତଥ୍ୟ ପାଇଁ ସନ୍ତରଣ ପ୍ରଶିକ୍ଷକ ଜମାଲ ଖାଁ, ମୋବାଇଲ ନମ୍ବର – ୭୦୦୮୬୪୩୦୬୭ ସହିତ ଯୋଗାଯୋଗ କରିବାକୁ ଅନୁରୋଧ।

# ପୁରୁଣା ଦଲୀପ ଟ୍ରଫି ଫର୍ମାଟକୁ ରଶ୍ମିଙ୍କ ସ୍ୱାଗତ




ଭୁବନେଶ୍ୱର,୩।୮: ଭାରତୀୟ ଘରୋଇ କ୍ରିକେଟ୍‌ର ଅନ୍ୟତମ ପ୍ରମୁଖ ଜୋନାଲ୍ ପ୍ରଥମ ଶ୍ରେଣୀ ପ୍ରତିଯୋଗିତା ଦଲୀପ ଟ୍ରଫି ପୁଣି ଥରେ ତାର ପାରମ୍ପରିକ ଫର୍ମାଟକୁ ଫେରୁଛି। ଅଗଷ୍ଟ ୨୮ ତାରିଖରୁ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତା ପୁଣି ଥରେ ଜୋନ୍‌ଭିତ୍ତିକ ଖେଳାଯିବ। ଗତ ମାସରେ ବିସିସିଆଇର ଆପେକ୍ସ କାଉନସିଲ୍ ବୈଠକରେ ଏହି ପରିବର୍ତ୍ତନ ପାଇଁ ଆସିଥିବା ସୁପାରିସ୍‌କୁ ମଞ୍ଜୁରି ମିଳିଛି।ଗତ ଋତୁରେ ଦେଶର ପ୍ରମୁଖ ପ୍ରଥମ ଶ୍ରେଣୀ ଖେଳାଳିଙ୍କୁ ୪ଟି ଦଳରେ (ଏ,ବି,ସି,ଡି) ବିଭକ୍ତ କରାଯାଇ ଦଲୀପ ଟ୍ରଫି ଖେଳାଯାଉଥିଲା। ଏବେ ପୂର୍ବଭଳି ୬ଟିଜୋନ୍–ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ, କେନ୍ଦ୍ର ଓ ଉତ୍ତର–ପୂର୍ବ ଦଳ ଭାବେ ଖେଳିବେ ଏହା କ୍ରିକେଟ୍ ସ୍ତରକୁ ଅଧିକ ଉନ୍ନତ କରିବ ବୋଲି ବିସିସିଆଇ ଆଶା କରିଛି ।

ପ୍ରଥମ ଶ୍ରେଣୀ କ୍ରିକେଟ୍‌ର ଅନ୍ୟତମ ମହାନ ଖେଳାଳି ତଥା ଓଡ଼ିଶା ରଣଜୀ ଦଳର ପୂର୍ବତନ ଅଧିନାୟକ ରଶ୍ମିରଂଜନ ପରିଡ଼ା ବି ଦଲିପ ଟ୍ରଫି ଫର୍ମାଟ୍‌ର ପ୍ରତ୍ୟାବର୍ତ୍ତନକୁ ସ୍ୱାଗତ କରିଛନ୍ତି ବିଶେଷ କରି ଏହା ଓଡ଼ିଶା ଖେଳାଳିଙ୍କୁ ଫାଇଦା ଦେବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ଗତ ଋତୁରେ ସର୍ବଭାରତୀୟ ସ୍ତରରୁ ୪ଟି ଦଳ ମନୋନୀତ ହେବା ଫଳରେ ଆମ ଖେଳାଳିମାନେ ବହୁ ତଳେ ରହିଯାଉଥିଲେ। ଦଳୀୟ ଭାବନାରେ ଖେଳିବା ବି ବଢ଼ିପାରିବ ଜୋନାଲ ଭିତ୍ତିରେ ଦଳ ଚୟନ ବେଳେ ଓଡ଼ିଶା ଖେଳାଳିଙ୍କୁ ପୂର୍ବାଞ୍ଚଳ କୋଟା ହେଉ ଅବା ଜୋନ୍ ଖେଳାଳିଙ୍କ ଭିତରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଅନାୟାସରେ ଜାତୀୟ ଚୟନକର୍ତ୍ତାଙ୍କୁ ଆକୃଷ୍ଟ କରିବାକୁ ସୁଯୋଗ ମିଳିବ ବୋଲି ପ୍ରକାଶ କରିଛନ୍ତି।

ଏକମାତ୍ର ଓଡ଼ିଆ ଖେଳାଳି ଭାବେ ଦୁଇ ଥର (୨୦୧୦–୧୧, ୧୦୧୧–୧୨) ରଣଜୀ ଟ୍ରଫି ଜିତିଥିବା ମହାନ ବ୍ୟାଟର୍ ରଶ୍ମି ରଂଜନ ପରିଡ଼ା ଓଡ଼ିଶା କେବେ ରଣଜୀ ଟ୍ରଫି ଜିତି ନଥିବା ବେଳେ ରଶ୍ମି ଏହି ସଫଳତା ରାଜସ୍ଥାନ ପାଇଁ ଖେଳି ହାସଲ କରିଥିଲେ ରଣଜୀ ଟ୍ରଫି ଫାଇନାଲ୍‌ର ଶ୍ରେଷ୍ଠ ଖେଳାଳି ହେବାର ସମ୍ମାନ ବି ରହିଛି ରଶ୍ମିଙ୍କ ଝୁଲାରେ ଦଲୀପ ଟ୍ରଫିରେ ପ୍ରାୟ ୭/୮ ମ୍ୟାଚ୍ ଖେଳିଥିବା ରଶ୍ମି ବି ଏକାଧିକ (୫) ଘରୋଇ ଦଳରୁ ଖେଳିବାର ବିରଳ କୃତିତ୍ୱ ବହନ କରଛନ୍ତି। ଓଡ଼ିଶା ସହିତ ସେ ଆସାମ, ରାଜସ୍ଥାନ, ବିଦର୍ଭ, ହିମାଚଳ ପ୍ରଦେଶ ପାଇଁ ବି ରଣଜୀ ଖେଳିଛନ୍ତି। ଓଡ଼ିଶା କ୍ରିକେଟ୍‌ର ଏହି ଦ ୱାଲ୍ ଓଡ଼ିଶା ସହିତ ଆସାମର ବି ଅଧିନାୟକତ୍ୱ କରିଥିଲେ। ଦୁଇ ଦଶନ୍ଧିର (୧୯୯୪–୨୦୧୪) ଘରୋଇ କ୍ରିକେଟ୍ ଜୀବନରେ ରଶ୍ମି ୧୩୯ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରୁ ୧୬ ଶତକ ଓ ୫୧ ଅର୍ଦ୍ଧଶତକ ସହ ୮,୩୧୭ ରନ୍ ଏବଂ ୬୬ ଲିଷ୍ଟ ଏ ମ୍ୟାଚ୍‌ରୁ ୨ ଶତକ ଓ ୧୫ ଅର୍ଦ୍ଧଶତକ ସହ ୨୦୬୩ ରନ୍ ସଂଗ୍ରହ କରିଥିଲେ। ଓଡ଼ିଶାକୁ ପ୍ରଥମ ଥର ରଣଜୀ ଟ୍ରଫି ସେମିଫାଇନାଲ୍ ନେବାରେ ବି ରଶ୍ମିଙ୍କ ଅବଦାନ ଅତୁଳନୀୟ ଥିଲା।

## କେକେଆର୍‌ଠାରୁ ଅଲଗା ହେଲେ ମୁଖ୍ୟ କୋଚ୍

କୋଲକାତା,୩।୮: ଚଳିତବର୍ଷ ଆଇପିଏଲ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଓ ଦଳର ମୁଖ୍ୟ କୋଚ୍ ଚନ୍ଦ୍ରକାନ୍ତ ପଣ୍ଡିତ ମଙ୍ଗଳବାର ଅଲଗା ହୋଇଛନ୍ତି ଏ ନେଇ କେକେଆର୍ ପକ୍ଷରୁ ଘୋଷଣା କରାଯାଇଛି ଚନ୍ଦ୍ରକାନ୍ତ ଗତ ଦୁଇ ବର୍ଷ ଧରି କେକେଆର୍ ମୁଖ୍ୟ କୋଚ୍ ଥିଲେ ତାଙ୍କ ମାର୍ଗଦର୍ଶନରେ କେକେଆର୍ ୨୦୨୪ରେ ତୃତୀୟ ଥର ପାଇଁ ଆଇପିଏଲ୍ ଟ୍ରଫି ଉଠାଇଥିଲା ହେଲେ ଚଳିତବର୍ଷ ୨୦୨୫ ସଂସ୍କରଣରେ ଦଳ ଅଷ୍ଟମ ସ୍ଥାନରେ ଅଭିଯାନ ଶେଷ କରିଥିଲା, ଯାହାକି ଫ୍ରାଞ୍ଚାଇଜର ଇତିହାସରେ ସର୍ବନିମ୍ନ ପୋଜିଶନ ଥିଲା।

# ଆଉ ୫ ବର୍ଷ କ୍ରିକେଟ ଖେଳିବାକୁ ଇଚ୍ଛା, କିନ୍ତୁ.. : ଧୋନୀ




ଚେନ୍ନାଇ,୩।୮: ଚଳିତ ବର୍ଷର ଇଣ୍ଡିଆନ୍ ପ୍ରିମିୟର ଲିଗରେ ଚେନ୍ନାଇ ସୁପର କିଙ୍ଗ୍‌ର ପ୍ରଦର୍ଶନ ଅତ୍ୟନ୍ତ ଖରାପ ଥିଲା ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂହ ଧୋନିଙ୍କ ଅଧିନାୟକତ୍ୱ ଥିବା ସତ୍ତ୍ୱେ ଏହି ଦଳ ବହୁତ ଖରାପ ପ୍ରଦର୍ଶନ କରିଥିଲା ଏବଂ ପଏଣ୍ଟ ଟେବୁଲର ସବୁଠାରୁ ତଳେ ଥିଲା। ଏପରିକି ଧୋନୀଙ୍କ ପ୍ରଦର୍ଶନ ବି ଖରାପ ଥିଲା ଏହା ପରେ, ଆଇପିଏଲରୁ ଧୋନିଙ୍କ ଅବସରକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଥିଲା, କିନ୍ତୁ ଏକ ସାକ୍ଷାତକାର ସମୟରେ ସେ ଏପରି ଏକ ଖୁଲାସା କରିଛନ୍ତି, ଯାହା କ୍ରିକେଟ୍ ପ୍ରଶଂସକଙ୍କୁ ଆଶ୍ଚର୍ଯ୍ୟ କରିଛି ଧୋନୀ ଆହୁରି ପାଞ୍ଚ ବର୍ଷ ଖେଳିବା ଲାଗି ନିଜର ଇଛା ଥିବା କହିଥିଲେ, କିନ୍ତୁ ଏହା ସହିତ ସେ କହିଥିଲେ ଯେ ଏଥିପାଇଁ ଫିଟନେସ ରହିବା ବଡ଼ ପ୍ରଶ୍ନ।

ମୋତେ ଆଗାମୀ ୫ ବର୍ଷ ପାଇଁ କ୍ରିକେଟ୍ ଖେଳିବାକୁ ଅନୁମତି ମିଳିଛି, କିନ୍ତୁ ଡାକ୍ତର କେବଳ ଦୃଷ୍ଟିଶକ୍ତି ପାଇଁ ଅନୁମତି ଦେଇଛନ୍ତି, ମୋ ଶରୀର ପାଇଁ ନୁହେଁ ଏପରି ପରିସ୍ଥିତିରେ, ମୁଁ କେବଳ ମୋ ଆଖିକୁ ନେଇ କ୍ରିକେଟ୍ ଖେଳିପାରିବି ନାହିଁ

ଚେନ୍ନାଇରେ ଏକ କାର୍ଯ୍ୟକ୍ରମ ସମୟରେ, ମହେନ୍ଦ୍ର ସିଂହ ଧୋନିଙ୍କୁ ଆଇପିଏଲ ୨୦୨୬ରେ ଖେଳିବା ବିଷୟରେ ପ୍ରଶ୍ନ ପଚରାଯାଇଥିଲା। ଏଥିରେ ସେ କହିଥିଲେ, ମୋତେ ଆଗାମୀ ୫ ବର୍ଷ ପାଇଁ କ୍ରିକେଟ୍ ଖେଳିବାକୁ ଅନୁମତି ମିଳିଛି, କିନ୍ତୁ ଡାକ୍ତର କେବଳ ଦୃଷ୍ଟିଶକ୍ତି ପାଇଁ ଅନୁମତି ଦେଇଛନ୍ତି, ମୋ ଶରୀର ପାଇଁ ନୁହେଁ ଏପରି ପରିସ୍ଥିତିରେ, ମୁଁ କେବଳ ମୋ ଆଖିକୁ ନେଇ କ୍ରିକେଟ୍ ଖେଳିପାରିବି ନାହିଁ ଅର୍ଥାତ ଧୋନୀ ପରୋକ୍ଷରେ ସୂଚାଇ ଦେଇଛନ୍ତି ଯେ ସେ ଆଇପିଏଲ ଖେଳିବାକୁ ଇଚ୍ଛୁକ ଥିଲେ ବି ଏହି ବୟସରେ ଫିଟନେସ ରକ୍ଷା କରିବା ସହଜ ନୁହେଁ ।




ଏବି ଡିଭିଲିୟର୍ସଙ୍କ ଏକ ଧମାକାଦାର ଅପରାଜିତ ଶତକ ସହିତ ପୁଣି ଥରେ ପୁରୁଣା ସ୍ମୃତି ମନେପକାଇଥିଲା। ବିଶ୍ୱ ଚମ୍ପିଅନସିପ୍ ଅଫ୍ ଲିଜେଣ୍ଡସ୍ (ଡବ୍ଲୁସିଏଲ) ଫାଇନାଲରେ ଦକ୍ଷିଣ ଆଫ୍ରିକା ଚମ୍ପିଅନ୍ସ ପାକିସ୍ତାନ ଚମ୍ପିଅନ୍ସକୁ ୯ ୱିକେଟରେ ପରାସ୍ତ କରି ପ୍ରଥମ ଥର ପାଇଁ ଟାଇଟଲ ଜିତିଛି।

## ଆଉ ଡବ୍ଲୁସିଏଲ୍ ଖେଳିବନି ପାକିସ୍ତାନ

ନୂଆଦିଲ୍ଲୀ,୩।୮: ପାକିସ୍ତାନ କ୍ରିକେଟ୍ ବୋର୍ଡର ବଡ଼ ନିଷ୍ପତ୍ତି ଆଉ ଡବ୍ଲୁସିଏଲ୍ ଖେଳିବନି ପାକିସ୍ତାନ ପାକିସ୍ତାନ କ୍ରିକେଟ୍ ବୋର୍ଡ ଭବିଷ୍ୟତରେ ବିଶ୍ୱ ଚମ୍ପିଅନସିପ୍ ଅଫ୍ ଲିଜେଣ୍ଡସ୍ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲାଗୁ କରିବାକୁ ନିଷ୍ପତ୍ତି ନେଇଛି ପାକିସ୍ତାନ କ୍ରିକେଟ୍ ବୋର୍ଡ ଘୋଷଣା କରିଛି ଯେ, ଭବିଷ୍ୟତରେ ବିଶ୍ୱ ଚମ୍ପିଅନସିପ୍ ଅଫ୍ ଲିଜେଣ୍ଡସ୍‌ରେ ଆଉ କେବେ ଅଂଶଗ୍ରହଣ କରିବ ନାହିଁ।ପାକିସ୍ତାନ କ୍ରିକେଟ୍‌ର ପରିଚାଳନା ସଂସ୍ଥା ଅନୁଯାୟୀ, ଭାରତ ଲିଜେଣ୍ଡସ୍ ପାକିସ୍ତାନ ବିପକ୍ଷ ସେମିଫାଇନାଲ ମ୍ୟାଚ୍‌ରୁ ଓହରିଯିବା ନିଷ୍ପତ୍ତି ନେବା ପରେ ଡବ୍ଲୁସିଏଲର ବୟାନ ଓ କାର୍ଯ୍ୟରେ ସ୍ପଷ୍ଟ ପକ୍ଷପାତିତା ଏବଂ ଦୋହରା ମନୋଭାବ ଦେଖାଯାଇଥିଲା ପିସିବି କହିଛି, ମ୍ୟାଚ୍‌ରୁ ଜାଣିଶୁଣି ଓହରି ଯାଇଥିବା ଦଳକୁ ପଏଣ୍ଟ ଦେବା ଏବଂ ଭାରତ ଓ ପାକିସ୍ତାନ ମଧ୍ୟରେ ଲିଜେଣ୍ଡସ୍ ମ୍ୟାଚ୍ ବାତିଲ କରିବା ସମ୍ପର୍କରେ ପ୍ରେସ୍ ବିଜ୍ଞପ୍ତି ଉଭୟ ପକ୍ଷପାତିତାପୂର୍ଣ୍ଣ ଓ କପଟତା ପରିପୂର୍ଣ୍ଣ ଥିଲା।ଶିଖର ଧାନଙ୍କ ସମେତ ଅନେକ ଭାରତୀୟ ଖେଳାଳି ଟୁର୍ଣ୍ଣାମେଣ୍ଟର ଲିଗ୍ ପର୍ଯ୍ୟାୟରେ ପାକିସ୍ତାନ ବିପକ୍ଷରେ ଖେଳିବାକୁ ମନା କରିଦେଇଥାଏ।ଏହାପରେ ଦୁଇ ଦଳ ସେମିଫାଇନାଲରେ ପୁଣି ଥରେ ପରସ୍ପରର ମୁହାଁମୁହିଁ ହେବାର ଥିଲା କିନ୍ତୁ ଭାରତୀୟ ଦଳ ମ୍ୟାଚ୍‌ରୁ ଓହରି ଯିବାକୁ ନିଷ୍ପତ୍ତି ନେଇଥିଲା।

# ଇଂଲଣ୍ଡକୁ ଦରକାର ୩୫ ରନ୍, ଭାରତକୁ ୪ ୱିକେଟ




ଓଭାଲ,୩।୮: ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଆଣ୍ଡରସନ–ତେନ୍ଦୁଲକର ଟ୍ରଫି ୨୦୨୫ର ଶେଷ ଟେଷ୍ଟ ମ୍ୟାଚ୍ ଲଣ୍ଡନର ଓଭାଲ କ୍ରିକେଟ୍ ଗ୍ରାଉଣ୍ଡରେ ଚାଲିଛି । ଆଜି (୩ ଅଗଷ୍ଟ) ଏହି ମ୍ୟାଚର ଚତୁର୍ଥ ଦିନ ଇଂଲଣ୍ଡ ଦଳ ତା'ରଦ୍ୱିତୀୟ ଇନିଂସରେ ବ୍ୟାଟିଂ କରୁଛି ଇଂଲଣ୍ଡର ସ୍କୋର ୩୩୯ ରନ୍ ଏବଂ ଏହା ୬ ୱିକେଟ୍ ହରାଇଛି । ଜେମି ଓଭରଟନ୍ ଏବଂ ଜେମି ସ୍ମିଥ୍ କ୍ରିଜରେ ଅପରାଜିତ ରହିଛନ୍ତି । ଇଂଲଣ୍ଡ ବିଜୟଠାରୁ ୩୫ ରନ୍ ଦୂରରେ ଅଛି। ଭାରତକୁ ଚାରି ୱିକେଟ୍ ଆବଶ୍ୟକ। ବର୍ତ୍ତମାନ ଖରାପ ଆଲୋକ ଯୋଗୁଁ ଖେଳ ବନ୍ଦ ରହିଛି ।

।ଏହି ମ୍ୟାଚ୍‌ରେ ଭାରତୀୟ ଦଳ ଇଂଲଣ୍ଡକୁ ବିଜୟ ପାଇଁ ୩୭୪ ରନ୍‌ର ଟାର୍ଗେଟ ଦେଇଥିଲଶ। ଭାରତୀୟ ଦଳ ତାର ପ୍ରଥମ ଇନିଂସରେ ୨୨୪ ରନ୍ କରିଥିଲା ଏବଂ ଇଂଲଣ୍ଡ ତାର ପ୍ରଥମ ଇନିଂସରେ ୨୪୭ ରନ୍ କରିଥିଲା ।ପ୍ରଥମ ଇନିଂସ ଆଧାରରେ ଇଂଲଣ୍ଡ ୨୩ ରନ୍‌ର ସାମାନ୍ୟ ଅଗ୍ରଣୀ ପାଇଥିଲା ।ତାପରେ ଭାରତୀୟ ଦଳର ଦ୍ୱିତୀୟ ଇନିଂସ ୩୯୬ ରନ୍‌ରେ ଶେଷ ହୋଇଥିଲା ।

ଶୁବମନ ଗିଲଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପାଇଁ ଏହି ମ୍ୟାଚ୍ ବହୁତ ଗୁରୁତ୍ୱପୂର୍ଣ୍ଣ। ଏହି ମ୍ୟାଚ୍ ଜିତିଲେ ହିଁ ଭାରତୀୟ ଦଳ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜକୁ ସମାନ କରିପାରିବ। ଯଦି ଓଭାଲ୍ ଟେଷ୍ଟ ଡ୍ରରେ ଶେଷ ହୁଏ କିମ୍ବା ଇଂଲଣ୍ଡ ଜିତିଯାଏ, ତେବେ ଭାରତୀୟ ଦଳ ସିରିଜ୍ ହାରିଯିବ ।

ରନ ଚେଜ୍ ସମୟରେ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ଭଲ ଆରମ୍ଭ କରିଥିଲା । ଜ୍ୟାକ୍ କ୍ରାଉଲି ଏବଂ ବେନ୍ ଡକେଟ ମିଶି ପ୍ରଥମ ୱିକେଟ ପାଇଁ ୫୦ ରନର ଭାଗୀଦାରି କରିଥିଲେ । ଏହି ଭାଗୀଦାରିକୁ ଦ୍ରୁତ ବୋଲର ମହମ୍ମଦ ସିରାଜ ଭାଙ୍ଗି ଦେଇଥିଲେ, ଯିଏ ତୃତୀୟ ଦିନର ଖେଳର ଶେଷ ବଲରେ ଜ୍ୟାକ୍ କ୍ରାଉଲିଙ୍କୁ ବୋଲ୍ଡ କରିଥିଲେ ।ଖେଳର ଚତୁର୍ଥ ଦିନ, ବେନ୍ ଡକେଟ ଏବଂ ଓଲି ପୋପ୍ ସତର୍କତାର ସହିତ ଆରମ୍ଭ କରିଥିଲେ ଏବଂ ଦ୍ୱିତୀୟ ୱିକେଟ ପାଇଁ ୩୨ ରନ ଯୋଡିଥିଲେ। ଅର୍ଦ୍ଧଶତକ ମାରିବା ପରେ, ଡକେଟ ପ୍ରସିଦ୍ଧ କୃଷ୍ଣଙ୍କ ବୋଲିଂରେ କେଏଲ ରାହୁଲଙ୍କ ଦ୍ୱାରା କ୍ୟାଚ୍ ହୋଇଥିଲେ ଡକେଟ ୮୩ ବଲରୁ ୫୪ ରନ କରିଥିଲେ, ଯେଉଁଥିରେ ୬ ଚୌକା ଥିଲା ଡକେଟଙ୍କ ପରେ, ଇଂଲଣ୍ଡ ଶସ୍ତାରେ ଓଲି ପୋପ୍ ଙ୍କ ୱିକେଟ ହରାଇଥିଲା, ଯିଏ ମହମ୍ମଦ ସିରାଜଙ୍କ ବଲରେ ଏଲବିଡବ୍ଲ୍ୟୁ ଆଉଟ ହୋଇଥିଲେ ପୋପ୍ ଆଉଟ୍ ହେବା ସମୟରେ ସ୍କୋର ୧୦୬/୩ ଥିଲା।ଏହିଠାରୁ ଜୋ ରୁଟ୍ ଏବଂ ହ୍ୟାରି ବ୍ରୁକ୍ ମିଶି ଏକ ଶତକୀୟ ଭାଗୀଦାରି କରିଥିଲେ ଏବଂ ଇଂଲଣ୍ଡକୁ ମ୍ୟାଚ୍ କୁ ଫେରାଇ ଆଣିଥିଲେ ବ୍ରୁକ୍ ବିସ୍ଫୋରକ ବ୍ୟାଟିଂ କରିଥିଲେ ଏବଂ ମାତ୍ର ୩୯ ବଲ୍ ରେ ୬ ଚୌକା ଏବଂ ୨ ଛକା ସହାୟତାରେ ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିଲେ। ଜୋ ରୁଟ୍ ମଧ୍ୟ ନିଜସ୍ ଶୈଳୀରେ ବ୍ୟାଟିଂ କରିଥିଲେ ଏବଂ ୮୧ ବଲ୍ ରେ ୬ ଚୌକା ସହାୟତାରେ ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିେ।

ଚତୁର୍ଥ ଦିନର ଖେଳର ଦ୍ୱିତୀୟ ସେସନରେ ହ୍ୟାରି ବ୍ରୁକ୍ ଏବଂ ଜୋ ରୁଟ୍ ଭାରତୀୟ ବୋଲରମାନଙ୍କୁ ଅଧିକ ସୁଯୋଗ ଦେଇ ନଥିଲେ। ଉଭୟ ସହଜରେ ରନ୍ ସଂଗ୍ରହ କରିଥିଲେ। ବ୍ରୁକ୍ ୯୧ ବଲରେ ତାଙ୍କର ଶତକ ପୂରଣ କରିଥିଲେ, ଯେଉଁଥିରେ ୧୨ ଚୌକା ଏବଂ ୨ଟି ଛକା ଅନ୍ତର୍ଭୁକ୍ତ ଥିଲା ବ୍ରୁକ୍ ୧୧୧ ରନ୍ (୯୮ ବଲ୍, ୧୪ ଚୌକା ଏବଂ ୨ଟି ଛକା) କରିବା ପରେ ଆକାଶ ଦୀପଙ୍କ ବଲ୍ ରେ ଆଉଟ୍ ହୋଇଥିଲେ। ଚତୁର୍ଥ ୱିକେଟ୍ ପାଇଁ ବ୍ରୁକ୍ ଏବଂ ରୁଟ୍ ମଧ୍ୟରେ ୧୯୫ ରନ୍ ର ପାର୍ଟନରସିପ୍ ହୋଇଥିଲା। ହ୍ୟାରି ବ୍ରୁକ୍ ଆଉଟ୍ ହେବା ପରେ ଜୋ ରୁଟ୍ ଏବଂ ଜାକବ୍ ବେଥେଲ୍ ଇନିଂସକୁ ଆଗକୁ ବଢ଼ାଇଥିଲେ ।ରୁଟ୍ ୧୨ଟି ଚୌକା ସହାୟତାରେ ୧୩୭ ବଲ୍ ରେ ତାଙ୍କର ଶତକ ପୂରଣ କରିଥିଲେ।ଏହା ରୁଟ୍‌ଙ୍କ ଟେଷ୍ଟ କ୍ୟାରିୟରରେ ୩୯ତମ ଶତକ ଥିଲା। ରୁଟ୍ ଶତକ ହାସଲ କରିବା ପରେ ମ୍ୟାଚ୍ ରେ ଏକ ମୋଡ଼ ଆସିଥିଲା। ପ୍ରଥମେ ଜାକବ୍ ବେଥେଲ୍‌ଙ୍କୁ ପ୍ରସିଦ୍ଧ କୃଷ୍ଣ ବୋଲ୍ଡ କରିଥିଲେ। ତାପରେ ପ୍ରସିଦ୍ଧ କୃଷ୍ଣ ମଧ୍ୟ ରୁଟ୍‌ଙ୍କୁ ପାଭିଲିୟନ୍ ପଠାଇ ଦେଇଥିଲେ ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ